


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ-୩୩ ● ସଂଖ୍ୟା-୨୧୬ ● ୫ ସେପ୍ଟେମ୍ବର ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-216 ● 5th September 2026, Saturday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27


## ସିଏମ୍ କିଷାନ ଯୋଜନାର ୫ମ କିସ୍ତି ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

# ୪୧.୩୫ ଲକ୍ଷ ଚାଷୀଙ୍କ ଖାତାକୁ ଗଲା ୮୩୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା

**ଭୁବନେଶ୍ୱର, ୪।୯**
**ନ୍ୟୁଜ୍ ବ୍ୟୁରୋ**

ପବିତ୍ର ଜନ୍ମାଷ୍ଟମୀ ଓ କୃଷି ଭିତ୍ତିକ ଗଣପର୍ବ 'ନୂଆଁଖାଇ'ର ଅବ୍ୟବହିତ ପୂର୍ବରୁ ରାଜ୍ୟର ଅଗଣିତ ଚାଷୀ ଭାଇ ଓ ଭଉଣୀମାନଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶୁକ୍ରବାର ସ୍ଥାନୀୟ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ସିଏମ୍-କିଷାନ୍ ଯୋଜନାର ପଞ୍ଚମ କିସ୍ତି ବାବଦକୁ ରାଜ୍ୟର ୪୧ ଲକ୍ଷ ୩୫ ହଜାର ୯୭୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୩ ହଜାର ୯୪୯ ଭୂମିହୀନ କୃଷି ପରିବାରଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ୮୩୩ କୋଟିରୁ ଅଧିକ ଟଙ୍କାର ସହାୟତା ରାଶି ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହସ୍ତାନ୍ତର କରାଯାଇଛି। ସୂଚନା ଯୋଗ୍ୟଯେ, ୨୦୨୬-୨୭ ରବି ଫସଲ ପୂର୍ବରୁ ବିହନ, ସାର ଓ କୀଟନାଶକ କିଣିବାରେ




ଏହି ଅର୍ଥ ଚାଷୀମାନଙ୍କୁ ସହାୟକ ହେବ।

ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ସଦାସର୍ବଦା ଚାଷୀ ଓ ଭୂମିହୀନ ପରିବାରଗୁଡ଼ିକର କଲ୍ୟାଣ ପାଇଁ ପ୍ରତିବଦ୍ଧ। କୃଷକଙ୍କ ସମୃଦ୍ଧି ହିଁ ଓଡ଼ିଶାର ପ୍ରଗତିର ପ୍ରକୃତ ମୂଳଦୁଆ। 'ସିଏମ୍ କିଷାନ' ଯୋଜନା ମାଧ୍ୟମରେ ଆମେ କେବଳ ଆର୍ଥିକ ସହାୟତା ପ୍ରଦାନ କରୁନାହୁଁ ବରଂ ଚାଷୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ସେମାନଙ୍କ ଶ୍ରମକୁ ଉଚିତ ସମ୍ମାନ ଦେଉଛୁ। କୃଷି ସାମଗ୍ରୀ କ୍ରୟଠାରୁ ଆରମ୍ଭ କରି ଆନୁଷଙ୍ଗିକ ଜୀବିକା ଏବଂ ଚାଷୀ ପରିବାରର ପିଲାମାନଙ୍କୁ ଗୁଣାତ୍ମକ ବୈଷୟିକ ଶିକ୍ଷା ଯୋଗାଇଦେବା ପର୍ଯ୍ୟନ୍ତ ଏହି ଯୋଜନା ପ୍ରତ୍ୟେକ ସ୍ତରରେ ସହାୟକ ହେଉଛି।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ସମୃଦ୍ଧ କୃଷକ ଯୋଜନା, *(ପୃଷ୍ଠା ୭ରେ)*

## କକ୍ଷପଥରେ ସ୍ଥାପନା ହେଲା

# ଭାରତର ଉପଗ୍ରହ 'ଇଓଏସ୍-୫'

**ଶ୍ରୀହରିକୋଟା, ୪।୯**

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ 'ଇସ୍ରୋ' ଏକ ମାଇଲଖୁଣ୍ଟ ସ୍ଥାପନା କରିଛି । 'ଇସ୍ରୋ' ଦ୍ୱାରା ପ୍ରସ୍ତୁତ କୃତ୍ରିମ ଉପଗ୍ରହ 'ଇଓଏସ୍-୫' ସଫଳତାର ସହ ମହାକାଶରେ ସ୍ଥାପନା ହୋଇପାରିଛି । ଜିଓସାଂକ୍ରୋନସ ସାଟେଲାଇଟ ଲଞ୍ଚ ଭେହିକିଲ୍ ବା ଜିଏସ୍ଏଲଭି ମାଧ୍ୟମରେ ଉପଗ୍ରହକୁ ପୃଥିବୀଠାରୁ ୩୬,୦୦୦ କିମି ଦୂର ମହାକାଶରେ ସ୍ଥାପନା କରାଯାଇଛି । ଇସ୍ରୋର ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇସ୍ରୋ ବୈଜ୍ଞାନିକମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହାଦ୍ୱାରା ଭାରତ ମହାକାଶ ଗବେଷଣା କ୍ଷେତ୍ରରେ ମାଇଲଷ୍ଟୋନ ସ୍ଥାପନା କଲା ବୋଲି କହିଛନ୍ତି । ଏହି ସଫଳ ପ୍ରକ୍ଷେପଣ ପରେ 'ନଟି ବୟ' ବା ଦୁଷ୍ଟ ପିଲା ଭାବେ ନାମିତ ଜିଏସଏଲଭିକୁ କେତେକ



ମଜାରେ ଗୁଡବୟ ବୋଲି କହିବା ଆରମ୍ଭ କରିଦେଲେଣି ।

ଇସ୍ରୋ ପାଇଁ ଏହି ପ୍ରକ୍ଷେପଣ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଥିଲା । କାରଣ ନିକଟ ଅତୀତରେ ଇସ୍ରୋର କିଛି ମହତ୍ୱାକାଂକ୍ଷୀ ପ୍ରୋଜେକ୍ଟ ଅସଫଳ ହେବା ପରେ ବୈଜ୍ଞାନିକମାନଙ୍କ ମନୋବଳରେ ସାମାନ୍ୟ ବ୍ୟତିକ୍ରମ ଆସିଥିଲା । ୨୦୨୫-୨୬ରେ ପିଏସଏଲଭି ଦ୍ୱାରା କରାଯାଇଥିବା କିଛି ଉତ୍କ୍ଷେପଣ ବିଫଳ ସାବ୍ୟସ୍ତ ହେବାରୁ ବୈଜ୍ଞାନିକମାନଙ୍କ ଚିନ୍ତା ବଢିଯାଇଥିଲା । ପିଏସଏଲଭିକୁ ବିଶ୍ୱର ଅନ୍ୟତମ ସଫଳ ପ୍ରକ୍ଷେପଣ ଯାନ କୁହାଯାଉଥିବା ବେଳେ ଏଥିରେ ବିଫଳତା ବୈଜ୍ଞାନିକମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଥିଲା । ଏବେ ଯେତେବେଳେ ଜିଏସଏଲଭି ହାତରେ ଏହି ନୂତନ ସାଟେଲାଇଟ ପ୍ରକ୍ଷେପଣ ଭାର ଦିଆଯାଇଥିଲା, ବୈଜ୍ଞାନିକମାନଙ୍କ ଉତ୍ସୁକତା ବଢ଼ିବା ସ୍ୱାଭାବିକ ଥିଲା ।

ଅନ୍ୟପକ୍ଷରେ ଇସ୍ରୋ ପାଖରେ ଜିଏସଏଲଭିର ଅନେକ ଦୁର୍ନାମ ରହିଥିବାରୁ ତା ନାଁ 'ନଟି ବୟ' ବା ଦୁଷ୍ଟ ପିଲା ରଖାଯାଇଥିଲା । କୁହାଯାଏ ଯେତେବେଳେ ଜିଏସଏଲଭି କାର୍ଯ୍ୟକ୍ରମ *(ପୃଷ୍ଠା ୭ରେ)*

## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ମାମଲା: ସିବିଆଇ ତଦନ୍ତ ଦାବି କଲେ ପୁଅ

**ନୂଆଦିଲ୍ଲୀ, ୪।୯**

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶୁକ୍ରବାର ହେଉଛି ୧୮ତମ ବଳିଦାନ ଦିବସ। ବଳିଦାନ ପୀଠରେ ଶ୍ରଦ୍ଧାଞ୍ଜଳି ଜଣାଇବା ଲାଗି ତାଙ୍କର ଏକମାତ୍ର ସୁପୁତ୍ର ଲୋକନାଥ ନାଥ ଜଲେଶପଟା ଆଶ୍ରମରେ ପହଞ୍ଚିଥିଲେ । ଆଉ ତାଙ୍କ ସହିତ ତାଙ୍କ ବୋହୂ ବାସନ୍ତୀ ନାଥ ମଧ୍ୟ ସାଙ୍ଗରେ ରହିଥିଲେ। *(ପୃଷ୍ଠା ୭ରେ)*



## ଇଟାଲୀ ପ୍ରଧାନମନ୍ତ୍ରୀ ମେଲୋନିଙ୍କୁ ଅଭିନନ୍ଦନ ଜଣାଇଲେ ମୋଦୀ

**ନୂଆଦିଲ୍ଲୀ, ୪।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନିଙ୍କୁ ଶୁକ୍ରବାର ଶୁଭେଚ୍ଛା ଜଣାଇଛନ୍ତି। ସର୍ବାଧିକ ସମୟ ପ୍ରଧାନମନ୍ତ୍ରୀ ପଦରେ ରହିଥିବାରୁ ମେଲୋନିଙ୍କୁ ମୋଦୀ ଅଭିନନ୍ଦନ ଜଣାଇଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ମୋଦୀ ମେଲୋନିଙ୍କୁ ତାଙ୍କ ବନ୍ଧୁ ବୋଲି କହିଛନ୍ତି।

ମୋଦୀ କହିଛନ୍ତି, ମେଲୋନିଙ୍କ ସଫଳତା ଇଟାଲୀ ନାଗରିକ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ମୋବାଇଲ୍ ଫୋନ୍ ହ୍ୟାକ୍।
- ସିଜେପି ବିକ୍ଷୋଭ ସମୟରେ ଘଟିଥିବା ଘଟଣାକୁ ନେଇ ପୋଲିସ ବିରୋଧରେ ପାର୍ଲିଆମେଣ୍ଟ ଷ୍ଟ୍ରିଟ୍ ପୋଲିସ ଷ୍ଟେସନ ସମ୍ମୁଖରେ ବିକ୍ଷୋଭ।
- ଶ୍ରମିକମାନଙ୍କୁ ନମସ୍ତେ ଏବଂ ଆୟୁଷ୍ମାନ କାର୍ଡ଼ ବଣ୍ଟନ କଲେ ରାମଦାସ ଅଠାୱାଲେ।
- ଡିଜିଟାଲ ଆରେଷ୍ଟ ସିଣ୍ଡିକେଟ୍ ବିରୋଧରେ ୨୦ଟି ରାଜ୍ୟରେ ଚଢ଼ଉ କଲା ସିବିଆଇ, ତିନିଜଣ ଗିରଫ।
- ସ୍ୱତନ୍ତ୍ର ଅଭିଯାନରେ ୩,୮୦୦ରୁ ଅଧିକ ପିଲାମାନଙ୍କୁ ଶିଶୁ ଶ୍ରମରୁ ମୁକ୍ତ, ୫୭୫ରୁ ଅଧିକ ଏଫ୍ଆଇଆର ପଞ୍ଜିକୃତ।

## ହୁତି ବିଦ୍ରୋହୀ-ୟେମେନ ସରକାରୀ ବାହିନୀ ସଂଘର୍ଷ: ୮୧ ମୃତ

**ଦୁବାଇ, ୪।୯**

ୟେମେନରେ ହୁତି ବିଦ୍ରୋହୀ ଓ ସରକାରୀ ବାହିନୀ ମଧ୍ୟରେ ଆରମ୍ଭ ହୋଇଥିବା ଭୟଙ୍କର ସଂଘର୍ଷରେ ୮୧ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩୯ ଜଣ ୟେମେନ ସରକାରୀ ବାହିନୀର ଯୋଦ୍ଧା ଓ ୪୨ ଜଣ ହୁତି ସଦସ୍ୟ ଅଛନ୍ତି।

ସାମରିକ ସୂତ୍ର ଅନୁସାରେ, ଲୋହିତ ସାଗରଉପକୂଳ ଅଞ୍ଚଳରେ ସରକାରୀ ବାହିନୀର ୨୪ ଜଣ ଯୋଦ୍ଧା ପ୍ରାଣ ହରାଇଛନ୍ତି। ଦେଶର ତାଇଜ୍ ଅଞ୍ଚଳରେ ଆଉ ୧୫ ଜଣ ସରକାରୀ ସୈନିକଙ୍କ ମୃତ୍ୟୁ ହୋଇଛି। ଏହା ସହ ହୁତି ନିୟନ୍ତ୍ରଣାଧୀନ ଅଞ୍ଚଳର ୪୨ ଜଣ ହୁତି ସଦସ୍ୟ ନିହତ ହୋଇଛନ୍ତି। ହୁତି ବାହିନୀ ସ୍ଥଳ ଆକ୍ରମଣ ଆରମ୍ଭ କରିବା ସହ ରକେଟ୍ ଓ ଡ୍ରୋନ୍ ଆକ୍ରମଣ କରିଥିଲା। ଲୋହିତ ସାଗର ଉପକୂଳ ଏବଂ ତାଇଜ୍ *(ପୃଷ୍ଠା ୭ରେ)*

## ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀର ଦୀକ୍ଷାନ୍ତ ସମାରୋହ

# ୨୦୨୯ ସୁଦ୍ଧା ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ସରକାର ସଂକଳ୍ପବଦ୍ଧ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୪।୯ : ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ ଠାରେ ୧୩ତମ ବ୍ୟାଚ୍ କ୍ୟାଡେଟ୍ ସବ୍-ଇନ୍ସପେକ୍ଟରମାନଙ୍କ ଦୀକ୍ଷାନ୍ତ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁଇ ବର୍ଷର କଠୋର ଇନ୍‌ଡୋର ଓ ଆଉଟ୍‌ଡୋର ପ୍ରଶିକ୍ଷଣ ସଫଳତାର ସହ ସମ୍ପୂର୍ଣ୍ଣ କରିଥିବା ୩୩୬ ଜଣ ନବନିଯୁକ୍ତ କ୍ୟାଡେଟ୍ ସବ୍-ଇନ୍ସପେକ୍ଟରଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏହି ବ୍ୟାଚ୍‌ରେ ୭୦ ଜଣ ମହିଳା ସବ୍-ଇନ୍ସପେକ୍ଟର ସାମିଲ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଆନନ୍ଦ ପ୍ରକାଶ କରିବା ସହ ଏହା ଓଡ଼ିଶାର *(ପୃଷ୍ଠା ୭ରେ)*

## ଏକାଳ ପଖାଳ



କହୁ କହୁ ସବୁ କହୁଛନ୍ତି
ହେଲେ ନିରାଟ ସତ
ଅବସ୍ଥା ବ୍ୟବସ୍ଥା ଯାହା ଚାଲିଛି
ଛାଇ ନୁହେଁ ନିଶ୍ଚେ ବଥ
ଏଇ ତ ବିକାଶ ପଥ
କେଁ କଟର ଶବଦ କରିଣ
ଠେଲାରେ ଚାଲିଛି ରଥ।









# ନେପାଳ ଜଳ ପ୍ରଳୟ : ୯ ଦିନ ପରେ ଟନେଲ ଭିତରୁ ୨ ଜୀବନ ଉଦ୍ଧାର





**କାଠମାଣ୍ଡୁ, ୪।୯**

ବେଳେ ବେଳେ ମଣିଷ ଉପରେ ଭଗବାନଙ୍କ କୃପାଦୃଷ୍ଟି ଏମିତି ପଡିଥାଏ ଯେ, ପଥର ପରି ମାଡ଼ି ଆସୁଥିବା ବିପଦ ପତର ପରି ଟଳିଯାଏ । ସେମିତି ବିଭୁକୃପା ପଡ଼ିଛି ନେପାଳର ୪୫ ବର୍ଷୀୟ କବୀର ମହାରାଜନ ଓ ୩୦ ବର୍ଷୀୟ ସଞ୍ଜୟ ଶାହାଙ୍କ ଉପରେ । ନେପାଳ ଜଳ ପ୍ରଳୟର ୯ ଦିନ ପରେ ଗଭୀର ଟନେଲ ଭିତରୁ ଜୀବନ୍ତ ଉଦ୍ଧାର କରାଯାଇଛି ଏ ଦୁହିଁଙ୍କୁ । ସବୁଠୁ ବଡ଼କଥା ହେଲା ଏତେବଡ ବିପର୍ଯ୍ୟୟକୁ ସାମ୍ନା କରି, ଅଖିଆ ଅପିଆ ରହିବି ସେ ଦୁହେଁ ସୁସ୍ଥ ଅଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ, ଗତ ଅଗଷ୍ଟ ୨୬ ତାରିଖରେ ନେପାଳର ତ୍ରିଶୁଳୀ ଓ ଭୋଟକୋଶୀ ନଦୀରେ ପ୍ରଳୟଙ୍କରୀ ପାଣି ମାଡ଼ି ଆସିଥିଲା । କେଇ ମୁହୂର୍ତ୍ତ ଭିତରେ ହଜାର ହଜାର ଲୋକ ପାଣି ସୁଅରେ ଭାସିଗଲେ । ବର୍ତ୍ତମାନ ସୁଦ୍ଧା ୧୧ ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତଦେହ ଠାବ କରାଯାଇଥିବା ବେଳେ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ନିଖୋଜ ଅଛନ୍ତି । ଦିନ ଯେତେଯେତେ ବଢ଼ି ବଢ଼ି ଚାଲିଛି, ନିଖୋଜମାନଙ୍କ ଜୀବିତ ରହିବା ଆଶା ମଧ୍ୟ କମି କମି ଆସୁଛି । *(ପୃଷ୍ଠା ୭ରେ)*




# ବୌଦ୍ଧରେ ୧,୦୮,୮୪୯ ମହିଳା ପାଇଲେ 'ସୁଭଦ୍ରା ୫ମ କିସ୍ତି'



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାରେ ସୁଭଦ୍ରା ଯୋଜନାର ୫ମ କିସ୍ତି ପ୍ରଦାନର ଜିଲ୍ଲାସ୍ତରୀୟ ସମାରୋହ ସ୍ଥାନୀୟ ମାଉସୀ ମା ମନ୍ଦିରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ କାମାଖ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ କହ୍ନାଇ ଚରଣ ଡାଙ୍ଗ ଯୋଗ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବରେ କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ସମାଜସେବୀ ବିପ୍ର ଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ନୟାଗଡ଼ ଠାରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ସମାରୋହର ସିଧା ପ୍ରସାରଣ ଏଲଇଡି ମାଧମରେ ପ୍ରଦର୍ଶିତ ହୋଇଥଲା ।

ଏହା ମାଧମରେ ସମଗ୍ର ରାଜ୍ୟରେ ୧ କୋଟିରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ୫ ହଜାର କୋଟିରୁ ଅଧିକ ଟଙ୍କାର ଆର୍ଥିକ ସହାୟତା ରାଜ୍ୟ ସରକାର ପ୍ରଦାନ କରିଛନ୍ତି । ସୁଭଦ୍ରା ଯୋଜନାରେ ବୌଦ୍ଧ ଜିଲ୍ଲା ପଞ୍ଚମ କିସ୍ତିରେ ୧,୦୮,୮୪୯ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି। ଏଥିମଧ୍ୟରୁ ବୌଦ୍ଧ ବ୍ଲକ ୩୬୧୧୮, କାମାଖ ବ୍ଲକ ୩୭୫୪୪ ଓ ହରଭଙ୍ଗା ୩୧୭୮୪ ଓ ବୌଦ୍ଧ ମ୍ୟୁନସିପାଲଟି ୩୪୦୩ ଜଣ ପାଇବେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ବହୁ ସଂଖ୍ୟାରେ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ , ଅଙ୍ଗନୱାଡ଼ି କର୍ମୀ ଯୋଗ ଦେଇଥିଲେ।

# କ୍ରୀଡ଼ା ସୁସ୍ଥତା ଓ ଦଳଗତ ଶୃଙ୍ଖଳା ରକ୍ଷାରେ ସହାୟକ ହୁଏ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀକୁ ସ୍ମରଣ କରି କେନ୍ଦୁଝରର ହ୍ୟାଣ୍ଡବଲ୍ ଗ୍ରାଉଣ୍ଡଠାରେ ଜାତୀୟ କ୍ରୀଡ଼ା ଦିବସ ୨୦୨୬ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ସହକାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ କ୍ରୀଡ଼ାବିତ୍, ଛାତ୍ରଛାତ୍ରୀ, କ୍ରୀଡ଼ା ପ୍ରେମୀ ଏବଂ ସରକାରୀ ଅଧିକାରୀ ଯୋଗ ଦେଇଥିଲେ। ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ସାଂସଦ କେନ୍ଦୁଝର ଅନନ୍ତ ନାୟକ, ସମ୍ମାନନୀୟ ଅତିଥିଭାବେ କେନ୍ଦୁଝରଗଡ଼ ପୌରପାଳିକାର ଅଧକ୍ଷା, ନିକୁ ସାହୁ ଅତିରିକ୍ତ ଜିଲ୍ଲାପାଳ, ମନ୍ଦରଧର ମହାଳିକ, ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ପ୍ରଦୀପ କୁମାର ଜେନା, ହ୍ୟାଣ୍ଡବଲ ପ୍ରଶିକ୍ଷକ ରିତ୍ୱିକ ଅଧିକାରୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ସରୋଜ କୁମାର ମଲ୍ଲିକ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଶିଷ୍ଟ କ୍ରୀଡ଼ାବିତ୍ ଏବଂ କ୍ରୀଡ଼ା ପ୍ରେମୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବଢ଼ାଇଥିଲେ। ଉପସ୍ଥିତ ସଭାକୁ ସମ୍ବୋଧିତ କରି ମାନ୍ୟବର ସାଂସଦ ନାୟକ କ୍ରୀଡ଼ା କେବଳ ଶାରୀରିକ ସୁସ୍ଥତା ପାଇଁ ନୁହେଁ, ବରଂ ଯୁବପିଢ଼ିଙ୍କ ମଧ୍ୟରେ ଶୃଙ୍ଖଳା, ଦଳଗତ ମନୋଭାବ, ନେତୃତ୍ୱ ଏବଂ ଦୃଢ଼ ସଂକଳ୍ପର ଭାବନା ବିକଶିତ କରିବାରେ ଅତ୍ୟନ୍ତ ଜରୁରୀ ବୋଲି ଗୁରୁତ୍ୱାରୋପ କରିଥିଲେ। ଭାରତୀୟ ହକି ପ୍ରତି ମେଜର ଧ୍ୟାନଚାନ୍ଦଙ୍କ ଅତୁଳନୀୟ ଅବଦାନକୁ ମନେ ପକାଇ ସାଂସଦ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ କ୍ରୀଡ଼ାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ସହ ଫିଟନେସକୁ ନିଜର ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ସେ ଉଦୀୟମାନ କ୍ରୀଡ଼ାବିତ୍‌ମାନଙ୍କୁ



ପ୍ରୋତ୍ସାହନ ଓ ସୁଯୋଗ ଯୋଗାଇଦେବା ଉପରେ ଜୋର ଦେଇଥିଲେ, ଯଦ୍ୱାରା ସେମାନେ ଜିଲ୍ଲା, ରାଜ୍ୟ, ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ସଫଳତା ହାସଲ କରିପାରିବେ। କ୍ରୀଡ଼ା ଭିତ୍ତିଭୂମିର ଉନ୍ନତିକରଣ ଓ କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ କେନ୍ଦୁଝର ହ୍ୟାଣ୍ଡବଲ ଟିମ୍ ଓ ସେଣ୍ଟ ଜାଭିଅର୍ସ ସ୍କୁଲ ମଧ୍ୟରେ ଏକ ମ୍ୟାଚ ଆୟୋଜିତ ହୋଇଥିଲା। କେନ୍ଦୁଝର ହ୍ୟାଣ୍ଡବଲ ଟିମ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ବିଜୟୀ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଦୁଇ ସଫଳ କ୍ରୀଡ଼ାବିତ ସୁଶ୍ରୀ ଭାନୁମତୀ ବେହେରା ଓ ରାଜାରାମ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜାତୀୟ କ୍ରୀଡ଼ା ଦିବସ ପାଳନ ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ କାର୍ଯ୍ୟକ୍ରମ ମାନ ଆୟୋଜିତ କରାଯାଇଥିଲା, ଯେଉଁଠାରେ ଛାତ୍ରଛାତ୍ରୀମାନେ ଶାରୀରିକ କାର୍ଯ୍ୟକଳାପ ଏବଂ ସୁସ୍ଥ ଜୀବନଶୈଳୀର ଗୁରୁତ୍ୱକୁ ବୁଝାଇବା ପାଇଁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା, ଫିଟନେସ୍ କାର୍ଯ୍ୟକ୍ରମ ଏବଂ ସଚେତନତାମୂଳକ କାର୍ଯ୍ୟକଳାପରେ ଭାଗ ନେଇଥିଲେ। କ୍ରୀଡ଼ା ମନୋଭାବକୁ ଆହୁରି ଦ୍ୱିଗୁଣିତ କରି ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଜିଲ୍ଲା ପ୍ରଶାସନ ଦଳ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଓ ଗଣମାଧ୍ୟମ ଏବଂ ଜିଲ୍ଲା ପ୍ରଶାସନ ଦଳ ମଧ୍ୟରେ ଫୁଟବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ଯାହା ଅଂଶଗ୍ରହଣକାରୀଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ଏବଂ ସୁସ୍ଥ ପ୍ରତିଯୋଗିତାର ସୁଯୋଗ ସୃଷ୍ଟି କରିଥିଲା।

# ଜେଲରେ ମାନବିକତା ଓ ଭାଇଚାରାର ବାର୍ତ୍ତା ବାଣ୍ଟିଲା ପଲ୍ଲିଶ୍ରୀ ମହିଳା ସମିତି



**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଉପକାରାଗାରରେ ଭାଇଚାରା ଓ ମାନବିକତାର ବାର୍ତ୍ତା ନେଇ ଶିଶୁ ସୁରକ୍ଷା ଆଇନ୍ ଓ ପଲ୍ଲିଶ୍ରୀ ମହିଳା ସମିତି ତରଫରୁ ପବିତ୍ର ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାର ଶିଶୁ ସୁରକ୍ଷା ଆଇନ୍ ଶିଶୁ ଯତ୍ନ ଅନୁଷ୍ଠାନ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିସିଆଇରେ ରହୁଥିବା ଶିଶୁମାନେ ଜିଲ୍ଲା କାରାଗାରର ଅନ୍ତେବାସୀମାନଙ୍କ ରାକ୍ଷୀ ବାନ୍ଧି ରକ୍ଷା ବନ୍ଧନର ପବିତ୍ର ପରମ୍ପରାକୁ ପାଳନ କରିଥିଲେ। ଏହି ସ୍ନେହଭରା ମୁହୂର୍ତ୍ତରେ ଅନ୍ତେବାସୀମାନେ ଶିଶୁମାନଙ୍କୁ ଆଶୀର୍ବାଦ କରିବା ସହ ସେମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ। ପରିବାରଠାରୁ ଦୂରେଇ ରହୁଥିବା ଅନ୍ତେବାସୀଙ୍କ ମନରେ ଭାଇ ଭଉଣୀର ସ୍ନେହ ଓ ପାରିବାରିକ ଭାବନାକୁ ଉଜ୍ଜୀବୀତ କରିବା ସହିତ ସମାଜର ପ୍ରତ୍ୟେକ ବର୍ଗ ମଧ୍ୟରେ ମାନବିକ ସମ୍ପର୍କ ଓ ଆତ୍ମୀୟତାର ବନ୍ଧନକୁ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ଶିଶୁମାନଙ୍କ ମଧ୍ୟରେ ସ୍ନେହ, ସମ୍ମାନ, ସହାନୁଭୂତି, ମାନବିକତା, ସାମାଜିକ ଦାୟିତ୍ୱବୋଧ ଭଳି ମୂଲ୍ୟବୋଧର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମାଜର ମୁଖ୍ୟ ସ୍ରୋତରେ ସମସ୍ତଙ୍କୁ ସାମିଲ୍ କରିବା ଏବଂ ମାନବିକ ସମ୍ପର୍କ ସେତୁକୁ ଆହୁରି ମଜଭୁତ କରିବାରେ ଏଭଳି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ବୋଲି ଉପସ୍ଥିତ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ।

# ନିଶା ମୁକ୍ତ ଧ୍ୱନୀରେ କମ୍ପିଲା ବରଗଡ଼ ସହର

**ବରଗଡ, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନ-ଶୃଙ୍ଖଳା ପରିସ୍ଥିତି, ବଢୁଥିବା ଅପରାଧ, ନିଶା ବ୍ୟବସାୟ, ଚୋରି, ଡକାୟତି ଏବଂ ସାଧାରଣ ଲୋକଙ୍କ ସୁରକ୍ଷା ପ୍ରତି ଚିନ୍ତାବ୍ୟକ୍ତ କରି ବରଗଡ଼ ସହର ରେ ବିଶାଳ ରେଲି ଓ ପ୍ରତିବାଦ ସଭା ଆୟୋଜନ କରିଛି ବରଗଡ ନାଗରିକ ମଞ୍ଚ। ଶନିବାର ବରଗଡ଼ ଲମ୍ୱା ବିଲଡିଂ ପାଖରୁ ଏକ ବିଶାଳ ରେଲି ସହର ମଧ ଦେଇ ଏସପି ଅଫିସ ପର୍ଯ୍ୟନ୍ତ ଆସି ପହଁଞ୍ଚି ଥିଲା ମୁଖ୍ୟତଃ ବରଗଡ଼ ରେ ନିଶା ବନ୍ଦ କରିବା ଓ ଆଇନ ଶୃଙ୍ଖଳା କୁ ଠିକ କରିବା ସହ ସାତ ଦଫା ସମ୍ମିଳିତ ଦାବୀ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ବରଗଡ଼ ଜିଲ୍ଲା ଆରାକ୍ଷୀ ଅଧକ୍ଷକଙ୍କୁ ପ୍ରଦାନ କରା ଯାଇଥିଲା। ବିଗତ କିଛି ଦିନ ହେ୍ବ ବରଗଡ ସହରରେ ଚୋରି, ଡକାୟତି, ଆକ୍ରମଣ, ହତ୍ୟାକାଣ୍ଡ ଭଳି ସଂଗୀନ ଅପରାଧ ଗୁଡିକ ଘଟି ଥିବା ହେତୁ




ଜନସାଧାରଣଙ୍କ ମଧ୍ୟରେ କୋକୁଆ ଭୟ ଲାଗି ରହିଛି ବୋଲି ଅଭିଯୋଗ ହୋଇଛି। ଏହି ଦାବୀ ଗୁଡିକ ପୂରଣ ନହେଲେ ଆଗାମୀ ଦିନରେ ବରଗଡ ବନ୍ଦ ଡାକରା ଦିଆ ଯିବ ବୋଲି ସଭାପତି ଭୀଷ୍ମଦେବ ସରାଫ ଚେତାବନୀ ଦେଇଛନ୍ତି। ନିଶା ଗୁଡିକ କେଉଁଠୁ ଆସୁଛି ଓ କେଉଁ କେଉଁ ବଡ଼ ଲୋକ ଏଥିରେ ସଂଶ୍ଲିଷ୍ଟ ଅଛନ୍ତି ତାଙ୍କ ଉପରେ ଦୃଢ଼ କାର୍ଯାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପାଦକ ଭବାନୀ ସାହୁ ଦାବୀ କରିଛନ୍ତି। ନିଶା ମୁକ୍ତ ବରଗଡ଼ ପାଇଁ ବରଗଡ ସମସ୍ତ ସାମାଜିକ, ରାଜନୈତିକ, ସଂସ୍କୃତିକ, ମହିଳା, ଯୁବକ ସଂଗଠନ ଏକାଠି ହୋଇ ଥିବା ବେଳେ ଏଥିରେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, କଂଗ୍ରେସ ଜିଲ୍ଲା ସଭାପତି ହରଦିପ ସିଂ, ଓକିଲ ସଂଘ ସମ୍ପାଦକ ହରିହର ପ୍ରଧାନ, ଗୌରହରି ମିଶ୍ର, ଡ଼ା ରାମକୃଷ୍ଣ ପୁରୋହିତ, ଡ଼ା ସୁବଳ କର, ଚାଷୀ ନେତା ରମେଶ ମହାପାତ୍ର, ସଂଗ୍ରାମ ନେପାକ,ବୀରବଳ ମହାକୁର, ଆଇନଜୀବୀ ନିଧୁବନ ବିହାରୀ ପଣ୍ଡା,ଆଇନଜୀବୀ ଶିରୀଶ ବଲ୍ଲଭ ମିଶ୍ର,ବାସୁଦେବ ଦାଶ, ବିଜୟଲକ୍ଷ୍ମୀ ପଣ୍ଡା, ବୀଣାପାଣି ଜେନା, ପୁରନ୍ଦର ଭୋସାଗର, ଅବିନାଶ ବାଗ, ଗୋବିନ୍ଦ ଶର୍ମା, ଦୀନେଶ ଶର୍ମା, ଲିଙ୍ଗରାଜ ପୁରୋହିତ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗୋପାଳ ଜୀ ମନ୍ଦିର ପରିସରରେ ପ୍ରସାଦ ମଣ୍ଡପର ଶୁଭାରମ୍ଭ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଦେବୋତ୍ତର ବିଭାଗ ଅଧିନସ୍ଥ ବହୁ ପୁରାତନ ଓ ପ୍ରତିଷ୍ଠିତ ଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ନୂତନ ନିର୍ମିତ ହୋଇଥିବା ଭୋଗ ମଣ୍ଡପରେ ପ୍ରସାଦ ବିକ୍ରୟର ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ପୌରାଧକ୍ଷା ଲିକା ସାହୁ ଉଦ୍‌ଘାଟନ କରିଥିବା ବେଳେ ଜିଲ୍ଲା ପ୍ରଶାସନ ଏଡିଏମ୍ ପବିତ୍ର ବେହେରା, ଉପଜିଲ୍ଲାପାଳ ଆଲୋକ ରଂଜନ ପଟେଲ, ଅତିରିକ୍ତ ଆରକ୍ଷି ଅଧିକାରୀ ଗୁଣନିଧି ମଲ୍ଲିକ, ସଂସ୍କୃତ ଅଧାପକ ସୁରେଶ ଚନ୍ଦ୍ର ଷଡଙ୍ଗି, ଦେବାଳୟ ସୁରକ୍ଷା କମିଟିର ସଭାପତି ଜୟକୃଷ୍ଣ ମିଶ୍ର, ଦେବୋତ୍ତର ମେନେଜର ସୁଧିର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ବ୍ୟବସ୍ଥାକୁ ଶ୍ରୀ ରାଧାବଲ୍ଲଭ ସେବା ସମିତି ଦ୍ୱାରା ପରିଚାଳିତ କରାଯାଇଥିଲା। ବହୁ ସଦସ୍ୟ ସକ୍ରିୟ, ନିଷ୍ଠା ଓ ଭକ୍ତି ର ସହିତ ସେବା କରିଥିଲେ। ସମସ୍ତଙ୍କ ନିସ୍ୱାର୍ଥ ସେବାରେ ଖୁସି ହୋଇ ଉପସ୍ଥିତ ଭକ୍ତଙ୍କୁ ମହାରାଜମାନେ ଆଶିର୍ବାଦ ପ୍ରଦାନ କରିଥିଲେ । ଏହି ସେବା କାର୍ଯ୍ୟରେ ସମିତିର ମୁଖ୍ୟ ସଦସ୍ୟ ସର୍ବେଶ୍ୱର ଦାଶ, ହିତେଶ କଲତା, ବିଭୁତି ମିଶ୍ର, ସୁମିତ ମିଶ୍ର, ଭୋଜରାଜ ଦାଶ, ପ୍ରିୟବ୍ରତ ମିଶ୍ର, ଦୁଲାଲ ପ୍ରଭୁଜୀ ଙ୍କ ମିଳିତ ପ୍ରୟାସ ଓ ସେବାରେ ଗୋପାଳଜୀ ମନ୍ଦିର ପ୍ରାଙ୍ଗଣ ପୁଲକିତ ହୋଇ ଉଠିଥିଲା । ପ୍ରଥମ ଦିନରେ ୫୦୦ ରୁ ଉର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ମାଗଣାରେ ପ୍ରସାଦ ବଣ୍ଟନ କରାଯାଇଥିଲା ।



# ୧୨ହଜାରରୁ ଉର୍ଦ୍ଧ୍ୱ କାଉଡିଆଙ୍କୁ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବାରପୁଡୁଗିଆ ଖେଳ ପଡିଆରେ ଦୁଇ ଦିନିଆ ମାଗଣା ସ୍ୱାସ୍ଥ୍ୟ ଶିବିର କାଉଡିଆଙ୍କ ସେବାରେ ଅନୁଷ୍ଠିତ ହୋଇଯାଇଛି । ବାବା ବର୍ଫାନୀ କାଉଡିଆ ସେବା ମଣ୍ଡଳ ଅନୁରୋଧ କ୍ରମେ ଜିଲ୍ଲା ଚିକିତ୍ସାଧିକାରୀ ଙ୍କ ନିର୍ଦ୍ଦେଶ ଅନୁଯାୟୀ ଚୁଡାପାଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ତରୁଣ କୁମାର ଭୋଇ ଶିବିରକୁ ଉଦ୍‌ଘାଟନ କରି ପାଖାପାଖି ୧୨ ହଜାର ରୁ ଅଧିକ କାଉଡିଆ ଙ୍କୁ ଦୁଇ ଦିନ ବ୍ୟାପି ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦେଇଛନ୍ତି । ଏହି ସମୟରେ ଡା. ପ୍ରକାଶ ଦାଶ, ଡା. ଗଜାନନ ପଟେଲ ଏବଂ ଡାକ୍ତରି ଦଳରେ ସ୍ୱର୍ଣ୍ଣଲତା ସାହୁ, ଇତିପ୍ରୀୟା ସିଂହ, ଅମୃତାଞ୍ଜଳି ମିଶ୍ର, କୁନି ପଧାନ, ନଳିନିକାନ୍ତ ଷାଣ୍ଢ, ଦେବାଂଶୁ ରଂଜନ ମିଶ୍ର, ପୂର୍ଣ୍ଣଚନ୍ଦ୍ର କୁଅଁର, ଧରିତ୍ରି ଭୋଇ, ନମିତା ସେଠ, ଆଶ୍ରିତା ମେହେର, ପଙ୍କଜିନୀ ପୁଟା, କ୍ଷେତ୍ରମୋହନ ପଟେଲ, ଗୋପାଳ କର୍ଣ୍ଣ, କୈଳାଶ ଚନ୍ଦ୍ର ମେହେର, ରାଜିବ ଗଡତ୍ୟା, ଘନଶ୍ୟାମ ସୁନା, ଆକାଶ କୁମାର ନାଏକ, ସତ୍ୟବ୍ରତ ଷଡଙ୍ଗି, ମହେନ୍ଦ୍ର ବାଗ ପ୍ରମୁଖ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଥିଲେ ।

# ବୋଲବମ୍ କମିଟି ପକ୍ଷରୁ ୨୪ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ର ଅଷ୍ଟଶମ୍ଭୁ ଶୈବ ପୀଠ ସୋର୍ଣ୍ଣା ସ୍ଥିତ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ବାବାଙ୍କ ପବିତ୍ର ଗଙ୍ଗା ଜଳାଭିଷେକ ଅବସର ରେ ବୋଲବମ କମିଟି ଭଏଁରୋ ପାଲି, ମନ୍ଦିର ପରିଚାଳନା କମିଟି ଓ ନିଷ୍ଠା ପରିବାର ମିଳିତ ଆନୁକୁଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିର ରେ ବରେଣ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଯୋଗ ଦେଇ ଫିତା କାଟି ଆନୁଷ୍ଠାନିକ ଭାବରେ ଶିବିର ର ଶୁଭାରମ୍ଭ କରିଥିଲେ। ଏହି ଶିବିର ରୁ ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ସର୍ବମୋଟ ୨୪ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଶିବିରକୁ ବୋଲବମ କମିଟି ଭଏଁରୋ ପାଲି, ମନ୍ଦିର ପରିଚାଳନା କମିଟି ଓ ନିଷ୍ଠା ପରିବାରର ସଦସ୍ୟ ମାନେ ସୁପରିଚାଳନା କରିଥିଲେ। ସମସ୍ତ ରକ୍ତ ଦାତା,ଶୁଭେଚ୍ଛୁ,ସହଯୋଗୀ ସମସ୍ତ ଙ୍କୁ ନିଷ୍ଠା ପରିବାର ତରଫରୁ ବହୁତ ବହୁତ ଧନ୍ୟବାଦ ଓ କୃତଜ୍ଞତା।

# ଜନ୍ମଦିନରେ ଜୀବନ ବଞ୍ଚାଇବାର ବାର୍ତ୍ତା ଦେଲେ ରାକେଶ

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ୟୁଥ୍ ଲିଡ୍ ଫାଉଣ୍ଡେସନ୍ ଓ ମିଶନ୍ ରକ୍ତଦାନ ଆନୁକୁଲ୍ୟରେ କେନ୍ଦ୍ରାପଡା ପୁରୁଣା ମୁଖ୍ୟ ଚିକିତ୍ସାଳୟରେ ଥିବା ରାଜ୍ୟ ରକ୍ତ ଭଣ୍ଡାର ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ଅଂଚଳର ଯୁବ ସ୍ୱେଚ୍ଛାସେବୀ ରାଜେଶ ବଳ ନିଜ ଜନ୍ମଦିନରେ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ରାଜ୍ୟରେ ରକ୍ତର ଅଭାବ ହେତୁ ଥାଲାସେମିଆ ରୋଗୀମାନେ ରକ୍ତ ନେବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜନ୍ମଦିନରେ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ଏହି ରକ୍ତଦାନ ଶିବିରକୁ ଜିଲ୍ଲା ପଂଚାୟତ ଅଧିକାରୀ ସନ୍ତୋଷ କୁମାର ସାହୁ ମୁଖ୍ୟ ଅତିଥି ଭାବେ ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗର ଉପପ୍ରବନ୍ଧକ ଡକ୍ଟର ସୁକାନ୍ତ କୁମାର ପ୍ରଧାନ ଏବଂ ରକ୍ତ ଭଣ୍ଡାରର ମୁଖ୍ୟ ଡକ୍ଟର ମାନସ କୁମାର ଜେନା ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୨୨ ଜଣ ଯୁବକ/ଯୁବତୀ ଥାଲାସେମିଆ ରୋଗୀଙ୍କ ଉଦ୍ଦେଶ୍ୟରେ ରକ୍ତଦାନ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ରକ୍ତଦାନ ଭଣ୍ଡାରର ସଦସ୍ୟ ରାଜେଶ କୁମାର ମିଶ୍ର, ଦୀପକ କୁମାର ବରାଳ, ଶ୍ରାବଣୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ପେଣ୍ଡ୍ରାଣୀ ମହାବିଦ୍ୟାଳୟରେ ଆଇନ ସଚେତନତା କର୍ମଶାଳା



**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ଉମରକୋଟ ପ୍ରାଙ୍ଗଣରେ ଆୟୋଜିତ ଏହି ଆଇନ ସଚେତନତା କର୍ମଶାଳା କାର୍ଯ୍ୟକ୍ରମ ରେ ଶିଶୁ, ମହିଳା ତଥା କର୍ମଜୀବୀ ମହିଳା ଙ୍କ ପ୍ରତି ଯୌନ ନିର୍ଯ୍ୟାତନା ଭଳି ଗୁରୁତ୍ୱ ପୂର୍ଣ୍ଣ ଆଇନ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମଟି ମହାବିଦ୍ୟାଳୟର ପ୍ରିନ୍ସିପାଲ ଅଧକ୍ଷ ଡ଼ଃ ଶ୍ରୀ ଅନିଲ ମିଶ୍ରଙ୍କ ନିର୍ଦ୍ଦେଶରେ, ଦାୟିତ୍ୟରେ ଥିବା ସଂଯୋଜିକା ତଥା ଅଧ୍ୟାପିକା ସୁରଭି ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବୋଧନରେ ଆୟୋଜିତ ହୋଇଥିଲା। ଆୟୋଜିତ ଏହି ଆଇନ ଶିବିରରେ, ବରିଷ୍ଠ ଓକିଲ ଶ୍ରୀନିବାସ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ, କାର୍ଯ୍ୟାସ୍ଥଳୀ ମହିଳା କର୍ମୀ ଙ୍କ ଯୌନ ନିର୍ଯ୍ୟାତନା ଆଇନ ୨୦୧୩, "ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ଅଧିନିୟମ, ୨୦୧୨ ଏବଂ "ଆଣ୍ଟି ରାଗିଙ୍ଗ ଅଧିନିୟମ" ଭଳି ଗୁରୁତ୍ୱ ପୂର୍ଣ୍ଣ ଆଇନ ସମ୍ପର୍କରେ ଉଦବୋଧନ ଦେଇ ଉପସ୍ଥିତ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ, ଅଧାପକ ଓ ଅଧାପିକା, କର୍ମଚାରୀ ବୃନ୍ଦଙ୍କୁ ସଚେତନ କରି ଥିଲେ। ମଞ୍ଚାସୀନ ଭାଇସ ପ୍ରିନ୍ସିପାଲ ରାମ ଶଙ୍କର ପଟ୍ଟନାୟକ କାର୍ଯ୍ୟକ୍ରମ ଟିକୁ ପରିଚାଳନା କରି ଥିବା ବେଳେ, ଅଧାପକ ଡ଼ଃ ପ୍ରଦୋଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଧାପକ, ଡ଼ଃ ଜି.ଧର୍ମେନ୍ଦ୍ର ଶ୍ରୀ ସମୀର ମହାନ୍ତି, ଶ୍ରୀ ଆଦୁ କ୍ରିଷାନୀ, ଶ୍ରୀ ଅଶୋକ କୁଜୁର, କୁମାରୀ ରଂଜିତା ରଥ, ଦୀପ୍ତି ଦାଶ, ଭାଗ୍ୟଶ୍ରୀ ସାମଲ, ବୈଶାଳୀ ବିଶୋଇ, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ପାରାଦୀପରେ ସେନା ଭର୍ତ୍ତି ରାଲି

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

ସେନାର୍ତ୍ତି କାର୍ଯ୍ୟାଳୟ କଟକ ପକ୍ଷରୁ ଅଗ୍ନିପଥ ଯୋଜନା ଅଧିନରେ ସେନା ଭର୍ତ୍ତି ରାଲି ୧୬ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ପାରାଦୀପ ସ୍ଥିତ ଗୋପବନ୍ଧୁ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ରାଲି କେନ୍ଦ୍ରାପଡା, କଟକ, ପୁରୀ, ବାଲେଶ୍ୱର, ମୟୁରଭଞ୍ଜ, ଭଦ୍ରକ, ଜଗତସିଂହପୁର, ଯାଜପୁର, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାର ପ୍ରାର୍ଥୀମାନଙ୍କ ପାଇଁ ଆୟୋଜିତ ହେବ। ଏହି ରାଲିରେ ରେଗୁଲାର କ୍ୟାଡେଡ୍ ବର୍ଗ ସହିତ ଓଡିଶା, ପଶ୍ଚିମବଙ୍ଗ ଓ ସିକିମ୍ ରାଜ୍ୟର ପ୍ରାର୍ଥୀମାନଙ୍କ ପାଇଁ ଅଗ୍ନିବୀର କ୍ଲର୍କ/ଷ୍ଟୋର୍ କିପର୍, ଟେକ୍ନିକାଲ୍ ବର୍ଗରେ ମଧ ର୍ତ୍ତି କରାଯିବ। ଅନ୍‌ଲାଇନ୍ କମନ୍ ଏଗ୍ରାମିନେସନ୍ (ସିଇଇ) ରେ ଉର୍ତ୍ତୀର୍ଣ୍ଣ ତଥା ସର୍ଟ୍‌ଲିଷ୍ଟ ହୋଇଥିବା ପ୍ରାର୍ଥୀମାନେ ନିଜର ଆଡମିଟ୍‌କାର୍ଡରେ ଉଲ୍ଲେଖିତ ତାରିଖ ଓ ସମୟ ଅନୁଯାୟୀ ଫିଜିକାଲ୍ ଫିଟନେସ୍ ଟେଷ୍ଟ ଓ ମେଡିକାଲ୍ ପରୀକ୍ଷା ପାଇଁ ଉପସ୍ଥିତ ହେବାକୁ ପଡିବ। ସମ୍ପୃକ୍ତ ପ୍ରାର୍ଥୀମାନଙ୍କ ଆଡମିଟ୍‌କାର୍ଡ ସେମାନଙ୍କ ପଞ୍ଜିକୃତ ଇମେଲ୍ ଆଇଡିକୁ ପଠାଯାଇଛି।

# କ୍ରୀଡ଼ା ପ୍ରତି ଯୁବ ପିଢିଙ୍କୁ ଆକୃଷ୍ଟ କରିବା ପାଇଁ ପଦକ୍ଷେପ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ଭାରତର ମହାନ ହକି ଖେଳାଳି ତଥା 'ହକି ଯାଦୁଗର' ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଜୟନ୍ତୀ ଅବସରରେ ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମ ପରିସରରେ ଏକାଡେମୀ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବହୁ କ୍ରୀଡ଼ାବିତ, ଛାତ୍ରଛାତ୍ରୀ, କୋଚ୍ ଓ ଅତିଥି ଯୋଗଦେଇ କ୍ରୀଡ଼ାର ମହତ୍ତ୍ୱ ଓ ଯୁବପିଢ଼ିଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ୨୦୧୯ ମସିହାରେ ମାତ୍ର ୫ ଜଣ ଖେଳାଳିଙ୍କୁ ନେଇ ଆରମ୍ଭ ହୋଇଥିବା ଏକାଡେମୀ ଆଜି ଏକ ସଫଳ କ୍ରୀଡ଼ା ଅନୁଷ୍ଠାନ ଭାବେ ପରିଚିତ ହୋଇପାରିଛି। ୨୦୨୬




ମସିହାରେ ଏହି ଏକାଡେମୀ ଭାରତ ସରକାରଙ୍କ ପଞ୍ଜିକୃତ ଏକାଡେମୀ ଭାବେ ସ୍ୱୀକୃତି ଲାଭ କରିଥିବା ଜଣାପଡ଼ିଛି। ବର୍ତ୍ତମାନ ଏଠାରେ ୬୦ ଜଣ ବାଳକ ଅନ୍ତେବାସୀଙ୍କ ସମେତ ପ୍ରାୟ ୪୦ ଜଣ ବାଳିକା ବିଭିନ୍ନ କ୍ରୀଡ଼ାରେ ପ୍ରଶିକ୍ଷଣ ନେଉଛନ୍ତି। ଏକାଡେମୀ ପକ୍ଷରୁ ଆଥଲେଟିକ୍ସ, ୱେଟଲିଫ୍ଟିଂ, ଫୁଟବଲ ଓ କ୍ରିକେଟ ଭଳି କ୍ରୀଡ଼ାରେ ଉଚ୍ଚକୋଟୀର ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏକାଡେମୀର ମୁଖ୍ୟ ପରିଚାଳକ ତଥା ଆଥଲେଟିକ୍ସ କୋଚ୍ ବିଜୟ କୁମାରଙ୍କ ନେତୃତ୍ୱରେ ପ୍ରଫୁଲ୍ଲ କଲାର, ନବୀନା ସାନ୍ତା, ସୁବାଷ ସାନ୍ତା, ଜୟମଣି ଭତ୍ରା, ପୁନେଇ ପୂଜାରୀ ଓ ଦଖଲ ସିଂ ଗଣ୍ଡ ପ୍ରମୁଖ କୋଚ୍ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ୱେଟଲିଫ୍ଟିଂ କୋଚ୍ ନକୁଳ ସାନ୍ତାଙ୍କ ପ୍ରୟାସରେ ଉମରକୋଟ ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଜଣେ ମହିଳା ଖେଳାଳି ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ମଧ ଏକାଡେମୀ ପାଇଁ ଗୌରବର ବିଷୟ ବୋଲି କୁହାଯାଇଛି। ଏକାଡେମୀର ଅନେକ ପୁରାତନ ଛାତ୍ରଛାତ୍ରୀ ମଧ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଏକାଡେମୀରୁ ସୁବାଷ ସାନ୍ତା, ଜୟମଣି ଭତ୍ରା, ନବୀନା ସାନ୍ତା ଓ ଲିଲି ହାଲଦାର ଚରଞ୍ଜ ଭାବେ ନିଯୁକ୍ତି ପାଇଛନ୍ତି। ସେହିପରି ବେଣୁ ଭତ୍ରା, ପରମେଶ୍ୱର ସାନ୍ତା, ଶ୍ରୁତି ଗଣ୍ଡ, ଧୀରଜ କଲାର ଓ ଖଗେଶ୍ୱର ଭତ୍ରା ପୋଲିସ ବିଭାଗରେ ସଫଳତା ହାସଲ କରିଛନ୍ତି।

# ଜାତୀୟ କ୍ରୀଡ଼ା ଦିବସରେ ହକି ଖେଳ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ମହାନ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଜୟନ୍ତୀକୁ ସ୍ମରଣ କରି ଚଳିତ ବର୍ଷ ଜାତୀୟ କ୍ରୀଡ଼ା ଦିବସ ସୁବର୍ଣ୍ଣପୁର ଜିଲ୍ଲାରେ ପାଳନ କରାଯାଉଛି । ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲାରେ ଅଗଷ୍ଟ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କ୍ରୀଡ଼ାଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଜାତୀୟ କ୍ରୀଡ଼ା ଦିବସର ଦ୍ୱିତୀୟ ଦିନକୁ "ଏକ ଘଣ୍ଟା ଖେଲ କେ ମୈଦାନ ମେଁ" ଦକ୍ଷିଣପାଲି ହକି ଖେଳ ପଡ଼ିଆଠାରେ ଅପରାହ୍ନ ୩.୩୦ ଘଟିକାରେ ଫ୍ୟାନ୍ସି ହକି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ଶିବିରକୁ ଶୁଭ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ସହାୟକ ଜିଲ୍ଲାପାଳ ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ,ସହାୟକ ଜିଲ୍ଲାପାଳ ଜ୍ୟୋତିର୍ମୟୀ ମଲ୍ଲିକ ସମେତ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯମୁନା ପ୍ରଧାନ, ଖେଲ ଇଣ୍ଡିଆ ମହମ୍ମଦ କଳିମ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ସମସ୍ତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ଏବଂ ମହାନ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଳ ଅର୍ପଣ କରିଥିଲେ । ତାପରେ ମୁଖ୍ୟ ଅତିଥି ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ସମସ୍ତ ହକି ଖେଳାଳିମାନଙ୍କ ସହିତ ଆଲୋଚନା କରିଥିଲେ ସମସ୍ତେ କ୍ରୀଡାକୁ ଆପଣେଇ ସୁସ୍ଥ ଶାରୀରିକ ଓ ମାନସିକ ରଖିବା ପାଇଁ ଶପଥପାଠ କରିଥିଲେ । ତୃଣମୁଳ ଦକ୍ଷିଣପାଲି ହକି ଅନୁଷ୍ଠାନ, ଉଲୁଣ୍ଡାର କୋଚ ଅଜାମ୍ବର ରାଜପାଳିଆ, ସହାୟକ କୋଚ ସୁବାଷ ବାର୍ଲା ସହିତ ସମସ୍ତ ହକି ଖେଳାଳି ଉପସ୍ଥିତ ଥିଲେ । ଏହି ଅବସରରେ ଏକ ବନ୍ଧୁତ୍ୱପୂର୍ଣ୍ଣ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି । ଏହି କ୍ରୀଡା ଦିବସ ପାଳନ ସଭାକୁ ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ସଂଯୋଜନା ଓ ଆୟୋଜନ ମଧ କରିଥିଲେ ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୫ ସେପ୍ଟେମ୍ବର, ୨୦୨୬ ଶନିବାର





# ନବରଙ୍ଗପୁର ଜିଲ୍ଲାରେ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟକୁ ବ୍ୟାପକ କରାଯିବ

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାର ନୂତନ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆରଓ) ଭାବେ ପ୍ରହ୍ଲାଦ ଖୋସଲା ଆନୁଷ୍ଠାନିକ ଭାବେ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ସେ ବରଗଡ଼ ଜିଲ୍ଲାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଅନ୍ୟପକ୍ଷରେ, ନବରଙ୍ଗପୁରରେ ଡିଆଇପିଆରଓ ଭାବେ କାର୍ଯ୍ୟରତ ଥିବା ମନୋଜ କୁମାର ବେହେରାଙ୍କର ବଦଳି ହୋଇଥିବା ବେଳେ ସେ କଳାହାଣ୍ଡି ଜିଲ୍ଲାର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ନୂତନ ଦାୟିତ୍ୱରେ ଯୋଗଦାନ କରିବେ। ପ୍ରହ୍ଲାଦ ଖୋସଲାଙ୍କ ନବରଙ୍ଗପୁରରେ ଯୋଗଦାନ ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ସାମ୍ବାଦିକ ମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଏଥିସହ ତାଙ୍କର ନୂତନ ଦାୟିତ୍ୱ ଓ କାର୍ଯ୍ୟକାଳ ସଫଳ ହେଉ ବୋଲି ଶୁଭେଚ୍ଛା ଜଣାଇବା ସହ ଜିଲ୍ଲାର ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟକୁ ଅଧିକ ସୁଦୃଢ଼ ଓ ଫଳପ୍ରଦ କରିବା ଦିଗରେ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ କର୍ମଚାରୀମାନେ ଆଶ୍ୱାସନ ଦେଇଥିଲେ। ଏହି ଅବସରରେ ଶ୍ରୀ ଖୋସଲା ସମସ୍ତଙ୍କ ସ୍ୱାଗତ ଓ ସହଯୋଗ ପାଇଁ କୃତଜ୍ଞତା ପ୍ରକାଶ କରିବା ସହ ଜିଲ୍ଲା ପ୍ରଶାସନର ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା, ବିକାଶମୂଳକ କାର୍ଯ୍ୟକ୍ରମ ଓ ସରକାରୀ ପଦକ୍ଷେପ ସମ୍ପର୍କିତ ସୂଚନାକୁ ଜନସାଧାରଣଙ୍କ ନିକଟରେ ସଠିକ୍, ସ୍ୱଚ୍ଛ ଓ ସମୟୋପଯୋଗୀ ଭାବେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ମନୋଜ କୁମାର ବେହେରା ତାଙ୍କ କାର୍ଯ୍ୟକାଳରେ ନବରଙ୍ଗପୁର ଜିଲ୍ଲାର ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିଥିବାରୁ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତାଙ୍କୁ ଧନ୍ୟବାଦ ଜଣାଇବା ସହ ନୂତନ କର୍ମସ୍ଥଳୀ କଳାହାଣ୍ଡିରେ ତାଙ୍କର ସଫଳତା କାମନା କରିଥିଲେ। ନୂତନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ନେତୃତ୍ୱରେ ନବରଙ୍ଗପୁର ଜିଲ୍ଲାର ସୂଚନା ପ୍ରସାରଣ, ଗଣମାଧ୍ୟମ ସମନ୍ୱୟ ଓ ଲୋକସମ୍ପର୍କ କାର୍ଯ୍ୟ ଆହୁରି ଗତିଶୀଳ ହେବ ବୋଲି କାର୍ଯ୍ୟାଳୟ ପକ୍ଷରୁ ଆଶା ପ୍ରକାଶ କରାଯାଇଛି। ଏହି ଅବସରରେ ସମସ୍ତ ସାମ୍ବାଦିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ।



# ଭିଜିଲାନ୍ସ ଜାଲରେ ଡ୍ରଗ୍ସ ଇନ୍ସପେକ୍ଟର

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଡ୍ରଗ୍ସ ଇନ୍ସପେକ୍ଟର ସଞ୍ଜୟ କୁମାର ହାଁସଦା ଭିଜିଲାନ୍ସ ହାତରେ ଧରାପଡ଼ିଲେ। କଟକ-ପାରାଦ୍ୱୀପ ଜୟପୁର ସ୍ଥିତ ଏକ ହୋଲ୍‌ସେଲ୍‌ରୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ଛାପା ମାରି ରେଡ୍ ହ୍ୟାଣ୍ଡରେ ଧରିଛି। ଜଗତସିଂହପୁର ଜିଲ୍ଲା ଯୋଗଧରି ନିକଟରେ ଥିବା ଡ୍ରଗ୍ସ ଅଫିସରେ ଭିଜିଲାନ୍ସ ଟିମ୍ ପହଞ୍ଚି ଅଧିକ ତଦନ୍ତ କରିବା ସମୟରେ ନଗଦ ୧ ଲକ୍ଷ ୫୨ ହଜାର ଟଙ୍କା ପାଇଥିଲା। ଏହି ଟଙ୍କାକୁ ନେଇ ଅଧିକ ତଦନ୍ତ କରୁଛି। ଅଫିସରେ ଥିବା ସବୁ କର୍ମଚାରୀଙ୍କୁ ଉଠାଇ ନେଇଛି ଭିଜିଲାନ୍ସ।

# ଲୋୟର ସୁକତେଲ ଡ୍ୟାମ୍ ପାର୍ଶ୍ୱରେ ନିର୍ମାଣ ହେବ 'ମୟୂର ବିହାର ଓ ୱାଚ ଟାୱାର'

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଲୋୟର ସୁକତେଲ ଡ୍ୟାମ୍ ଜିଲ୍ଲାର ଜୀବନ ରେଖା କୁହାଯାଉଥିବା ପ୍ରକଳ୍ପ ଦ୍ୱାରା ଅନେକ ଗାଁ ବିସ୍ଥାପିତ ହୋଇଥିବା ବେଳେ ହଜାର ହଜାର ଏକର ଜଙ୍ଗଲ ଜମି ମଧ୍ୟ ଧ୍ୱଂସ ହୋଇଯାଇଥିଲା, ଲକ୍ଷ ଲକ୍ଷ ଗଛ କଟାଯାଇଥିଲା। ଏବେ ଡ୍ୟାମ୍‌ରେ ବିପୁଳ ପାଣି ରହୁଥିବାରୁ ଜୀବଜନ୍ତୁ ଏବେ ରାସ୍ତାରେ ରହୁଛନ୍ତି। ଜୀବଜନ୍ତୁଙ୍କ ପାଇଁ କୌଣସି ପଦକ୍ଷେପ ନନେଉଥିବାରୁ ପ୍ରଶାସନ ଅସୁରକ୍ଷିତ ଅବସ୍ଥାରେ ଡ୍ୟାମ୍‌ର ଚାରି ପାର୍ଶ୍ୱରେ ବୁଲୁଛନ୍ତି। ବିଭିନ୍ନ ଜୀବଜନ୍ତୁଙ୍କ ଶିକାର ଚାଲିଥିବା ବେଳେ ଶିକାରୀମାନେ ଶିକାର କରୁଛନ୍ତି। ଏ ବାବଦକୁ ନେଇ ଅଗଷ୍ଟ ୪ ତାରିଖ ଦିନ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ବିଷୟକୁ ନେଇ ଲୋୟର ସୁକତେଲ ଅଞ୍ଚଳର ଗ୍ରାମବାସୀ ଓ ଦେବାଳୟ ସୁରକ୍ଷା କମିଟିର ସଭାପତି ଜୟକୃଷ୍ଣ ମିଶ୍ର, ବଲାଙ୍ଗିର ଡିଏଫ୍‌ଓଙ୍କ ସହ ଆଲୋଚନା କରାଯାଇଥିଲା। ବିଭିନ୍ନ ପ୍ରସ୍ତାବ ଦିଆଯାଇଥିବା ବେଳେ ଜାତୀୟ ପକ୍ଷୀ ମୟୁର ଡ୍ୟାମ୍ ଚାରି ପାର୍ଶ୍ୱରେ ବୁଲୁଥିବା ବେଳେ ଏମାନଙ୍କ ସୁରକ୍ଷା ପାଇଁ କିଭଳି ପଦକ୍ଷେପ ନିଆଯିବ ଏବଂ ବିଭିନ୍ନ ଜୀବଜନ୍ତୁ କିଭଳି ସୁରକ୍ଷା ରହିବେ ଏହା ଉପରେ ଆଲୋଚନା ହୋଇଥିଲେ। ଡିଏଫ୍‌ଓ ଅଜିତ ବିଶି ଓ ଏସିଏଫ୍ ମାନସ ରଞ୍ଜନ ବେହେରା ଉପସ୍ଥିତ ଥାଇ ପ୍ରତିଶୃତି ଦେଇଥିଲେ। ଏ ମାସର ଦ୍ୱିତୀୟ ସପ୍ତାହ ମଧ୍ୟରେ ଗ୍ରାମବାସୀଙ୍କୁ ନେଇ ଆଲୋଚନା ହେବ ଏବଂ ସୁରକ୍ଷା ପାଇଁ ସ୍କ୍ୱାର୍ଡ ନିୟୋଜିତ ହୋଇଯାଇଛନ୍ତି, ଜୀବଜନ୍ତୁଙ୍କ ପାଇଁ ଜାଗା ଚିହ୍ନଟ ହୋଇ ଏବଂ ସ୍ୱତନ୍ତ୍ର ମୟୁରଙ୍କ ପାଇଁ ମୟୁର ବିହାର ନିର୍ମାଣ କରାଯିବ ଏବଂ ସୁରକ୍ଷା ପାଇଁ ଦୁଇ ଗୋଟି ୱାଚ୍ ଟାୱାର ନିର୍ମାଣ ପ୍ରସ୍ତାବ ସରକାର ନିକଟକୁ ପଠାଇବାକୁ ଦେଲେ ପ୍ରତିଶ୍ରୁତି। ପ୍ରକୃତି ବନ୍ଧୁ ପ୍ରଶାନ୍ତ ମହାକୁର, ବନଦୁର୍ଗା ମହୋତ୍ସବ କମିଟିର କୋଷାଧକ୍ଷ ନରେନ୍ଦ୍ର ବିଶି, ସହ ସମ୍ପାଦକ ବିକାଶ ରଂଜନ ରଥ, ଯୁବନେତା ବିଶ୍ୱଜିତ ନାଥ ଆଲୋଚନାରେ ଭାଗ ନେଇଥିଲେ।



# ତୈଳ ପାଇପ୍ ଲାଇନ୍ ପ୍ରକଳ୍ପ ଜମିହରା ବ୍ୟକ୍ତିଙ୍କୁ କ୍ଷତିପୂରଣ ପ୍ରଦାନ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ତହସିଲ୍ ଅନ୍ତର୍ଗତ ଛେରାକଣୀ, ବରକନ୍ଦା, ତେନ୍ତୁଳି ବନ୍ଧା, ଦଶରାଜପୁର, ଛେଦାକଣୀ ପ୍ରଭୃତି ଗ୍ରାମର ଚାଷୀ ଓ ଜମି ମାଲିକମାନେ ଜିଲ୍ଲାପାଳଙ୍କ ନିକଟରେ ପାରାଦୀପ, ନୁମାଲିଗଡ ଆସାମ ଅଶୋଧିତ ତୈଳ ପାଇପ୍ ଲାଇନ୍ ପ୍ରକଳ୍ପ ନିମିତ୍ତ□ଜମି ବ୍ୟବହାର ଅଧିକାର ଓ ବ୍ୟବହୃତ ଜମିର କ୍ଷତିପୂରଣ ବାବଦରେ ଉପଯୁକ୍ତ କ୍ଷତିପୂରଣ ପାଇବା ପାଇଁ ଦାବି କରିଛନ୍ତି। ଏହି ପ୍ରକଳ୍ପରେ ଜମି ହରାଇଥିବା ବ୍ୟକ୍ତିଙ୍କୁ ଘୋଷଣା ଓ ପ୍ରତିଶ୍ରୁତି କରାଇ ତାଙ୍କର ଜମିର ଉଚିତ୍ ମୂଲ୍ୟ ଦିଆଯାଇନାହିଁ। ଆମ ଜମିର ୩୦ କିଲୋମିଟର ରେଡିଅସ୍ ମଧ୍ୟରେ ଅବସ୍ଥିତ। ସର୍ବୋଚ୍ଚ ମୂଲ୍ୟର ଜମିର ଭ୍ୟାଲୁଲେସନ୍ ସାର୍ଟିଫିକେଟ୍ ତହସିଲ୍‌ରେ ଦାଖଲ କରିଥିଲେ। ପାଇପ୍ ଲାଇନ୍ କାର୍ଯ୍ୟର ବିରୋଧ ବଦଳରେ ସହଯୋଗ କରିଥିଲେ। ତାସତ୍ତ୍ୱେ କମ୍ପାନୀ ପ୍ରତିଶ୍ରୁତି ଦେଇଥିବା ଜମିର ଉଚିତ୍ ମୂଲ୍ୟ ପ୍ରଦାନ କରିନଥିବାରୁ ଉକ୍ତ ଅଞ୍ଚଳର ନୁମାଲିଗଡ ରିଫେନାରୀ ପାରାଦୀପ ସିଲିଗୁଡି ଗ୍ଲାସ୍ ପାଇପ୍ ଲାଇନ୍ ପ୍ରକଳ୍ପ କ୍ଷତିଗ୍ରସ୍ତ କୃଷକ ଏକତା ମଞ୍ଚ ତରଫରୁ ପ୍ରକାଶ ରାଉତ, ଦୈତାରୀ ପ୍ରସାଦ ରାଉତ, ଶଶୀକାନ୍ତ ମହାନ୍ତି, ଅଲେଖ ରାଉତ, ଅଙ୍କୁର ପଲାଇ, ରାମଚନ୍ଦ୍ର ରାଉତ, ଅଜୟ ପରିଡା, ପ୍ରତାପ ପରିଡା ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରି ଉଚିତ୍ ମୂଲ୍ୟ ଦେବାକୁ ଦାବି କରିଛନ୍ତି।



# ମିଳିତ ପ୍ରୟାସରେ କଳାର ବିକାଶ ନିମନ୍ତେ ଗୁରୁତ୍ୱାରୋପ




**ଢେଙ୍କାନାଳ, ନ୍ୟୁଜ୍ ବ୍ୟୁରୋ**

ଢେଙ୍କାନାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ସୁରଙ୍ଗମା କଳା ନିକେତନର ପ୍ରତିଭାର ବର୍ଷା, ଶ୍ରାବଣ ସୃଜନୀ, ପ୍ରତିଭା ଅନୁପମ ସମ୍ମାନ ଓ ବର୍ଣ୍ଣାଢ୍ୟ ତୃତୀୟ ବାର୍ଷିକ ସାଂସ୍କୃତିକ ମହୋତ୍ସବ -୨୦୨୬ ସ୍ଥାନୀୟ ଅଭିନନ୍ଦନ ଗାର୍ଡେନ ପରିସରରେ ପ୍ରାତଃ ୭ ଘଟିକା ସମୟରେ ଅନୁଷ୍ଠାନର ସଭାପତି ନିରଞ୍ଜନ ଶତପଥୀଙ୍କ ତତ୍ତ୍ୱାବଧାନରେ ଆଶୁତୋଷ ପାଢ଼ୀଙ୍କ ସଂଯୋଜନାରେ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବରେ ପଦ୍ମଚରଣ ସାହୁ, ଉପଜିଲ୍ଲାପାଳ ମହୋଦୟ, ଢେଙ୍କାନାଳ, ମୁଖ୍ୟ ବକ୍ତା ବ୍ରହ୍ମ କୁମାରୀ ଉଷା ଦିଦି, ବରିଷ୍ଠ ରାଜଯୋଗ ଶିକ୍ଷକ, ମୁଖ୍ୟ ସଞ୍ଚାଳିକା, ଉପ – ସେବାକେନ୍ଦ୍ର ପ୍ରଜାପିତା ବ୍ରହ୍ମ କୁମାରୀ ସଂସ୍ଥା, ଢେଙ୍କାନାଳ ଓ ସମ୍ମାନିତ ଅତିଥି ଭାବେ କବି, ଗୀତିକାର ଅବନୀ ମିଶ୍ର, ଉପ ସଭାପତି ରାଜ୍ୟ କଳା ସଂସ୍କୃତି ସଂଘ, ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ରାଜ୍ୟ ପୁରସ୍କାର ପ୍ରାପ୍ତ ଢେଙ୍କାନାଳ ଜିଲ୍ଲା ଏକାଡେମିକ କୋର୍ଡିନେଟର ବରିଷ୍ଠ ଶିକ୍ଷାବିତ୍ ଡା. ଦେବୀପ୍ରସାଦ ମିଶ୍ର, ପ୍ରାକ୍ତନ ବରିଷ୍ଠ ଶିକ୍ଷକ ଓ ସମାଜ ସେବୀ, ସଭାପତି ନିରଞ୍ଜନ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଉଦ୍‌ଯାପନୀ ସନ୍ଧ୍ୟାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ସାନ୍ଧ୍ୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ପିଲାମାନଙ୍କର ଓଡ଼ିଶା ସଂସ୍କୃତି ପ୍ରତି ଆଗ୍ରହ ଓ କଳା ପ୍ରତି ଭଲପାଇବା ସାଙ୍ଗକୁ ଶିକ୍ଷାର ସମନ୍ୱୟକୁ ଉଚ୍ଚ ପ୍ରଶଂସା କରିଥିଲେ ଏବଂ ଅଭିଭାବିକା, ଅଭିଭାବକମାନଙ୍କୁ ପିଲାମାନଙ୍କର ବିଶେଷତାକୁ ଚିହ୍ନି ସେ ଦିଗରେ ସେମାନଙ୍କୁ ପ୍ରୋତ୍ସାହିତ କରିବାକୁ ଉପଦେଶ ଦେଇଥିଲେ। କଲିକତାରୁ ଆସିଥିବା ନୃତ୍ୟ ଶିଳ୍ପୀ ସମାଲି ରୟେ, ଅତନୁ ଦାସ ଓ କୌଶିକ୍ ସଙ୍କୁ ସ୍ୱାଗତ ଓ ଶୁଭେଚ୍ଛା ପ୍ରଦାନ କରିଥଲେ। ଢେଙ୍କାନାଳ ପାଇଁ ଭଲପାଇବା ଓ ସଦ୍ଭାବନା ସବୁବେଳେ ଏମିତି ରହିଥାଉ ବୋଲି ତାଙ୍କୁ ସନ୍ଦେଶ ଦେଇଥିଲେ ସୁରଙ୍ଗମା କଳା ନିକେତନ ଓ ପିଲାମାନଙ୍କର ଗୁରୁଙ୍କୁ ସାଧୁବାଦ ଦେଇଥିଲେ ଯେ ମିଳିତ ପ୍ରୟାସରେ କଳାର ବିକାଶ ଓ ଉନ୍ନତି ପାଇଁ ପ୍ରଚେଷ୍ଟା କରାଯାଉଛି। ମୁଖ୍ୟବକ୍ତା ପିଲାଙ୍କର ମାତାପିତାଙ୍କୁ ଧନ୍ୟବାଦ ଦେଇ ପିଲାଙ୍କର କଳାତ୍ମକ, ସୃଜନାତ୍ମକ ବିକାଶ ଦିଗରେ ସହଯୋଗକୁ ପ୍ରଶଂସା କରିଥିଲେ ଏବଂ ଆଧାତ୍ମିକ ଶିକ୍ଷା ଏ ଦିଗରେ ସାହାଯ୍ୟକାରୀ ସାଜିପାରିବ ବୋଲି ମଧ୍ୟ କହିଥିଲେ। ସମ୍ମାନିତ ଅତିଥି ବୃନ୍ଦ ଜଗନ୍ନାଥ ସଂସ୍କୃତିକୁ ଓ ଓଡ଼ିଶା ମାଟିରେ ଢେଙ୍କାନାଳ ମାଟିର କଳା ଓ ସଂସ୍କୃତିକୁ ଭୂୟସୀ ପ୍ରଶଂସା କରିଥିଲେ। ଆଜିର ଦିନରେ ଢେଙ୍କାନାଳର କଳାକାର ରାଜ୍ୟ,ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ କଳା ପ୍ରଦର୍ଶନ କରି ଢେଙ୍କାନାଳ ମାଟି ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି ବୋଲି ଢେଙ୍କାନାଳ ମାଟିର ବନ୍ଦନା କରି ଆମେ ଢେଙ୍କାନାଳିଆ ବୋଲି ଗର୍ବ କରୁଛେ ବୋଲି କହିଥିଲେ। ସୁଦୂର କଲିକତାରୁ ଆସିଥିବା ବଙ୍ଗୀୟ ନୃତ୍ୟଶିଳ୍ପୀ ମାନଙ୍କୁ ଢେଙ୍କାନାଳ ମାଟିର କଳା ସହିତ ଜଡ଼ିତ କରାଯାଇଥିବାରୁ ଏଭଳି ଅନୁଷ୍ଠାନ ପ୍ରତି ସମର୍ପଣ ଭାବ ରଖି ପିଲାମାନଙ୍କୁ ଉତ୍ସାହିତ କରି ତାଙ୍କର ଅନ୍ତର୍ନିହିତ କଳା ବିକାଶ କାର୍ଯ୍ୟରେ ସଦା ଚେଷ୍ଟିତ ରହି ଢେଙ୍କାନାଳ ମାଟିର ଗର୍ବ ଓ ଗୌରବ ଅର୍ଜନ କରନ୍ତୁ ବୋଲି ଆଶୀର୍ବାଦ ପ୍ରଦାନ କରିଥଲେ। ଗୀତ, ଓଡ଼ିଆ କବିତା, ରଙ୍ଗଭର, ଚିତ୍ରାଙ୍କନ, ହସ୍ତାକ୍ଷର ଓ ନୃତ୍ୟ ପ୍ରତଯୋଗିତାରେ ପିଲାମାନଙ୍କର ବିଭିନ୍ନ ଜିଲ୍ଲାରୁ ଆଗମନ ଉତ୍ସବକୁ ଆହୁରି ରୋମାଞ୍ଚକର କରିଥିଲା।




# ଦିଲ୍ଲୀ ରିସର୍ଚ୍ଚ ଟିମ୍‌ର ରମ୍ଭା ଥାନା ପରିଦର୍ଶନ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ବୁଧବାର ଦିନ ସ୍ଥାନୀୟ ଥାନାକୁ ଏକ ନମ୍ବର କରିବା ପାଇଁ ଦିଲ୍ଲୀ ରିସର୍ଚ୍ଚ ଟିମ୍‌ର ତତ୍କାଳୀନ ପରିଦର୍ଶନ । ପ୍ରତ୍ୟେକ କେସ୍ ତଦନ୍ତ, ଉତ୍ତମ ବ୍ୟବହାର, ଗଣବେଶ ପରିଧାନ, ଥାନା ପରିସରରେ ପରିଷ୍କାର ପରିଚ୍ଛନ୍ନ, ଥାନା ପରିବେଶ ଆଲୋକ ସଜ୍ଜା, ପାଠାଗାର, ଓପନ୍ ଜିମ୍, ଇଣ୍ଡୋର ଜିମ୍, ଫୁଲ ବଗିଚା, ଚିଲ୍ଡ୍ରେନ୍ ପାର୍କ, ଖେଳ ପଡିଆ, ମନ୍ଦିର, ଷ୍ଟାଫ୍ ଗୃହ, ଷ୍ଟାଫ୍ ଗାଡି ପର୍କିଙ୍ଗ, ଜବତ ଗାଡି ପର୍କିଙ୍ଗ, ଅଞ୍ଚଳର ବୁଦ୍ଧିଜୀବୀ, ସମାଜସେବୀ, ସାମ୍ବାଦିକ, ସହିତ ସାଧାରଣ ନାଗରିକ ପ୍ରଭୃତି ପରିଦର୍ଶନ କରିଥିଲେ । ଦିଲ୍ଲୀ ରିସର୍ଚ୍ଚ ଟିମ୍ ପକ୍ଷରୁ ଜ୍ଞାନେସ ସାହୁ ଆସିଥିବା ବେଳେ ରମ୍ଭା ଥାନା ପକ୍ଷରୁ ଆଇଆଇସି କୁମାର ମୁଦୁଲି, ଖଲ୍ଲିକୋଟ ଆଇଆଇସି ରମେଶ ପ୍ରଧାନ, ଏସଆଇ ରବୀନ୍ଦ୍ର କୁମାର ପ୍ରଧାନ, ଏସଆଇ ଛବିରାଣୀ ନାୟକ, ଷ୍ଟାଫ୍ ହୋମଗାର୍ଡ, କନେଷ୍ଟବଳ ପ୍ରମୁଖ ସହଯୋଗ କରିବା ସହ ଦିଲ୍ଲୀ ଗୃହ ମନ୍ତ୍ରାଳୟକୁ ତଥ୍ୟ ହସ୍ତାନ୍ତର କରାଯିବାର ଖବର ମିଳିଛି ।

# ମାଡ଼ ମାରି ଟଙ୍କା ଓ ବାଇକ୍ ଛଡାଇ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଜଣେ ଶ୍ରମିକକୁ ମାଡ ମାରି ଟଙ୍କା ଓ ବାଇକ ଛଡାଇ ନେବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ପୁରା ଜିଲ୍ଲା ଅସ୍ତରଙ୍ଗ ଥାନା କୁଲା ସାହିର ସୁଜିତ କୁମାର ସାହୁ । ପୋଲିସ ସୂଚନା ଅନୁସାରେ ଅଭିଯୋଗକାରୀ ଆଲୋକ ମହାରଣା ଚନ୍ଦକା ଥାନା ଅନ୍ତର୍ଗତ କଣ୍ଟାବାଡ ଗ୍ରାମରେ ରହିବା ସହ ଆଖପାଖ ଅଞ୍ଚଳରେ କାମ କରି ପରିବାର ପ୍ରତିପୋଷଣ କରନ୍ତି । ଗତ ଅଗଷ୍ଟ ୨୩ ତାରିଖ ରାତି ପ୍ରାୟ ୯ଟା ବେଳେ କଣ୍ଟାବାଡ ଗାଁ ନିକଟରେ ଆଲୋକ ଠିଆ ହୋଇଥିବା ବେଳେ ଅଭିଯୁକ୍ତ ସୁଜିତ ସାହୁ ତାଙ୍କୁ ମାଡ ମାରିଥିଲେ। ଏହା ସହିତ ତାଙ୍କୁ ଭୟଭୀତ କରି ଜୋରଜବରଦସ୍ତି ତାଙ୍କ ପାଖରେ ଥିବା ୪ ହଜାର ଟଙ୍କା ଏବଂ ବାଇକ ଛଡାଇ ନେଇଥିଲେ। ପରେ ପୁଣି ୨୭ ତାରିଖ ସକାଳ ପ୍ରାୟ ୭ଟା ସମୟରେ ଅଭିଯୁକ୍ତ ସୁଜିତ ନିଜ ମୋବାଇଲ ନମ୍ବରରୁ ତାଙ୍କୁ ଫୋନ କରି ଆଉ ୨ ହଜାର ଟଙ୍କା ଦେବାକୁ ବାଧ କରିଥିଲେ ଏବଂ ଟଙ୍କା ନଦେଲେ ତାଙ୍କର ଭୟଙ୍କର ଅସୁବିଧା ହେବ ବୋଲି ଧମକ ମଧ୍ୟ ଦେଇଥିଲେ । ଏନେଇ ଆଲୋକ ଚନ୍ଦକା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ସୁଜିତକୁ ଗିରଫ କରିବା ସହ ତାନିକଟରୁ ଛଡାଇ ନେଇଥିବା ବାଇକ ଜବତ କରି ଅଦାଲତକୁ ଚାଲାଣ କରିଛି । ଅଭିଯୁକ୍ତ ସୁଜିତ ନାଁରେ ପୂର୍ବରୁ ଥାନାରେ ଏକ ଅପରାଧିକ ମାମଲା ଥିବା ଜଣାପଡିଛି।

# ଚମ୍ପୁଆରେ 'ଏସ୍‌ଆଇଆର୍' କାର୍ଯ୍ୟର ତଦାରଖ କଲେ ପର୍ଯ୍ୟବେକ୍ଷକ

**କେନ୍ଦୁଝର, ନ୍ୟୁଜ୍**

ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡିସି, ସମ୍ବଲପୁର) ତଥା ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପର୍ଯ୍ୟବେକ୍ଷକ ସଂଗ୍ରାମ କେଶରୀ ମହାପାତ୍ର, ଦ୍ୱିତୀୟ ଥର ପାଇଁ କେନ୍ଦୁଝର ଜିଲ୍ଲା ଗସ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଚମ୍ପୁଆ ଗସ୍ତ କରିବା ସହ ଜିଲ୍ଲାରେ ଚାଲିଥିବା ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ତଦାରଖ କରିଥିଲେ। ଗସ୍ତ ସମୟରେ ଆରଡିସି ଶ୍ରୀ ମହାପାତ୍ର ବିଭିନ୍ନ ଦାଖଲ ଫର୍ମଗୁଡ଼ିକର ସମାଧାନ ଓ ନିଷ୍ପତ୍ତି ପ୍ରକ୍ରିୟାର ତଦାରଖ କରିଥିଲେ। ବିଶେଷ କରି ଯେଉଁ ବୁଥ୍‌ଗୁଡ଼ିକରେ ସର୍ବାଧିକ ନୂତନ ନାମ ଯୋଗ ଏବଂ ନାମ ବାଦ୍ ପଡ଼ିଛି, ସେହି ବୁଥ୍‌ଗୁଡ଼ିକର ସ୍ଥିତି ଏବଂ ପରିସଂଖ୍ୟାନକୁ ସେ ବିଶେଷ ଭାବରେ ସମୀକ୍ଷା କରିଥିଲେ। ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ଯୋଜନାବଦ୍ଧ ଏବଂ ସୁଚାରୁ ରୂପେ ଚାଲିଥିବାରୁ ସେ ସାମଗ୍ରିକ ଅଗ୍ରଗତି ଉପରେ ସନ୍ତୋଷ ପ୍ରକାଶ କରିଥିଲେ। ଏହି ସମୀକ୍ଷା ଓ ପରିଦର୍ଶନ କାର୍ଯ୍ୟକ୍ରମରେ ପାଟଣା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ) ତଥା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଳିକ, ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଇଆରଓ ତଥା ଉପ-ଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଡେପୁଟି କଲେକ୍ଟର ଅରୁଣିମା ସାହୁ, ତହସିଲଦାର ଚମ୍ପୁଆ ସତ୍ୟବ୍ରତ ସାହୁ ଓ ତହସିଲଦାର ବଡ଼ବିଲ ରାକେଶ କୁମାର ପଣ୍ଡା ଓ ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।



# ବିଭିନ୍ନ ସମସ୍ୟା ନେଇ ଏସ୍‌ପି ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଭେଟିଲା କଂଗ୍ରେସ କମିଟି

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟିର ଏକ ଟିମ୍ ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ ବିଭିନ୍ନ ସମସ୍ୟାକୁ ନେଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଭେଟିଛନ୍ତି। ଜିଲ୍ଲା ମୁଖ୍ୟ ଚିକିସାଳୟରେ ବିଭିନ୍ନ ବିଭାଗ ଯେପରି ହୃଦରୋଗ ବିଭାଗ, କ୍ୟାନ୍ସର ବିଭାଗରେ କେବଳ ଜଣେ ଡାକ୍ତର ରହିଛନ୍ତି, ରଞ୍ଜନରଶ୍ମୀ ବିଭାଗରେ କେହି ଜଣେ ବି ଡାକ୍ତର ନାହାଁନ୍ତି, ଚିକିସାଳୟରେ ନିଶ୍ଚେତନା ବିଶେଷଜ୍ଞ ମାତ୍ର ଜଣେ ରହିଛନ୍ତି ଏଣୁ ଡାକ୍ତରଙ୍କ ଅଭାବ ଥିବା ଦୃଷ୍ଟି ଆକର୍ଷଣ କରିବା ସହିତ ତୁରନ୍ତ ଏହି ସବୁ ବିଭାଗରେ ଆବଶ୍ୟକୀୟ ଡାକ୍ତର ପଦବୀ ପୂରଣ ଏବଂ ଜିଲ୍ଲା ଡାକ୍ତରଖାନା ପରିଚାଳନାରେ ଅନେକ ଗୁଡିଏ ତ୍ରୁଟି ରହିଛି ଯେଉଁଥିପାଇଁ ରୋଗୀମାନେ ଅନେକ ସମୟରେ ଦଲାଲ ମାନଙ୍କ ଶିକାର ହେଉଛନ୍ତି । ପରିଚାଳନାରେ ସୁଧାର ଅଣାଯିବା ପାଇଁ ଦାବି କରିବା ସହିତ ରେଡୁଆ ଗୋଷ୍ଠୀ ସସ୍ୱାସ୍ଥ୍ୟ କେନ୍ଦ୍ରକୁ ଏକ ୧୦୮ ଆମ୍ବୁଲାନ୍ସ ଏବଂ ଜୟପୁର ସ୍ଥିତ ପ୍ରାଥମିକ ଚିକିତ୍ସାକେନ୍ଦ୍ରରେ ଡାକ୍ତର ଓ ନର୍ସ ପଦବୀ ପୂରଣ ପାଇଁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଓ ଉପ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଭେଟି ଲିଖିତ ଦାବି ଉପସ୍ଥାପନା କରିଥିଲେ। ଏହି ସମସ୍ୟା ଗୁଡିକର ସମାଧାନ ନିମନ୍ତେ ଉଭୟ ଅଧିକାରୀ ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି ନିର୍ଭରଯୋଗ୍ୟ ପ୍ରତିଶୃତି ପ୍ରଦାନ କରିଥିଲେ। ପରେ ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଡୁଆ ବଜାର ହେଉଛି ଏକ ଅନ୍ୟତମ ପ୍ରମୁଖ ବଜାର ଏହି ବଜାର ଉପରେ ପାଖାପାଖି ୧୦ଟି ପଞ୍ଚାୟତର ୩୦ ହଜାରରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରିଥାନ୍ତି । ଏଠାରେ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ମହାବିଦ୍ୟାଳୟ ରହିଛି ଏବଂ ଏଠାରେ ଏକ ବଡ଼ ସାପ୍ତାହିକ ହାଟ ମଧ୍ୟ ହୁଏ ତତ୍ ସହିତ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ବ୍ୟବସାୟିକ ପ୍ରତିଷ୍ଠାନ ମଧ୍ୟ ରହିଛି । ଏଠାର ପ୍ରତ୍ୟେକ ଦିନ କିଛି ନା କିଛି ଅଘଟଣ ଘଟୁଛି । ଏହାର ସମାଧାନ ନିମନ୍ତେ ଜନସାଧାରଣ ପ୍ରାୟ ୧୫ କିମି ଦୂର ରଘୁନାଥପୁର ଥାନା ଉପରେ ନିର୍ଭର କରିବାକୁ ପଡୁଛି । ଏଣୁ ଏଠାରେ ଏକ ପୋଲିସ ଫାଣ୍ଡିର ନିତ୍ୟାନ୍ତ ଆବଶ୍ୟକ ରହିଛି ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଶତାଧିକ ଲୋକଙ୍କ ଦସ୍ତଖତ ସମ୍ବଳିତ ଲିଖିତ ଦାବି ଉପସ୍ଥାପନା କରିଥିଲେ। ଆରକ୍ଷୀ ଅଧିକ୍ଷକ ସମସ୍ୟାଟିକୁ ହୃଦୟଙ୍ଗମ କରି ପ୍ରଥମେ ଏକ ପୋଲିସ ବିଟ୍ ହାଉସ ଏବଂ ପରେ ଫାଣ୍ଡି କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିଲେ। ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ମନମୋହନ ଗୋଛାୟତ, ବିମଳ ସେଠୀ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ପୁରୁଣାବସନ୍ତ ସରପଞ୍ଚ କାଳନ୍ଦୀ ମହାନ୍ତି, ସମିତିସଭ୍ୟ ପ୍ରତାପ ସ୍ୱାଇଁ, ସୁବାଷ ରାଟସିଂହ, ସାରଦା ଜେନା, ପ୍ରତାପ ସ୍ୱାଇଁ, ତ୍ରିଲୋଚନ ରାଉତ, ସନ୍ତୋଷ ପ୍ରଧାନ, ପ୍ରତ୍ୟୁଷ ସ୍ୱାଇଁ, ଯୋଗେନ୍ଦ୍ର ବାରିକ, ରାଜେନ୍ଦ୍ର ସ୍ୱାଇଁ, ପ୍ୟାରେଶ ପାତ୍ର, କାର୍ତ୍ତି ରଞ୍ଜନ ରାୟ, ସୁଶୀଲ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ।



# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଶା ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ– ୧୪୩୩ ସାଲ, ଶକାବ୍ଦଃ– ୧୯୪୩, ସମ୍ବତ୍– ୨୦୮୧, ହିଜରୀ– ୧୪୪୭, କଳିଯୁଗାବ୍ଦଃ– ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ– ଅ୬୯ଙ୍କ

**ତା୫।୦୯।୨୦୨୬, ଭାଦ୍ରବ ଦ୨୦ନ, ଶନିବାର**

**ସୂର୍ଯ୍ୟୋଦୟ– ଘ ୫।୩୪।୦୩ ଚନ୍ଦ୍ରୋଦୟ– ରାଘ୧୨।୧୭।୩୧**

ନବମୀ ରାଘ ୯।୫୫ ପର୍ଯ୍ୟନ୍ତ, ମୃଗଶିରା ନକ୍ଷତ୍ର ରାଘ ୯।୩୪ ପର୍ଯ୍ୟନ୍ତ । ବୃଷ ଚନ୍ଦ୍ର । **ଚନ୍ଦ୍ରଶୁଦ୍ଧି–** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର ଦିଘ ୧୦।୧୯ ଗତେ ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର, ମୀନ ରାଶିର। **ଘାତଚନ୍ଦ୍ର–** ବିଛା ରାଶିର। ଦିଘ ୧୦।୧୯ ଗତେ କନ୍ୟା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ–** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ–** ଲାଉ ରାଘ ୯।୫୫ ଗତେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା–** ଦିଘ ୧୦।୧୪ ଗତେ ଦିଘ ୧୦।୫୮ ମଧ୍ୟେ। **ପର୍ବୋତ୍ସବ–** ନନ୍ଦୋତ୍ସବ, ନୂଆଖାଇ ପର୍ବ, ଗୁରୁ ଦିବସ।



**ମେଷ:** ଅନେକ ଦିନର ଆଶା ଆପଣଙ୍କର ପୂର୍ଣ୍ଣ ହେବ। ମାଙ୍ଗଳିକ କାମ ସକାଶେ ଯାତ୍ରା କରିବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ । ଶରୀର ସୁସ୍ଥ ରହିବ ।



**ବୃଷ:** କର୍ମକ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ଦେଖାଦେଇପାରେ। ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହୋଇପାରନ୍ତି। ରୋଜଗାର ଭଲ ହେବ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ।



**ମିଥୁନ:** ଶରୀର ସୁସ୍ଥ ରହିବ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଶୁଭ ଖବର ପାଇ ଆନନ୍ଦିତ ହେବେ। ଆର୍ଥିକ ସ୍ଥିତି ଭଲ ରହିବ। ପାରିବାରିକ ଜୀବନ ସୁଖମୟ ହେବ। ଭ୍ରମଣ ଯୋଗ ରହିଛି।



**କର୍କଟ:** ପାରିବାରିକ ସୁଖ ଅବ୍ୟାହତ ରହିବ। ବ୍ୟବସାୟ ମଧ୍ୟମ ଧରଣର ଚାଲିବ। ଧନ ଲାଭ ହେବ। ପରୋପକାରୀ ହେବେ। ଦେହ ଓ ମନ ଭଲ ରହିବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ ।



**ସିଂହ:** ଚାକିରୀ କ୍ଷେତ୍ରରେ କର୍ମତତ୍ପରତା ପ୍ରକାଶ ପାଇବ। ମାଲିମୋକଦ୍ଦମାରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ। ଆୟ ଓ ବ୍ୟୟ ସମାନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ ।



**କନ୍ୟା:** ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ ଅଶାନ୍ତି ଦେଖାଦେବ। ବେପାର ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦେଖାଦେବାର ସୂଚନା।



**ତୁଳା:** ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହେବେ। କାର୍ଯ୍ୟକ୍ଷେତ୍ରରେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଭ୍ରମଣ ଯୋଗ ରହିଛି । ଆୟରେ ଉନ୍ନତି ଦେଖାଦେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବାର ସୂଚନା ରହିଛି ।



**ବିଛା:** ଆଜି ଆପଣଙ୍କର ଘାତଚନ୍ଦ୍ର। ଏଣୁ ସାବଧାନତା ଅବଲମ୍ବନୀୟ। କର୍ମକ୍ଷେତ୍ରରେ ଅସଫଳତା ଦେଖାଦେବ। ଖର୍ଚ୍ଚର ପରିମାଣ ଅଧିକ ହେବ। ଘରେ କଳହ ଓ ଅଶାନ୍ତି ଦେଖାଦେବ । ମନ ଅସ୍ଥିର ରହିବ ।



**ଧନୁ:** ବ୍ୟବସାୟରେ ଲାଭବାନ୍ ହେବେ। ମାଙ୍ଗଳିକ କାର୍ଯ୍ୟ ସହିତ ଦେବ ଦର୍ଶନର ସୁଯୋଗ ରହିଛି। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଘରେ ଖୁସିର ବାତାବରଣ ରହିବ। ମନ ଭଲ ରହିବ।



**ମକର:** ଶୁଭ ଖବର ପାଇ ଆନନ୍ଦିତ ହେବେ। ଶତ୍ରୁ ନାଶ ହେବେ। ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଗୃହେ ଆନନ୍ଦ ଅବ୍ୟାହତ ରହିବ ।



**କୁମ୍ଭ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ। ପରିବାରରେ ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ହୋଇପାରନ୍ତି। ଆୟ ଓ ବ୍ୟୟର ପରିମାଣ ସ୍ଥିର ରହିବ। ମନ ଅସ୍ଥିର ରହିବ ।



**ମୀନ:** ଅନେକ କ୍ଷେତ୍ରରେ ବିଜୟୀ ହେବେ। ଅଟକି ରହିଥିବା କାମ ଆରମ୍ଭ ହେବ। ରୋଜଗାର ଭଲ ହେବ। ଆଜି ବନ୍ଧୁ ମିଳନ ହେତୁ ଆନନ୍ଦ ଆସିବ। ପାରିବାରିକ ଜୀବନ ସୁଖମୟ ହେବ ।

# ପିଏସ୍ ରଣପିସେ ହେଲେ ସିଆଇଏସ୍‌ଏଫ୍ ସ୍ପେଶାଲ ଡିଜି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

୧୯୯୫ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ପିଏସ୍ ରଣପିସେ ସିଆଇଏସ୍‌ଏଫ୍‌ର ସ୍ପେଶାଲ ଡିଜି ଭାବେ ନିଯୁକ୍ତି ପାଇଛନ୍ତି । ସେ ପୂର୍ବରୁ ସିଆଇଏସ୍‌ଏଫ୍‌ରେ ଆଇଜି ଭାବେ କାର୍ଯ୍ୟରତ ଥିଲେ। ଗତ ଜୁନ୍ ୧୩ ତାରିଖରେ ତାଙ୍କର ଡିଜି ପାହ୍ୟାକୁ ପଦୋନ୍ନତି ହୋଇଥିଲା । ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ୍ କମିଟି ତାଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେଇଥିଲା। ଗୁରୁବାର କେନ୍ଦ୍ର ସରକାରଙ୍କ ଗୃହ ବିଭାଗ ପକ୍ଷରୁ ତାଙ୍କୁ ସିଆଇଏସ୍‌ଏଫ୍‌ର ସ୍ପେଶାଲ ଡିଜି ଭାବେ ପଦୋନ୍ନତି ପ୍ରଦାନ କରିଛି ।

# ଆଗାମୀ କାଲିର ପଞ୍ଜିକା

ସନ– ୧୪୩୩ ସାଲ, ଶକାବ୍ଦଃ– ୧୯୪୩, ସମ୍ବତ୍– ୨୦୮୧, ହିଜରୀ– ୧୪୪୭, କଳିଯୁଗାବ୍ଦଃ– ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ– ଅ୬୯ଙ୍କ

**ତା୬।୦୯।୨୦୨୬, ଭାଦ୍ରବ ଦ୨୧ନ, ରବିବାର**

**ସୂର୍ଯ୍ୟୋଦୟ– ଘ ୫।୩୪।୧୫ ଚନ୍ଦ୍ରୋଦୟ– ରାଘ୧।୨୩।୧୯**

ଦଶମୀ ସଂଘ ୭।୩୧ ପର୍ଯ୍ୟନ୍ତ, ଆର୍ଦ୍ରା ନକ୍ଷତ୍ର ରାଘ ୭।୫୪ ପର୍ଯ୍ୟନ୍ତ । ମିଥୁନ ଚନ୍ଦ୍ର ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି–** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର, ମୀନ ରାଶିର। **ଘାତଚନ୍ଦ୍ର–** କନ୍ୟା ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ–** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ–** କଳମ ଶାଗ ସଂଘ ୭।୩୧ ଗତେ ଶିମ୍ବ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା–** ପ୍ରାଘ ୫।୩୭ ଗତେ ଦିଘ ୯।୪୩ ମଧ୍ୟେ। ଦିଘ ୧।୧୯ ଗତେ ଦିଘ ୧।୫୦ ମଧ୍ୟେ। **ପର୍ବୋତ୍ସବ–** ଖୁଦୁରୁକୁଣୀ ଓଷା ଦ୍ୱିତୀୟ ପାଳି।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ବିବାଦରେ ଜିଡ଼ିପି ଅଭିବୃଦ୍ଧି

ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଦେଶର ମୋଟ୍ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୭.୮ ପ୍ରତିଶତ ହୋଇଥିବା ସରକାର ଘୋଷଣା କରିବାର କିଛି ସମୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକମାନଙ୍କୁ ସୁନା କିଣା ଓ ବିଦେଶ ଯାତ୍ରାରୁ ବିରତ ରହିବା ପାଇଁ ଆହ୍ୱାନ ଦେବା ପରେ ଅର୍ଥନୀତିର ପ୍ରକୃତ ସ୍ଥିତିକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଯଦି ଅର୍ଥନୀତି ଏତେ ଭଲ ପ୍ରଦର୍ଶନ କରୁଛି ତେବେ ପ୍ରଧାନମନ୍ତ୍ରୀ କାହିଁକି ଏଭଳି ଆହ୍ୱାନ ଦେଉଛନ୍ତି ବୋଲି ବିଶେଷଜ୍ଞମାନେ ପ୍ରଶ୍ନ କରିଛନ୍ତି।

ଏହି ପ୍ରସଙ୍ଗରେ ବିରୋଧୀ ଦଳ କଂଗ୍ରେସ ଓ ଏହାର ନେତାମାନେ, ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ, ଜୋହୋର ପ୍ରତିଷ୍ଠାତା ଶ୍ରୀଧର ଭେମ୍ବୁ ଦେଶର ୭.୮ ପ୍ରତିଶତ ଅଭିବୃଦ୍ଧିକୁ ନେଇ ସନ୍ଦେହ ପ୍ରକଟ କରିଛନ୍ତି। ରାଜନ କହିଛନ୍ତି ଯେ ଯଦି ଅର୍ଥନୀତି ଏତେ ଦ୍ରୁତ ଗତିରେ ଆଗକୁ ବଢୁଛି ତେବେ ଯୁବପିଢ଼ି ପାଇଁ କାହିଁକି ଯଥେଷ୍ଟ ଚାକିରି ସୃଷ୍ଟି ହୋଇପାରୁନାହିଁ ? ଜୋହୋର ପ୍ରତିଷ୍ଠାତା ଶ୍ରୀଧର ଭେମ୍ବୁ କହିଛନ୍ତି, ଯଦି ଦେଶର ଅର୍ଥନୀତି ୭.୮ ପ୍ରତିଶତ ବେଗରେ ଆଗକୁ ବଢୁଛି, ତଥାପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାହିଁକି ସୁନା କିଣିବା ଓ ବିଦେଶ ଗସ୍ତ ନ କରିବାକୁ ଲୋକମାନଙ୍କୁ କହୁଛନ୍ତି। ମୋଦୀ ସରକାରଙ୍କ ତଥ୍ୟ ଉପରେ କଂଗ୍ରେସ ସନ୍ଦେହ କରିଛି। ପୂର୍ବତନ ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗ କହିଥିଲେ ଯେ ଅଭିବୃଦ୍ଧିକୁ ବଢ଼ାଇ ଚଢ଼ାଇ ଦର୍ଶାଇବା ଲାଗି ହିସାବରେ ପରିବର୍ତ୍ତନ ଅଣାଯାଇଛି। ଗର୍ଗଙ୍କ ସେହି ମନ୍ତବ୍ୟ ଆଧାରରେ କଂଗ୍ରେସ ସରକାରଙ୍କୁ ଟାର୍ଗେଟ କରି କହିଛି ଯେ ବାସ୍ତବ ଅଭିବୃଦ୍ଧି କେବଳ ୨.୬ ପ୍ରତିଶତ। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଓ ନେତା ଜୟରାମ ରମେଶ, ଆପ୍ ନେତା ସଞ୍ଜୟ ସିଂହ ଓ ଆରଜେଡି ସାଂସଦ ମନୋଜ ଝା ମଧ୍ୟ ଜିଡିପି ତଥ୍ୟର ବିଶ୍ୱସନୀୟତା ନେଇ ପ୍ରଶ୍ନ ଉଠାଇଛନ୍ତି।

ତେବେ ଏଭଳି ଅଭିଯୋଗ କରିଥିବା କଂଗ୍ରେସକୁ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ, କିରନ ରିଜିଜୁ କଡ଼ା ସମାଲୋଚନା କରିଛନ୍ତି। ଗୋୟଲ କହିଛନ୍ତି ଯେ ସମାଲୋଚନା କରୁଥିବା ଲୋକମାନଙ୍କ ପାଖରେ କିଛି କାମ ନାହିଁ। ଏକ ପୁରୁଣା ଡାଟାକୁ ନୂଆ ଡାଟା ସହ ତୁଳନା କରି ସେମାନେ ଦେଶବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି। ସେହିପରି, ରିଜିଜୁ କହିଛନ୍ତି ଯେ ଅତ୍ୟଧିକ ବିୟର ପିଇବା କାରଣରୁ କଂଗ୍ରେସ ପୁରା ନିଶାରେ ଥିବା ଭଳି ଲାଗୁଛି। ଏହି ପ୍ରସଙ୍ଗରେ ନିଜ ମତ ରଖି ଷୋଡ଼ଶ ଅର୍ଥ ଆୟୋଗ ଅଧକ୍ଷ ଅରବିନ୍ଦ ପାନଗାରିୟା କହିଛନ୍ତି ଯେ ଜିଡିପିର ଭୁଲ ଚିତ୍ର ଉପସ୍ଥାପନ କରିବା ଅତ୍ୟନ୍ତ କଷ୍ଟକର। ଏସ୍‌ବିଆଇ ଇକୋରାପ୍ ପକ୍ଷରୁ କୁହାଯାଇଛି ଯେ ଜିଡିପି ତଥ୍ୟକୁ କିଛି ଲୋକ ହଜମ କରିପାରୁନାହାନ୍ତି। ପ୍ରଧାନମନ୍ତ୍ରୀଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ସଞ୍ଜୀବ ସାନ୍ୟାଲ କହିଛନ୍ତି ଯେ ଅର୍ଥନୀତିକୁ ଗମ୍ଭୀରତାର ସହ ନେଉଥିବା କୌଣସି ଅର୍ଥନୀତିଜ୍ଞ ଜିଡିପି ତଥ୍ୟ ଉପରେ ପ୍ରଶ୍ନ କରିବେ ନାହିଁ। ପରିସଂଖ୍ୟାନ ମନ୍ତ୍ରଣାଳୟ ମଧ୍ୟ ଜିଡିପି ତଥ୍ୟକୁ ଯଥାର୍ଥ ବୋଲି କହିଛି। କୃତ୍ରିମ ଉପାୟରେ ଅଭିବୃଦ୍ଧି ବଢ଼ାଇବାକୁ ଉଦ୍ୟମ ହୋଇନଥିବା କହିଛି।

# ଗୁରୁ-ଶିଷ୍ୟ ପରମ୍ପରା - କାଲି ଓ ଆଜିର



ହିମାଂଶୁ ଶେଖର ଆଚାର୍ଯ୍ୟ
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ : ୯୩୩୭୨୨୧୯୨୪

ଗୁରୁ-ଶିଷ୍ୟ ପରମ୍ପରା ସମ୍ପର୍କରେ ଆଲୋଚନା କରିବା ପାଇଁ ଗୁରୁଦିବସ ଏକ ବଡ ଅବସର। ମହାଭାରତର କୃଷ୍ଣ-ସନ୍ଦିପନୀ, ଦ୍ରୋଣ-ଏକଲବ୍ୟଙ୍କଠାରୁ ଆରମ୍ଭକରି ଛତ୍ରପତି ଶିବାଜୀ ଓ ଗୁରୁ ରାମଦାସଙ୍କ ପର୍ଯ୍ୟନ୍ତ ପୁଣି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଠାରୁ ଆରମ୍ଭକରି ଏ. ପି. ଜେ. ଅବଦୁଲ କଲାମଙ୍କ ପର୍ଯ୍ୟନ୍ତ ସବୁଠି ଗୁରୁ ଶିଷ୍ୟ ପରମ୍ପରାର ଲମ୍ବା ତାଲିକା। ସେହି ମହାନ ପରମ୍ପରାକୁ ମନେପକାଇ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ସମସ୍ତେ ଗୁରୁଦିବସ ଉପଲକ୍ଷେ ବାର୍ତ୍ତା ରଖିଛନ୍ତି। ଗୁରୁ ଦିବସ ଦେଶର ଶିକ୍ଷକମାନଙ୍କର ଅଧିକାର, ଅସ୍ମିତା ଓ ସ୍ୱାଭିମାନ ପ୍ରତିଷ୍ଠା ପାଇଁ ଚିନ୍ତା କରିବାର ଦିନଟିଏ। ଏହି କଥାକୁ ଆଖିରେ ରଖି ବିଶ୍ୱର ପ୍ରତ୍ୟେକ ଦେଶ ନିଜ ନିଜର ଶିକ୍ଷକ ବା ସମାଜ ନିର୍ମାତାମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଭିନ୍ନ ଭିନ୍ନ ଦିନରେ ଗୁରୁ ଦିବସ ପାଳନ କରିଥାନ୍ତି। ଏପରିକି ସାର୍ବଜନୀନ ଭାବେ ଅକ୍ଟୋବର ୫ ତାରିଖକୁ ବିଶ୍ୱ ଶିକ୍ଷକ ଦିବସ ରୂପେ ମଧ୍ୟ ପାଳନ କରାଯାଇଥାଏ। ଆମ ଦେଶରେ ଗୁରୁ ଦିବସ ପାଳନ ଅବସରରେ ଆମେ ଦୁଇଟି କଥାକୁ ଗୁରୁତ୍ୱ ଦେଇଥାଉ। ପ୍ରଥମଟି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମ ଦିବସ ପାଳନ ଓ ଦ୍ୱିତୀୟଟି ଗୁରୁଙ୍କ ସମ୍ମାନାର୍ଥେ ଗୁରୁପୂଜା। ସବୁଦେଶରେ ଶିକ୍ଷକ ବା ଗୁରୁ ପୂଜନୀୟ। ବିଶ୍ୱର ବିଭିନ୍ନ ଦେଶ ଭିନ୍ନ ଭିନ୍ନ ଦିବସରେ ବା ତାରିଖରେ ମହାନ୍ ଶିକ୍ଷକଙ୍କ ସ୍ମୃତିରେ ପାଳନ କରନ୍ତି ଶିକ୍ଷକ ଦିବସ ବା ଗୁରୁଦିବସ। ଆର୍ଜେଣ୍ଟିନାରେ ସେପ୍ଟେମ୍ବର ୧୧ ତାରିଖରେ ମହାନ୍ ଶିକ୍ଷକ ଡୋମିଙ୍ଗୋ ଫଷ୍ଟିନୋ ସାର୍ମିଏଣ୍ଟୋଙ୍କ ସ୍ମୃତିରେ ପାଳିତ ହୁଏ ଏହି ଦିବସ। ବ୍ରୁନେଇର ୨୮ତମ ଶାସକ ସୁଲତାନ ଓମାର୍ ଅଲ୍ଲୀ ସୈଫୁଦ୍ଦିନ୍ ତୃତୀୟଙ୍କ ଜନ୍ମଦିନ ସେପ୍ଟେମ୍ବର ୨୩ ତାରିଖକୁ ପାଳନ କରାଯାଏ ଶିକ୍ଷକ ଦିବସ ଭାବରେ। ବ୍ରାଜିଲ୍‌ରେ ଅକ୍ଟୋବର ୧୫ ତାରିଖରେ ପ୍ରାଥମିକ ସ୍କୁଲଗୁଡିକ ଅଦାଲତରେ ଏକ ମାମଲାରେ ଜୟଯୁକ୍ତ ହୋଇଥିଲେ। ସେବେଠାରୁ ଏହି ଦିନକୁ ଶିକ୍ଷକ ଦିବସ ରୂପେ ପାଳନ କରାଯାଉଛି। ଏଥି ସହିତ ଆମେରିକାରେ ମଇ ମାସର ପ୍ରଥମ ସପ୍ତାହ (ବୁଧବାର) ଦିନକୁ ପାଳନ କରାଯାଏ ନ୍ୟାସନାଲ୍ ଟିଚର୍ସ ଡେ। ଆମ ଦେଶରେ ଗୁରୁପୂଜନର ପରମ୍ପରା ହେଉଛି ଅତି ପ୍ରାଚୀନ। ଏହି ଗୁରୁମାନଙ୍କ ଉଦ୍ଦେଶ୍ୟରେ ପ୍ରତିବର୍ଷ ପାଳନ କରାଯାଏ ଗୁରୁପୂର୍ଣ୍ଣିମା। ଏହିଦିନ ବେଦବ୍ୟାସ ଜନ୍ମଗ୍ରହଣ କରିଥିଲେ। ସେହିପରି ଭାରତରେ ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖକୁ ଗୁରୁଦିବସ ଭାବେ ପାଳନ କରାଯାଏ। ୧୯୬୨ ମସିହାରୁ ଏହା ପାଳନ କରାଯାଉଛି। ଏହି ଦିନ ୧୮୮୮ ମସିହାରେ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ତତକାଳୀନ ମାଡ୍ରାସ୍ ସହର(ଆଧୁନିକ ଚେନ୍ନାଇ) ଠାରୁ ପ୍ରାୟ ୪୦ ମାଇଲ୍ ଦୂର ତିରୁତାନୀରେ ଜନ୍ମଗ୍ରହଣ କରିଥିଲେ। ଏକାଧାରରେ ସେଥିଲେ ଜଣେ ଶିକ୍ଷକ, ଶିକ୍ଷାବିତ୍, ଦାର୍ଶନିକ, କୂଟନୀତିଜ୍ଞ ଓ ସର୍ବୋପରି ସ୍ୱାଧୀନ ଭାରତର ପ୍ରଥମ ଉପରାଷ୍ଟ୍ରପତି ଓ ଦ୍ୱିତୀୟ ରାଷ୍ଟ୍ରପତି। ତାଙ୍କୁ ଆମ ଦେଶର ସର୍ବକାଳୀନ ଶ୍ରେଷ୍ଠ ଶିକ୍ଷକ ଓ ଶିକ୍ଷା ସଂସ୍କାରକ ଭାବେ ଗ୍ରହଣ କରାଯାଇଛି। ୧୯୬୨ ମସିହାରେ ଭାରତର ସର୍ବୋଚ୍ଚ ଆସନ ରାଷ୍ଟ୍ରପତି ପଦ ଅଳଙ୍କୃତ କରିବାପରେ ତାଙ୍କର କେତେକ ଛାତ୍ର ଓ ଶୁଭେଚ୍ଛୁ ତାଙ୍କର ଜନ୍ମଦିନକୁ ଆଡମ୍ବର ସହକାରେ ପାଳନ କରିବାକୁ ଅନୁମତି ମାଗନ୍ତେ, ସେ କହିଲେ - "ଯଦି ମୋ ଜନ୍ମ ଦନକୁ ପାଳନ କରିବାକୁ ଚାହୁଁଛ ତେବେ ମୋ ଜନ୍ମଦିନକୁ ଗୁରୁଦିବସ ଭାବେ ପାଳନ କଲେ ମୁଁ ବହୁତ ଖୁସି ହେବି"। ଛାତ୍ର ଓ ଶୁଭେଚ୍ଛୁମାନେ ତାଙ୍କ କଥା ରଖିଲେ ଓ ସେହିଦିନଠାରୁ ଗୁରୁଦିବସ ପାଳନ ଆରମ୍ଭ ହେଲା। ଗୁରୁ ଦିବସ ପାଳନ ଅବସରରେ ଆମ ଦେଶ ତଥା ରାଜ୍ୟ କଥା ଚିନ୍ତାକଲେ ଅନେକ କଥା ଆଖି ସାମ୍ନାକୁ ଆସେ। କୋଠାରୀ କମିସନ କହିଥିଲେ-"ଭାରତର ଭବିଷ୍ୟତ ଶ୍ରେଣୀଗୃହରେ ତିଆରି ହୁଏ"। କିନ୍ତୁ କ୍ଷୋଭର କଥା ଶିକ୍ଷାର ମୁଖ୍ୟ ବିଦ୍ଧାଣୀ କୁହାଯାଉଥିବା ଶିକ୍ଷକମାନଙ୍କୁ ବିଭିନ୍ନ ପ୍ରକାରରେ ବିଭକ୍ତ କରାଯାଇଛି। କିଏ ସରକାରୀ, କିଏ ବେସରକାରୀ ତ କିଏ ଠିକା ଶିକ୍ଷକ, ଶିକ୍ଷା ସହାୟକ, ବ୍ଲକ୍‌ଗ୍ରାଣ୍ଟ, ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ ଇତ୍ୟାଦି ଏମାନଙ୍କ ବେତନ ଓ ସର୍ତ୍ତାବଳୀ ମଧ୍ୟ ଭିନ୍ନ ଭିନ୍ନ ପ୍ରକାରର। ଏବେ ବ୍ଲକ୍‌ଗ୍ରାଣ୍ଟର ପରିଭାଷା ବଦଳି ନୂତନ ଗ୍ରାଣ୍ଟ୍-ଇନ୍-ଏଡ୍ ନୀତି ଘୋଷଣା କରାଯାଇଛି। ଏଥିରେ ମଧ୍ୟ ସେହି ଏକା ପ୍ରକାରର ବ୍ୟବସ୍ଥା-ଚାକିରି ସର୍ତ୍ତାବଳୀ ବା ଅନ୍ୟାନ୍ୟ ସୁବିଧା ସୁଯୋଗ ନାହିଁ। କାହିଁ ଏପରି ବ୍ୟବସ୍ଥା ଅତୀତରେ ନଥିଲା ? ଏପରି ସ୍ଥଳେ ଗୁଣାତ୍ମକ ଶିକ୍ଷା କିପରି ଆଶା କରାଯିବ, ତାହାହିଁ ବିରାଟ ପ୍ରଶ୍ନବାଚୀ ରୂପେ ଦେଖାଦେଇଛି। ଖାଲି ସେତିକି ନୁହେଁ ସମଗ୍ର ଦେଶରେ ପ୍ରାୟ ୧୨ ଲକ୍ଷ ଶିକ୍ଷକ ପଦବୀ ଖାଲି ପଡିରହିଛି। ଏହି ପଦବୀ ଗୁଡିକ ପୂରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଉନାହିଁ। ଆମ ରାଜ୍ୟର ଅବସ୍ଥା ମଧ୍ୟ ସେହିପରି। ଅଦ୍ୟାବଧି ରାଜ୍ୟର ପ୍ରାୟ ୩ ହଜାର ପ୍ରାଥମିକ ବିଦ୍ୟାଳୟ ମାତ୍ର ଜଣେ ଲେଖାଏଁ ଶିକ୍ଷକରେ ପରିଚାଳିତ ହେଉଛି। କେତେକ କ୍ଷେତ୍ରରେ କେଉଁଠି ୫ଟି ଶ୍ରେଣୀକୁ ଜଣେ ଶିକ୍ଷକ ତ ଆଉ କେଉଁଠି ୭ଟି ଶ୍ରେଣୀକୁ ୨ ବା ୩ ଜଣ ଶିକ୍ଷକରେ ସ୍କୁଲ ଚାଲିଛି। ନିକଟରେ ପ୍ରକାଶିତ ତଥ୍ୟ ଆମ ଶିକ୍ଷାବ୍ୟବସ୍ଥାର ଦୟନୀୟ ଚିତ୍ରକୁ ପ୍ରଦର୍ଶିତ କରୁଛି। ଦଶଟି ଶ୍ରେଣୀଥିବା ଏକ ବିଦ୍ୟାଳୟ ଦୁଇଟି ଶିକ୍ଷକରେ ଚାଲିଛି। ଏଭଳି ଚିତ୍ର ରାଜ୍ୟର ଅନେକ ସ୍ଥାନରେ ଦେଖିବାକୁ ମିଳୁଛି। ଏକ ତଥ୍ୟ ଅନୁସାରେ ଓଡିଶାରେ ଏବେ ୩୪ ହଜାର ୭୭୯ ଶିକ୍ଷକ ପଦବୀ ଖାଲି ପଡିଛି। ସେହିପରି ସରକାରୀ ହାଇସ୍କୁଲରେ ପ୍ରାୟ ୧୦ହଜାର ଶିକ୍ଷକ ପଦବୀ ଖାଲିପଡିଥିବା ବେଳେ ଓ କଲେଜ ସ୍ତରରେ ମଧ୍ୟ ଅନୁରୂପ ଅବସ୍ଥା। କେତେକ ସ୍କୁଲରେ ବିଜ୍ଞାନ ଓ ଗଣିତ ଶିକ୍ଷକ ନାହାଁନ୍ତି। କଲେଜରେ ମଧ୍ୟ ଶହଶହ ଅଧ୍ୟାପକ ପଦବୀ ଖାଲି ପଡିଛି। ଏପରିକି ଅଧିକାଂଶ ସ୍କୁଲ/କଲେଜରେ ସ୍ଥାୟୀ ପ୍ରଧାନ ଶିକ୍ଷକ ବା ଅଧକ୍ଷ ନାହାଁନ୍ତି। ଖାଲି ସେତିକି ନୁହେଁ ଏବର ଦ୍ରୋଣାଚାର୍ଯ୍ୟମାନଙ୍କୁ ପାଠ ଅପେକ୍ଷା ଶାଠ କାମ ଅଧିକ କରିବାକୁ ପଡୁଛି। ମଧ୍ୟାହ୍ନ ଭୋଜନ ଠାରୁ ଆରମ୍ଭ କରି ଭୋଟର ତାଲିକା ପ୍ରସ୍ତୁତି, ସଂଶୋଧନ ଏପରିକି ଲୌହ ବଟିକା ବ□ନ ଆଦି କାମ ଶିକ୍ଷକମାନଙ୍କ ଉପରେ ଲଦି ଦିଆଯାଉଛି। ଏବେ ପୁଣି ଅଧ୍ୟାପକମାନଙ୍କ ୭ ଘଣ୍ଟିଆ ରହଣି ବ୍ୟବସ୍ଥା କରାଯାଇଛି। ଏଥିପାଇଁ ବାୟୋମେଟ୍ରିକ ମେସିନ ଲଗାଯାଇ ଉପସ୍ଥିତି ପ୍ରମାଣ କରିବା ପାଇଁ ଟିପଚିହ୍ନ ବ୍ୟବସ୍ଥା କରାଯାଇଛି। ଗୋଟିଏ ପଟେ ଶିକ୍ଷକ ମାନଙ୍କୁ ଜାତି ନିର୍ମାତା କୁହାଯାଉଥିବାବେଳେ ଅନ୍ୟପଟେ ଏପରି ବ୍ୟବସ୍ଥା ସେମାନଙ୍କୁ ଚାପଗ୍ରସ୍ତ କରିଛି। ଆଜି ଗୁରୁ ଦିବସ ପାଳନ ଅବସରରେ ଆତ୍ମ ସମୀକ୍ଷା କରିବାର ସମୟ ଆସିଛି। ସମୟ ବଦଳିବା ସହିତ ବଦଳି ଯାଇଛି ଗୁରୁ ଶିଷ୍ୟର ସମ୍ପର୍କର ନିବିଡତା। ଏତିକି ବେଳେ ମନେପଡନ୍ତି ସେ ସମୟର ଗୁରୁ ଓ ଶିଷ୍ୟମାନେ। ଅପରପକ୍ଷରେ ଗୁରୁଦିବସକୁ ନେଇ ଗୁରୁମାନେ ଖୁସିରେ ନାହାଁନ୍ତି। ପ୍ରାଥମିକ, ମାଧ୍ୟମିକ, ଉଚ୍ଚମାଧ୍ୟମିକ ଓ ମହାବିଦ୍ୟାଳୟଠାରୁ ଆରମ୍ଭକରି ସବୁସ୍ତରରେ ଶିକ୍ଷକଙ୍କ ସମସ୍ୟା ଅଦ୍ୟାବଧି ତୁଟିନାହିଁ। ପେନସନ୍ ବ୍ୟବସ୍ଥା ଚାକିରୀ ସର୍ତ୍ତାବଳୀ ସମାନ କାମକୁ ସମାନ ଦରମା ଓ ବେତନ କମିଶନ ଲାଗୁ ନେଇ ଏ ପର୍ଯ୍ୟନ୍ତ ସେମାନଙ୍କ ମନରେ କ୍ଷୋଭ ରହିଛି। ସେଥିପାଇଁ ଅଧିକାଂଶ ସମୟରେ ସେମାନେ ଆନ୍ଦୋଳନକୁ ଓହ୍ଲାଉଛନ୍ତି। ନିକଟରେ ଅଗଷ୍ଟ ୧୬ରେ ଶିକ୍ଷକ ଦାବି ଦିବସରେ ମହାସଂଘ ତରଫରୁ ଧାରଣା ଓ ସମାବେଶ କରାଯାଇଥିଲା ସେହିପରି ଅନ୍ୟାନ୍ୟ ସଂଗଠନ ତରଫରୁ ମଝିରେ ମଝିରେ ଧାରଣା ଦିଆଯାଉଛି। ଏ ସବୁ ଦୃଷ୍ଟିରୁ ଚିନ୍ତାକଲେ ପୂର୍ବର ଗୁରୁ ଶିଷ୍ୟ ପରମ୍ପରା ଓ ଶିକ୍ଷାବ୍ୟବସ୍ଥା ଏବଂ ଆଜିର ଗୁରୁ ଶିଷ୍ୟ ପରମ୍ପରା ଓ ଶିକ୍ଷାବ୍ୟବସ୍ଥାରେ ଅନେକ ଫରକ ରହିଛି। ତେଣୁ ବ୍ୟବସ୍ଥାରେ ପରିବର୍ତ୍ତନ ହେଲେ ପରମ୍ପରାରେ ପରିବର୍ତ୍ତନ ଆସିବ। ଏହାହିଁ ଗୁରୁଦିବସର ଅନୁଚିନ୍ତା ହେଉ।

# ଗୁରବେ ନମଃ

ରେବତୀ ମହାପାତ୍ର
ଶିଶୁପାଳଗଡ,
ଭୁବନେଶ୍ୱର,
ମୋ- ୯୯୩୭୪୫୪୩୯୩



(ରାଜା ରବି ବର୍ମାଙ୍କ ଦ୍ୱାରା ଅଙ୍କିତ ଆଦି ଶଙ୍କରଙ୍କ ଚିତ୍ର)

ଭାରତୀୟ ପରମ୍ପରାରେ ଗୁରୁ ଶବ୍ଦର ଗରୀମା ଅତ୍ୟନ୍ତ ମହାନ୍ ତଥା ପବିତ୍ର। ସଂସ୍କୃତ ଭାଷାରେ ଗୁରୁ ଶବ୍ଦର ଉତ୍ପତ୍ତି ପ୍ରାକ୍-ବୈଦିକ ଯୁଗରୁ ହୋଇ ସାରିଥିଲା। ଗୁରୁ ଶବ୍ଦର ବିଭାଜନ କଲେ 'ଗୁ' ଅକ୍ଷରର ଅର୍ଥ ହେଉଛି ଅନ୍ଧକାର ଓ 'ରୁ' ର ଅର୍ଥ ହେଉଛି ପ୍ରକାଶ ବା ଆଲୋକ। ଅର୍ଥାତ୍ ଯିଏ ଆମକୁ ଅଜ୍ଞାନର ଅନ୍ଧକାରରୁ ଜ୍ଞାନର ଆଲୋକ ମଧ୍ୟକୁ ଆଣିଥାନ୍ତି ସେ ହେଉଛନ୍ତି ଗୁରୁ। ପିତାମାତା ପିଲା ମାନଙ୍କର ପ୍ରଥମ ଗୁରୁ ହୋଇଥାନ୍ତି। ନିଜସ୍ୱ ବିବେକ ଓ ଚେତନା ଶକ୍ତି ଆମ ଦୁର୍ବଳ ମନର ଗୁରୁ ହୋଇଥାଏ। ଆତ୍ମା, ପରମାତ୍ମାଙ୍କ ତତ୍ତ୍ୱ ବିଷୟରେ ଯେଉଁ ମହାନ୍ ବ୍ୟକ୍ତି ମତ ପ୍ରଦାନ କରିଛନ୍ତି ସେମାନେ ସଦଗୁରୁ ହୋଇଥାନ୍ତି। ଖ୍ରୀଷ୍ଟପୂର୍ବ ୫୦୯ରେ ଦକ୍ଷିଣ ଭାରତରେ ଜନ୍ମ ଗ୍ରହଣ କରିଥିବା ମହାନ୍ ଦାର୍ଶନିକ ଆଦିଗୁରୁ ଶଙ୍କରାଚାର୍ଯ୍ୟ ଗୁରୁଙ୍କୁ ଈଶ୍ୱର ତୁଲ୍ୟ ବର୍ଣ୍ଣନା କରି ଏହି ଶ୍ଳୋକ ରଚନା କରିଥିଲେ- ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁ ଦେବ ମହେଶ୍ୱର, ଗୁରୁ ସାକ୍ଷାତ ପରଂ ବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ। ଅଦ୍ୱୈତ ବେଦାନ୍ତର ରଚୟିତା ଶଙ୍କରାଚାର୍ଯ୍ୟଙ୍କୁ ଶିବଙ୍କ ଅବତାର ରୂପେ ଅନେକ ଶାସ୍ତ୍ରରେ ଗ୍ରହଣ କରାଯାଇଥିବାରୁ ଆଦିଶଙ୍କର ନାମରେ ମଧ୍ୟ ସେ ପ୍ରସିଦ୍ଧି ଲାଭ କରିଥିଲେ। ଶ୍ରୀ ଗୋବିନ୍ଦ ଭଗବତ୍ ପଦ ଆଦିଶଙ୍କରଙ୍କ ଗୁରୁ ଥିଲେ। ଦେବତା ମାନଙ୍କ ଗୁରୁ ହେଉଛନ୍ତି ବୃହସ୍ପତି। ପୁରାଣ ଶାସ୍ତ୍ରରେ ଲିପିବଦ୍ଧ ହୋଇଥିବା କେତେକ ମହାନ୍ ଗୁରୁ ମାନଙ୍କ ମଧ୍ୟରୁ ଭଗବାନ୍ ଶ୍ରୀକୃଷ୍ଣଙ୍କ ଗୁରୁ ହେବାର ସୌଭାଗ୍ୟ ଅବନ୍ତୀନଗରର ସାନ୍ଦିପନୀ ମହର୍ଷି ଅର୍ଜନ କରିଥିଲେ ଓ ମହର୍ଷି ବଶିଷ୍ଠ ପ୍ରଭୁ ଶ୍ରୀରାମଙ୍କ ଗୁରୁ ହେବାର ସୌଭାଗ୍ୟ ଲାଭ କରିଥିଲେ। ସେହିପରି କୌରବ, ପାଣ୍ଡବ ଓ ଏକଲବ୍ୟଙ୍କ ଗୁରୁ ଥିଲେ ଦ୍ରୋଣାଚାର୍ଯ୍ୟ। କର୍ଣ୍ଣଙ୍କ ଗୁରୁ ଥିଲେ ପର୍ଶୁରାମ। ଗୁରୁଙ୍କ ଶିକ୍ଷା ସହିତ ଆଶୀର୍ବାଦ ଲାଭ କରି ପାରିଲେ ସଫଳତାର ଶୀର୍ଷରେ ପହଞ୍ଚି ହୁଏ। ଏହାକୁ ସଠିକ୍ ପ୍ରମାଣ କରିଥିଲେ ଚାଣକ୍ୟଙ୍କ ଶିଷ୍ୟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ, ରାମଦାସଙ୍କ ଶିଷ୍ୟ ଛତ୍ରପତି ମହାରାଜା ଶିବାଜୀ ତଥା ଅଧୁନା ସମୟରେ ରମାକାନ୍ତ ଆଚ୍ରେକର୍‌ଙ୍କ ଛାତ୍ର ସଚିନ୍ ତେନ୍ଦୁଲକର୍। ସେହିପରି କଳା କ୍ଷେତ୍ରରେ ଲିଓନାର୍ଡୋ ଡାଭିନ୍ସି ଚିତ୍ରକଳାର ଗୁରୁ। ସୁନାମ ଧନ୍ୟ ଶ୍ରୀ କେଳୁଚରଣ ମହାପାତ୍ର ଓଡିଶୀ ନୃତ୍ୟର ଶ୍ରେଷ୍ଠ ଗୁରୁ ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି। ସତ୍ୟ, ଶାନ୍ତି, କ୍ଷମା, ଅହିଂସା ପରମ ଧର୍ମ, ଜୀବେ ଦୟା, ଧ୍ୱଂସମୁଖୀ ଶରୀର ଆଦି ବିଷୟ ଅବତାରଣା କରି ଜଗତର ଆଲୋକ ବର୍ତ୍ତିକା ହୋଇଥିବା ସଦଗୁରୁ ମାନଙ୍କ ମଧ୍ୟରେ ବିଶ୍ୱଗୁରୁ ଗୌତମ ବୁଦ୍ଧ, ମହାବୀର ଜୈନ, ଗୁରୁ ନାନକ, ରାମକୃଷ୍ଣ ପରମ ହଂସ, ସ୍ୱାମୀ ବିବେକାନନ୍ଦ, ଶ୍ରୀ ସତ୍ୟସାଇ ବାବା, ବଳରାମ ଦାସ, ଜଗନ୍ନାଥ ଦାସ, ଭୀମଭୋଇ ପ୍ରଭୃତି ମହିମାମୟ ଗୁରୁଙ୍କ ନାମ ବିଶ୍ୱ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ। ୧୮୫୦ ମସିହାରେ ଆଜିର ସୋନପୁରରେ ଜନ୍ମଲାଭ କରିଥିବା ସ୍ତୁତି ଚିନ୍ତାମଣୀର ରଚୟିତା ଓ ମହିମା ଧର୍ମର ପ୍ରଚାରକ ସନ୍ଥ କବି ଭୀମଭୋଇଙ୍କ ସେହି ବାଣୀ- "ପ୍ରାଣୀର ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ" ଆଜି ମଧ୍ୟ ପାର୍ଲାମେଣ୍ଟ ହଲ୍‌ରେ ଲିପିବଦ୍ଧ ହୋଇ ରହିଛି। ତିନି ମାଙ୍କଡର ଉଦାହରଣ ଦ୍ୱାରା ନିଜସ୍ୱ ଚେତନା ଶକ୍ତି ଉପରେ ନିୟନ୍ତ୍ରଣ ରଖିବାର ଶିକ୍ଷା ପ୍ରଦାନ କରିଥିଲେ ମହାତ୍ମା ଗାନ୍ଧୀ।। ନୀରବତା ତଥା ଏକାଗ୍ରତା ରକ୍ଷାର ବାର୍ତ୍ତା ପ୍ରଦାନ କରିଥିବା ଶ୍ରୀମା' ଓ ଶ୍ରୀ ଅରବିନ୍ଦ ମଧ୍ୟ ସମାଜ ପାଇଁ ମହାନ୍ ଗୁରୁ ଅଟନ୍ତି। ଶୃଙ୍ଖଳିତ ଜୀବନ ଯାପନ ପାଇଁ ଏହି ଗୁରୁ ମାନଙ୍କ ପ୍ରଦତ୍ତ ଶିକ୍ଷା ଅପରିହାର୍ଯ୍ୟ।

ସଂପ୍ରତି ମେଟା-ଫିଜିକ୍ସ ପାଠ୍ୟକ୍ରମର ଅଂଶ ସାଜିଛି ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତବାଦ, ଯାହାକି ବ୍ରହ୍ମ ସତ୍ୟ ଓ ଜଗତ ମିଥ୍ୟା ଏବଂ ଅବିନଶ୍ୱର ଆତ୍ମା ଓ ଅନ୍ତର୍ନିହିତ ଶକ୍ତି ସମ୍ବନ୍ଧରେ ଆଲୋକପାତ କରିଥାଏ। ଖୁବ୍ କମ୍ ବୟସରୁ ପରମାତ୍ମାଙ୍କ ନିକଟରେ ନିଜକୁ ସମର୍ପଣ କରିବାରେ ସମର୍ଥ ହୋଇ ଶଙ୍କରାଚାର୍ଯ୍ୟ ସମଗ୍ର ଭାରତବର୍ଷକୁ ନଗ୍ନ ପାଦରେ ପରିବ୍ରାଜକ ରୂପେ ଭ୍ରମଣ କରିଥିଲେ ଓ ସନାତନ ହିନ୍ଦୁ ଧର୍ମ ପ୍ରତଷ୍ଠା କରିଥିଲେ। ଭାରତ ବର୍ଷର ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଚାରି ଦିଗରେ ଯଥାକ୍ରମେ ପୁରୀ ଗୋବର୍ଦ୍ଧନ ମଠ, ଦ୍ୱାରିକା ଶାରଦା ମଠ, ବଦ୍ରିନାଥ ଜ୍ୟୋତି ମଠ ଏବଂ ଶ୍ରୀଙ୍ଗେରୀ ମଠ ସେ ସ୍ଥାପନ କରିଥିଲେ। ଚାରୋଟି ମଠର ମହାବାକ୍ୟ ହେଲେ ଯଥାକ୍ରମେ ପ୍ରଜ୍ଞାନମ୍ ବ୍ରହ୍ମ, ତତ୍ତ୍ୱମ୍ ଅସି, ଆତ୍ମନ୍ ବ୍ରହ୍ମ ଏବଂ ଅହଂ ବ୍ରହ୍ମୋସ୍ମି ଓ ଚାରୋଟି ବେଦ ହେଲେ ଯଥାକ୍ରମେ ଋଗ୍ ବେଦ, ସାମବେଦ, ଅର୍ଥବ ବେଦ ଓ ଯଜୁଃ ବେଦ। ଆତ୍ମା ଏବଂ ବ୍ରହ୍ମର ଚେତନା ଶକ୍ତି ମୋକ୍ଷ ପଥ ସୁଗମ କରିଥାଏ ତାହା ହିଁ ଏହି ମହାବାକ୍ୟ ସୂଚାଇଥାଏ। ଶଙ୍କରାଚାର୍ଯ୍ୟ ବିଭିନ୍ନ ଅଙ୍କୁଶରେ ଜୀବନ ମାର୍ଗକୁ ବିଶ୍ଳେଷଣ କରିଥିଲେ ଯଥା ଅନ୍ନମୟ କୋଷ, ପ୍ରାଣମୟ କୋଷ, ମନୋମୟ କୋଷ, ଜ୍ଞାନମୟ କୋଷ, ବିଜ୍ଞାନମୟ କୋଷ ଏବଂ ଆନନ୍ଦମୟ କୋଷ ଯାହା କି ମୋକ୍ଷ ପ୍ରଦାନ କରିଥାଏ। "ମା କୁରୁ ଧନଜନଯୌବନ ଗର୍ବଂ ହରତି ନିମିଷେକ କାଳ ସର୍ବଂ।" କ୍ଷଣ ଭଙ୍ଗୁର ସଂସାରରେ ଭଗବତ୍ ପ୍ରେମ ହିଁ ସାର ବା ଶ୍ରେଷ୍ଠ। ତେଣୁ ନିରନ୍ତର ସଦ୍ଭାବନା ସହ ଆମେ ସମସ୍ତେ ଅହଂ ଭାବ ତ୍ୟାଗକଲେ ସତ୍ଚିତ୍ ଆନନ୍ଦ ପ୍ରାପ୍ତି ସମ୍ଭବ। ଶଙ୍କରାଚାର୍ଯ୍ୟଙ୍କ ମୁଖ ନିଃସୃତ ବାଣୀ ଭଜଗୋବିନ୍ଦମ୍ ବା ମୋହ ମୁଦ୍ଗର ସ୍ତୁତିରେ ସେ କହିଛନ୍ତି, "କାତେ କାନ୍ତା ଧନଗତ ଚିନ୍ତା ବାତୁଳ କିମ୍ ତବନାସ୍ତି ନିୟନ୍ତା- ତ୍ରିଜଗତି ସଜ୍ଜନସଂ ଗତିରୈକା ଭବତି ଭବାର୍ଣ୍ଣବତରଣେ ନୌକା।" ଏହାର ଅର୍ଥ ହେଉଛି "ନିଜର ଧନ, ଜନ, ପତ୍ନୀ ସମ୍ବନ୍ଧରେ ଚିନ୍ତା କରି ଲାଭ ବା କ'ଣ ! ସଂସାର ସାଗର ପାରି ହେବାପାଇଁ ତ ସଜ୍ଜନଙ୍କ ସଙ୍ଗତି ରୂପକ ନୌକା ହିଁ ଆବଶ୍ୟକ"। ଚବିଶି ବର୍ଷ ବୟସରେ ଶଙ୍କରାଚାର୍ଯ୍ୟ ପୁରୀ ଆସିଥିଲେ। ବତିଶି ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା। ମାୟାର ସଂସାର ସମ୍ପର୍କରେ କବି ଭକ୍ତ ଚରଣ ଦାଶ ଅତି ସୁନ୍ଦର ଭାବେ ମନବୋଧ ଚଉତିଶାରେ ବର୍ଣ୍ଣନା କରିଛନ୍ତି -"ଛାର ଦେହକୁ ମନ କରିଛୁ ସଜ, ଛନ୍ଦ କପଟ ତେଜି ଗୋବିନ୍ଦ ଭଜରେ - ଛ ଖଣ୍ଡ କାଠ ତୋତେ ହୋଇବ ଲୋଡା, ଛୁଇଁବେ ନାହିଁ ତତେ ବୋଲିବେ ମଡାରେ।" ଅନେକ ସାଧୁ ସନ୍ଥ ମହାପୁରୁଷ ଅଛନ୍ତି ଯେଉଁମାନେ ଜୀବନରେ ବହୁ ଅଲୌକିକତା ପ୍ରାପ୍ତି କରିଛନ୍ତି। ସେମାନଙ୍କ ପଦାନୁସରଣ କଲେ ପରମାତ୍ମା ପ୍ରାପ୍ତ ହୁଅନ୍ତି। ମୋକ୍ଷର ପଥ ସୁଗମ ହୋଇଥାଏ। ସଦଗୁରୁ ମାନଙ୍କ ଜୀବନ ବ୍ୟାପୀ ସାଧନା ଆଧ୍ୟାତ୍ମିକ ପୂର୍ଣ୍ଣ ଓ ନିରାଡମ୍ବର ହୋଇଥାଏ। ମହିମା ଧର୍ମୀ ଗୁରୁ ମାନେ କଉପୁନି ତଥା କୁମ୍ଭୀଗଛର ବକ୍କଳ ପିନ୍ଧି ଜୀବନ ବିତାଇଥାନ୍ତି। ଜଗତର ହିତ ପାଇଁ ମାନବ ସମାଜର ମଙ୍ଗଳ ପାଇଁ ଶୀତ କାକର ଖରା ବର୍ଷାକୁ ବେଖାତିରି କରି ସେମାନେ ବ୍ରତୀ ରହନ୍ତି। ପରମାତ୍ମାକୁ ପାଇବାକୁ ହେଲେ ନିଜ ମନରୁ କଳୁଷିତ ଭାବ ତ୍ୟାଗ କରି ଧର୍ମ ଓ ସତ୍ ମାର୍ଗରେ ଚାଲିଲେ ଓ ନିଜ ମନରୁ ମୁଁ ରୂପକ ଅହମିକାକୁ ଦୂର କଲେ ପ୍ରକୃତ ସତ୍ୟର ସନ୍ଧାନ ସଫଳ ହେବ।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

## ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

## ଶକ୍ତି ଓ ଭକ୍ତି

ଶ୍ରଦ୍ଧେୟ ଭକ୍ତବୃନ୍ଦ ଗୋଟିଏ ସରଳ ରେଖା ଶକ୍ତି ଓ ଭକ୍ତି। କିନ୍ତୁ ଦ୍ରୌପଦୀ ଶକ୍ତିର ସଞ୍ଚାର କରିଥିଲା ତାର କଣ ହେଲା କଣ ସେ ତାର ନିଜ ଶକ୍ତି ଦ୍ୱାରା ବିଜୟ ହାସଲ କରିପାରିଲା ନା ସେ ସେହିଠାରେ ହାରମାନି ପୂର୍ଣ୍ଣ ସମର୍ପଣ ହୋଇ ଦୁଇ ହାତକୁ ଉପରକୁ ଟେକି ଦେଲେ। ମିଳିଗଲା ସବୁ କିଛି ଯୁଗ ଯୁଗ ପାଇଁ ମିଳିଗଲା। ଏହାର ତାତ୍ପର୍ଯ୍ୟ ଶକ୍ତି ଯେଉଁଠି ପରାଜୟ ହୁଏ ଭକ୍ତିର ସେଇଠି ବିଜୟପ୍ରାପ୍ତ ହୁଏ। ତେଣୁ ହେ ଭକ୍ତ ଅଂହକାର ମୁକ୍ତ ହୁଅ। ତୁମେ ସିନା ଦୁବ ହେଲେ ଦାରୁର ଦର୍ଶନ ପାଇବ। ଆଉ ନିଜକୁ ନିଜେ ଯଦି ଦ୍ରୁମ ଭଳି ବ୍ୟବହାର କରିବ ହାତୀର ବା କଣ ହେବ। ଶୁଣ୍ଢ ଟେକି ସେ ଜାଳସବୁ ଭାଙ୍ଗି ଖାଇଯିବ। ତେଣୁ ହେ ମାନବ, ହେ ଭକ୍ତ ହେ ଶିଷ୍ୟ ବେଦ, ପୁରାଣ, ଗୀତା ଏସବୁ ମିଥ୍ୟାନୁହେଁ। ଏହାହିଁ ସତ୍ୟ, ଯୁଗ ଯୁଗ ଧରି ଯେଉଁ ନିର୍ଯ୍ୟାସ ସାଧୁ ସନ୍ଥମାନେ ତୁମ ପାଇଁ ଥୋଇ ଦେଇ ଯାଇଛନ୍ତି। ସେହିଁ ଅମୃତର ସନ୍ତାନ ମାନେ ଅମୃତକୁ ଆଧାର କର। ସମୟକୁ ନଷ୍ଟ ନକରି ଭକ୍ତି ପ୍ରେମ ମାର୍ଗରେ ନିଜକୁ ସଜାଇ ଦେଖିବ କେତେ ଆନନ୍ଦ ତୁମେ ତୁମରି ଭିତରୁ ପାଉଛ କେବଳ ତୁମେ ହିଁ ଅନୁଭବ କରିପାରିବ। ହରିଓଁ।

# ଗୁରୁ ଓ ମାନବିକତାର ସନ୍ଧାନ



ନାରାୟଣ ରାଉଳ
କଷଣଅଣ୍ଡା,
ପଟ୍ଟାମୁଣ୍ଡାଇ, କେନ୍ଦ୍ରପଡା
ମୋ-୯୯୩୮୭୨୦୯୭୮

'ଜନ୍ତୁନାମ୍ ନର ଜନ୍ମ ଦୁର୍ଲଭମ୍'

ପୃଥିବୀରେ ଯେତେ ଜୀବଜନ୍ତୁ ଜନ୍ମ ନେଇଛନ୍ତି ସେମାନଙ୍କ ମଧ୍ୟରେ ନର ଜନ୍ମ ହିଁ ଶ୍ରେଷ୍ଠ, ତାର କର୍ମ ବଳରେ ସେ ନରରୁ ନାରାୟଣ ଆଖ୍ୟା ଲାଭ କରି ଥାଏ, ଯେଉଁ ମାତା ପିତା ତାଙ୍କୁ ଜନ୍ମ ଦେଇ ଥାନ୍ତି ତାଙ୍କର ସ୍ଥାନ ହିଁ ସର୍ବ ଶ୍ରେଷ୍ଠ। ମାତା ପିତା ପରମ ପୂଜ୍ୟ। ମାତା ପ୍ରଥମ ଗୁରୁ ଯିଏ ପିତାଙ୍କୁ ଚିହ୍ନାଏ, ଛାତି ନିଗାଡ଼ି ଅମୃତ ପାନ କରାଏ, କୋଳ ଦିଏ, ଲାଳନପାଳନ କରେ, ପେଟ ଦେଖେ, ଲୁହ ପୋଛେ, ପାଦ ତାର ଗଂଗା, ସମସ୍ତ ପୁଣ୍ୟ କ୍ଷେତ୍ର, ଚରଣ ରେଣୁ ନିର୍ମାଲ୍ୟ, ବରଦାନ ଅଭୟ, ସେ ପ୍ରେମର ନିର୍ଝର, ମମତାର ଝର, ସେ ଚଳନ୍ତି ଦେବୀ, ପିତା ସମସ୍ତ ବୋଝର କର ଓ କାନ୍ଧ, ନିର୍ଭୟ ବର, ଅନ୍ଧକାରର ଆଖି, ଶାସନ ଦଣ୍ଡ, ଏମିତି କେତେ କ'ଣ। ପିତା ମାତାଙ୍କ ଆଳୟ ବୈକୁଣ୍ଠ ପୁର। ଏମିତିରେ ସ୍ୱର୍ଗରେ ବୈକୁଣ୍ଠ ପୁର ଅଛି ବୋଲି କିଏ ଦେଖିଛି, ପରିବାର ମାଟି ବୈକୁଣ୍ଠ ପୁରର ମାଲିକ ସାହା ଭରସା ହିଁ ପିତା ମାତା। ପୃଥିବୀରେ ଏମିତି କେହି ନାହିଁ ଯେ କି ମାତା ପିତାଙ୍କ ଆଶୀର୍ବାଦ ବିନା ବଡ଼ ହେଇ ପାରିଛି। ମାତା ପିତାଙ୍କ ଆସନ ପରେ ଶିକ୍ଷାଗୁରୁଙ୍କର ଆସନ, ତେବେ ସମୟ ଓ କର୍ମକୁ ସର୍ବୋଚ୍ଚ ସ୍ଥାନ ଦିଆଯାଇଛି, ମଣିଷ ଜନ୍ମ ହିଁ ଶ୍ରେଷ୍ଠ, ଦାର୍ଶନିକ ଜେ. ଏସ୍ .ମିଲ୍ କହନ୍ତି ଗୋଟେ ଘୁଷୁରି ଜନ୍ମ ପାଇ ମଇଳା ଭକ୍ଷଣ କରି ଜୀବନ ସାରା ସନ୍ତୁଷ୍ଟ ହବା ଅପେକ୍ଷା ଜଣେ ମଣିଷ ଭାବରେ ଜନ୍ମ ହେଇ ଜୀବନ ସାରା ବରଂ ଅଶାନ୍ତିରେ ରହିଯିବା ଭଲ, ଅନ୍ୟ ପକ୍ଷରେ ଗୋଟିଏ ବୋକା ଭାବରେ ଜନ୍ମ ହେଇ ସମସ୍ତ ପ୍ରକାର ସୁସ୍ୱାଦୁ ଭୋଜନ କରି ସାରା ଜୀବନ ସନ୍ତୁଷ୍ଟ ହବା ଅପେକ୍ଷା ସକ୍ରେଟିସଙ୍କ ପରି ଜଣେ ମହାନ ଜ୍ଞାନୀ ହୋଇ ସତ୍ ବାଟରେ ରହି ଜୀବନ ସାରା ଦୁଃଖରେ କଟେଇବା ହିଁ ଶ୍ରେୟସ୍କର, ଏଠାରେ ଗୁରୁବାଦ ସଂକ୍ଷେପରେ କିଛି ବିଶ୍ୱବିଖ୍ୟାତ ଦାର୍ଶନିକ ଓ ଗୁରୁଙ୍କ କଥା ଅବତାରଣା ଯାଇପାରେ, ଗ୍ରୀକ୍ ଦାର୍ଶନିକ ସକ୍ରେଟିସ୍ ଦାରିଦ୍ରତାର କଷାଘାତରେ ସାରା ଜୀବନ ନିଷ୍ପେସିତ ହେଲା ପରେବି କେବେହେଲେ ମଣିଷ ପଣିଆକୁ ଆଚରଣ ଓ ଉଚ୍ଚାରଣରୁ ବାଦ୍ ଦେଇ ନ ଥିଲେ, ଖଣ୍ଡେ ଲୁଗାକୁ ଦୁଇ ଖଣ୍ଡ କରି ଅଦଳ ବଦଳ କରି ପିନ୍ଧୁଥିଲେ, ଉପବାସ ରହି ମଧ୍ୟ ସତ୍ୟ ଓ ନ୍ୟାୟ ପଥ ଅନୁସରଣ କରିବାରୁ ହଟି ନ ଥିଲେ, ମାତ୍ର ଅପରିଣାମଦର୍ଶୀ ରାଜତନ୍ତ୍ରର ଶିକାର ହେଇ ଏକ ମାସରୁ ଉର୍ଦ୍ଧ୍ୱ କାରାବାସରେ ତାଙ୍କୁ କଟେଇ ବାକୁ ପଡ଼ିଲା ଓ ଶେଷରେ ମିଥ୍ୟା ଆରୋପରେ ତାଙ୍କୁ ଜବରଦସ୍ତ ବିଷାକ୍ତ ହେମଲକ୍ ପିଆଇ କାରାଗାରରେ ହତ୍ୟା କରାଗଲା। ଅପରାଧ ଏଇଆ ଥିଲା ଯେ ସେ ବିଶ୍ୱର ଅଦ୍ୱିତୀୟ ଗୁରୁ ହେଲେ ହେଁ ଯୁବ ପିଢି ତଥା ଶିଷ୍ୟ ମାନଙ୍କୁ ସତ୍ୟ ଓ ଧର୍ମ ପଥରେ ଅଗ୍ରସର ହବା ଓ ଅନ୍ୟାୟ ଅତ୍ୟାଚାର ବିରୋଧରେ ପ୍ରତିବାଦ କରିବା ପାଇଁ ଶିକ୍ଷା ଦାନ କରୁ ଥିଲେ। ଧିକ୍ ସେ ରାଜା ଏବଂ ଧିକ୍ ତାଙ୍କ ଅନୁଶାସନ।

ଅନ୍ୟ ଦୃଷ୍ଟାନ୍ତ ହେଲା ଦିନେ ଦିଗବିଜୟୀ ବୀର ଆଲେକଜାଣ୍ଡର ଗୁରୁ ଆରିଷ୍ଟୋଟଲଙ୍କ ସହିତ ଯାତ୍ରା କରୁଥିବା ବେଳେ ବାଟରେ ନଦୀଟିଏ ପଡ଼ିଲା, ସେତେବେଳେ ନଦୀ ପାର ହେବାପାଇଁ ନୌକା କିମ୍ବା ଆଉ କିଛି ସୁବିଧା ନ ଥିଲା, ତେଣୁ ରାଜା ଆଲେକଜାଣ୍ଡର ନିଜେ ନଦୀକୁ ପଶି ଗୁରୁଙ୍କୁ ଅନୁସରଣ କରିବାକୁ କହିଲେ, ମାତ୍ର ଗୁରୁ ଆରିଷ୍ଟୋଟଲ ତାଙ୍କୁ ବାରଣ କଲେ ଏବଂ କହିଲେ ଯଦି ଆପଣଙ୍କର କିଛି ହେଇଯାଏ ତେବେ ଦେଶ ଆପଣଙ୍କ ପରି ଜଣେ ବୀର ତଥା ଯୋଗ୍ୟ ରାଜାଙ୍କୁ ହରେଇବ, ମାତ୍ର ପ୍ରତିଉତ୍ତରରେ ରାଜା କହିଲେ ଆପଣଙ୍କର କିଛି ହେଇଗଲେ ଶହେ ଆଲେକଜାଣ୍ଡର ମିଶିଲେ ବି ଆପଣଙ୍କ ପରି ଜଣେ ଗୁରୁ ସୃଷ୍ଟି କରି ପାରିବେ ନାହିଁ। ଶେଷରେ ଆଲେକଜାଣ୍ଡରଙ୍କୁ ଗୁରୁ ବାକ୍ୟ ହିଁ ମାନିବାକୁ ପଡିଲା।

ଅନ୍ୟ ଏକ କଥା ଦିନେ ଅମରକଣ୍ଟକ ରାଜା ତାଙ୍କ ବିପଥଗାମୀ ପୁତ୍ର ମାନଙ୍କୁ ବାଟକୁ ଆଣିବାକୁ ଜଣେ ଯୋଗ୍ୟ ଗୁରୁଙ୍କ ସନ୍ଧାନରେ ବାହାରିଲେ ଓ ଶେଷରେ ସେ ଜଣେ ପଣ୍ଡିତଙ୍କୁ ଆବିଷ୍କାର କଲେ ଓ ତାଙ୍କୁ ନିଜ ନଷ୍ଟ ସ୍ୱଭାବ ପୁତ୍ର ମାନଙ୍କ ସମ୍ପର୍କରେ ଅବଗତ କଲେ ଓ ସେମାନଙ୍କୁ ଠିକ୍ ବାଟକୁ ଫେରେଇ ଆଣିବାକୁ ବିନମ୍ର ଅନୁରୋଧ କଲେ। ରାଜାଙ୍କ ଅନୁରୋଧ ରକ୍ଷା କରି ସେହି ଯୋଗ୍ୟ ପଣ୍ଡିତ ଜଣଙ୍କ ରାଜପୁତ୍ର ମାନଙ୍କୁ ଗଳ୍ପ ମାଧ୍ୟମରେ ନୈତିକ ଶିକ୍ଷା ପ୍ରଦାନ କରି ବିପଥଗାମୀ ରାଜପୁତ୍ର ମାନଙ୍କୁ ଉପଯୁକ୍ତ ଦିଗ୍ଦର୍ଶନ ଦେଇଥିଲେ। ତା ପର ଠାରୁ ସେହି ଗଳ୍ପ ଗୁଡିକର ସମାହାର ପଞ୍ଚତନ୍ତ୍ର ନାମରେ ଖ୍ୟାତ ହେଲା ଏବଂ ସେ ଯୋଗ୍ୟ ଗୁରୁ ଥିଲେ ବିଷ୍ଣୁଶର୍ମା। ଏଥି ସହିତ ଅନ୍ୟତମ ଉଦାହରଣ ଉଦ୍ଧାର କରାଯାଇ ପାରେ, ଦିନେ ଗୁରୁକୁଳ ଆଶ୍ରମରେ ଶିକ୍ଷାଦାନ କରୁଥିବା ବେଳେ ଗୁରୁ ତାଙ୍କର ଜଣେ ଶିଷ୍ୟଙ୍କୁ ପରୀକ୍ଷା କରିବା ପାଇଁ ଔଷଧୀୟ ଗୁଣ ନ ଥିବା ଏକ ବୃକ୍ଷର ସନ୍ଧାନ କରିବା ପାଇଁ ପ୍ରେରଣ କଲେ। ଶିଷ୍ୟ ଜଣଙ୍କ ବର୍ଷ ବର୍ଷ ଧରି ସବୁ ଆଡ଼େ ବୁଲି ବିଭିନ୍ନ ବୃକ୍ଷର ପତ୍ର ଡାଳ ଛେଲି ଇତ୍ୟାଦି ପରୀକ୍ଷା କରି ସେ ସବୁର ଗୁଣ ଗୁଡ଼ିକ ଉପଲବ୍ଧି କଲେ ଏହି ପରି ଦିନ ପରେ ଦିନ ଗଡ଼ି ଚାଲିଲା। ସେତେବେଳକୁ ତାଙ୍କୁ ବାର୍ଦ୍ଧକ୍ୟ ଗ୍ରାସ କରି ସାରିଥାଏ, ଏଣୁ ସେ ଆଉ କେଉଁ ଆଡ଼େ ଯାତାୟତ କରି ନ ପାରି ଗୋଟିଏ ଗୁମ୍ଫାରେ ବସି ଉପଲବ୍ଧ ଜ୍ଞାନ ସମ୍ପର୍କରେ ଲେଖି ଚାଲିଲେ, ଅନେକ ଦିନ ବିତିଗଲା, ଦିନେ ହଠାତ୍ ଗୁରୁଙ୍କର ପରୀକ୍ଷା ଉଦ୍ଦେଶ୍ୟରେ ପଠେଇ ଥିବା ଶିଷ୍ୟ କଥା ମନେ ପଡ଼ିଲା। ତତକ୍ଷଣାତ୍ ଗୁରୁ ତାଙ୍କ ଶିଷ୍ୟଙ୍କ ସନ୍ଧାନରେ ବାହାରି ପଡ଼ିଲେ, ସବୁ ଆଡ଼େ ଖୋଜି ଖୋଜି ନିରାଶ ହବା ପରେ ଦିନେ ସେ ଗୋଟିଏ ଗୁମ୍ଫାରେ ଜରାଜୀର୍ଣ୍ଣ ଅବସ୍ଥାରେ ଜଣେ ବୃଦ୍ଧଙ୍କୁ ଦେଖିଲେ ଏବଂ ତାଙ୍କୁ ତାଙ୍କ ଶିଷ୍ୟଙ୍କ ବିଷୟରେ ପଚାରିଲେ। ବୃଦ୍ଧ ଜଣଙ୍କ ଉତ୍ତର ଦେଲେ, ମୁଁ ହିଁ ସେହି ହତଭାଗ୍ୟ ଶିଷ୍ୟ ଆଜ୍ଞା। ଦୀର୍ଘ ଦିନ ଧରି ଅନେକ ଗବେଷଣା କରି ମଧ୍ୟ ଔଷଧୀୟ ଗୁଣ ନ ଥିବା କୌଣସି ଗଛ ଏ ଯାବତ୍ ପାଇ ପାରିଲି ନାହିଁ, ମତେ କ୍ଷମା ଦିଅନ୍ତୁ ଗୁରୁଦେବ, ମୁଁ ଆପଣଙ୍କ ପରୀକ୍ଷାରେ କୃତକାର୍ଯ୍ୟ ହେଇ ପାରିଲି ନାହିଁ। ଏ କଥା ଶୁଣି ଗୁରୁ ହସି ହସି ତାଙ୍କ ପ୍ରିୟ ଶିଷ୍ୟ ଜଣଙ୍କୁ କୁଣ୍ଢେଇ ପକେଇ କହିଲେ କିଏ କହିଲା ତୁମେ ସଫଳ ହେଇନ ? ତୁମେ ବାସ୍ତବରେ ମୋର ଯୋଗ୍ୟ ଶିଷ୍ୟ, ତୁମେ ମୋ ପରୀକ୍ଷାରେ ସଫଳତା ଅର୍ଜନ କରିଛ। ତେବେ ଏହି ମହାନ୍ ଶିଷ୍ୟ ଜଣଙ୍କ ଥିଲେ ଚରକ ଓ ଦୀର୍ଘ ଦିନ ଗବେଷଣା ପରେ ସେ ଯାହା ଲିପିବଦ୍ଧ କରି ଯାଇଥିଲେ ତାହାର ନାମ ଥିଲା ଚରକ ସଂହିତା। ଏହି ପରି ଗୁରୁ ମାନଙ୍କର ଯଦି କିଛି ସନ୍ତାନ ସନ୍ତତି ନ ଥାନ୍ତି ଓ ତାଙ୍କର କେହି ଯୋଗ୍ୟ ଶିଷ୍ୟ ଅନ୍ତିମ ସମୟରେ ପାଟିରେ ପାଣି କିମ୍ବା ମୁଠିଏ ମାଟି ଦେଇ ଥାଏ ତେବେ ସେ ଗୁରୁ ଓ ଶିଷ୍ୟ ଏ ବିଶ୍ୱରେ ଧନ୍ୟ। ଏଠାରେ ଆମ ଜନ୍ମ ଦାତ୍ରୀ ଓ ଦାତାଙ୍କ କଥା ବିଚାରକୁ ନିଆ ଯାଉ, ଜୀବନ ସାରା ପେଟକୁ ପିଠି କରି, ମୁଣ୍ଡର ଝାଳ ତୁଣ୍ଡରେ ମାରି, ସମସ୍ତ ଭାର ବୋଝ ବୋହି ଯେଉଁ ମାନେ ପୁଅ ଝିଅଙ୍କୁ ବଡକରି ସଂସାରର ଆଲୋକ ଦେଖେଇ ଏ ପୃଥିବୀକୁ ଆଣିଥାନ୍ତି, ସାରା ଜୀବନ ଦୁଃଖରେ ସେମାନଙ୍କ ପାଖରେ ଥାନ୍ତି ଓ ସମୟାନୁକ୍ରମେ ସେମାନଙ୍କୁ ବୃଦ୍ଧାବସ୍ଥା ସ୍ପର୍ଶ କରେ ତେବେ ସେ ଅବସ୍ଥାରେ ତାଙ୍କର ଆଶାବାଡ଼ି କିଏ, କାହାକୁ ସେମାନେ ଅନ୍ତିମ ଅବସ୍ଥାରେ ଚାହାଁନ୍ତି, ଏ ପ୍ରଶ୍ନର ଉତ୍ତର ଦବାକୁ ଓ ସମାଧାନ କରିବାକୁ ଏ ଆଧୁନିକ ସଭ୍ୟତା ଏତେ କାଙ୍ଗାଳ ! ଅସହାୟ ଅବସ୍ଥାରେ ମାତା ପିତାଙ୍କ ଠିକଣା କ'ଣ ବୃଦ୍ଧାଶ୍ରମ, ହାୟ ! ଏମାନେ କି ଉପାଦାନରେ ତିଆରି ହେଲେ କି ? ପୁଅ ଝିଅ ମାନେ ଆଦୌ ଭୁଲିବା ଉଚିତ୍ ନୁହଁ ଯେ ସେମାନଙ୍କୁ ଦିନେ ଏହି ଅବସ୍ଥାର ସମ୍ମୁଖୀନ ହବାକୁ ପଡ଼ିବ। ଧନ୍ୟ ଏମାନଙ୍କ ସଂସ୍କାର ଧନ୍ୟ ଏମାନଙ୍କର ମାନବିକତା ! ବଜାରରେ ବିକ୍ରି ପାଇଁ ଯଦି ଅନ୍ୟ ପଶୁ ପକ୍ଷୀଙ୍କ ମୁଣ୍ଡ ସହିତ ମଣିଷ ମୁଣ୍ଡ ରଖା ଯାଏ ତେବେ ମଣିଷ ମୁଣ୍ଡ ବ୍ୟତୀତ ଅନ୍ୟ ସବୁ ମୁଣ୍ଡ ବିକ୍ରି ହେଇଯିବ, ତେବେ ସ୍ୱୀକାର କରିବାକୁ ହେବ ଯେ ମଣିଷ ଏକ ମାତ୍ର ପ୍ରାଣୀ ଯାହାର ବଞ୍ଚିଥିବା ଅବସ୍ଥାରେ ହିଁ ମୂଲ୍ୟ ଥାଏ। ଆଜିର ଯୁଗରେ ବାହାର ଚାକଚକ୍ୟରେ ଭାସି ବୁଲୁ ଥିବା ଆଧୁନିକ ସଭ୍ୟତା ସମ୍ପନ୍ନ ଯୁବକ ଯୁବତୀ ପିତାମାତାଙ୍କୁ ଅନ୍ତରରୁ ଦୁରେଇ ଦବା ଓ ଅସହାୟ ଅବସ୍ଥାରେ ବୃଦ୍ଧାଶ୍ରମକୁ ଠେଲି ଦେଇ ଚରମ ଦାୟିତ୍ୱରୁ ମୁକୁଳିବା କିପରି ରୁଗ୍ଣ ମାନସିକତା ! ମୁଣ୍ଡ ରଖିବାରୁ ତୁଣ୍ଡ କଥା କହୁଛି କିପରି ! ମୋବାଇଲରେ ଦେଖା ଚାଲିଛି ବୃଦ୍ଧାଶ୍ରମରେ ଅନ୍ତିମ ସଂସ୍କାର ଓ ପିତା ମାତାଙ୍କ ଅନ୍ତିମ ସଂସ୍କାର ପାଇଁ ବ୍ରାହ୍ମଣ ଦକ୍ଷିଣା ନିମନ୍ତେ କୁଣ୍ଠିତ ଦାନ। ବିଧାତା ଆଖି କାନ ନାକ ପାଟି ଚର୍ମ ଜ୍ଞାନେନ୍ଦ୍ରିୟ, ବାକ୍ ପାଦ ପାଣି ପାୟୁ ଉପଶଚ କର୍ମେନ୍ଦ୍ରିୟ ଆଉ ମନ ଓ ଏସବୁକୁ ଠିକଣା ବାଟରେ ଚଳେଇ ବାକୁ ବିଚାରପତି ନୀରବ ରୂପୀ 'ବିବେକ' ଦେଇଛନ୍ତି। ସତରେ ସମାଜରେ କ'ଣ ହୃଦୟ ରୂପୀ ବିବେକର ମରୁଡ଼ି ଦେଖା ଦେଲା, ମଣିଷର କେବଳ କଣ ରୂପ ବଞ୍ଚିଲା, ଗୁଣ ଲୋପ ପାଇଗଲା ! ଏବେ ପାଠକ ଭାଇ ଭଉଣୀ ମାନେ ମାନବିକତାର ଅସଲ ସଂଜ୍ଞା ନିରୂପଣ ନିଶ୍ଚିତ କରିବେ ଓ କରୁଥିବେ। ଗୁରୁଙ୍କର ଗୁରୁ, ମାତା ପିତା ଓ ଶିକ୍ଷା ଗୁରୁ ସମସ୍ତେ ନୀରବ, ଗୋଟାଏ କାଳରୂପୀ ଧୂମକେତୁ ମାଡ଼ି ଆସୁଛି ଏ ସମାଜକୁ ସତେକି ଗିଳି ଦବ ଏଠୁ ନୈତିକତା ଓ ଉତ୍ତର ଦାୟିତ୍ୱ, ସାବଧାନ୍ ବାକ୍ୟ ବାଣ ଖୁବ୍ ଟାଣ ଠିକ୍ ସମୟରେ ଯଦି ପ୍ରୟୋଗ ହୁଏ ତାହା ପିଢ଼ି ପିଢି ଧରି ଏହା ଅମଳିନ ସତେଜ ଓ ଅଫେରା ଅସ୍ତ୍ର ଭାବେ କାମକରେ।

ଏବେ ଆପଣ ମାନେ କଣ ନୀରବରେ ରହିବେ, କିଛି କୁହନ୍ତୁ, କିଛି ଦିଅନ୍ତୁ, କିଛି ନିଅନ୍ତୁ, ସବୁ ଅଛି ,କେବଳ ସେତିକି ନାହିଁ। କେଉଁଠି ଅଛି ? ଦିଅଁ ପୂଜାରେ ! ନଭଶ୍ଚୁମ୍ବୀ ଅଟ୍ଟାଳିକାରେ ! ଇଚ୍ଛା ପ୍ରାପ୍ତିରେ, ସ୍ୱାର୍ଥ ପୂରଣରେ, ଧନରେ ! ମାନରେ ଯୌବନରେ ! ରୂପରେ ନା ଚାକଚକ୍ୟରେ ! ବାହାରେ ନା ଭିତରେ ! ଏବେ ଖୋଜିବାର ବେଳ, ଖୋଜନ୍ତୁ ! ଦୃଷ୍ଟାନ୍ତରେ, ବାସ୍ତବ ମାନବିକତା। ହୃଦୟରେ...ମୁଁ ଖୋଜୁଛି ଆଉ ଆପଣମାନେ !

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



# କେତେଦିନ ଆଉ କେତେଦିନ ?

**ଶରତ ଦାଶ**

କେତେଦିନ ଆଉ ରହିବ
ଏହି ଅନ୍ଧାରୀ ଦିନ
କେତେଦିନ ପରେ ବହିବ
ପୁଣି ମୁକ୍ତ ପବନ ?
କେତେଦିନ ଆଉ ମୁହଁରେ
ଦେଇ ତାଲା ଦାମିକା

କ୍ଷୁଦ୍ର ସ୍ୱାର୍ଥସିଦ୍ଧି ନିମନ୍ତେ
ହୋଇ ରହିବା ବୋକା ?
କେତେଦିନ ଆଉ ନିଜର
ବୁଦ୍ଧି ବିବେକ ବିକି
ଚୋର ତସ୍କରଙ୍କୁ ପୂଜିବା
ସ୍ୱର୍ଣ୍ଣ ଆସନେ ରଖି ?
କେତେଦିନ ଆଉ ଭୟରେ
ଲୁଚି ରହିବା ଘରେ
ଗଣତନ୍ତ୍ର ମରେ ସେଠାରେ
ଯହିଁ ଜନତା ଡରେ ?
ଗଣତନ୍ତ୍ର ଯେବେ ସଂହାର
କରେ କେଉଁ ଦାନବ
କାହିଁକି ନକରି ବିରୋଧ
ଆମେ ରହୁ ନୀରବ ?

କେତେଦିନ ଆଉ ରହିବ
ଏହି ରାତ୍ରି ଅନ୍ଧାର
ଆକାଶରେ ଥାଇ ସୂରୁଜ
ଦିନ ହୋଇବ ଦୂର ।
କେତେଦିନ ହୋଇ ରହିବା
ଅସହାୟ ଏଠାରେ
ନିତି ମରି ମରି ବଞ୍ଚିବା
ଭବିଷ୍ୟତ ଆଶାରେ ?
ସତେ କି ଅଛନ୍ତି କେଉଁଠି
ଜଗତର କରତା
ଆସିବେ କି ପୁଣି ଧରାକୁ
ହୋଇ ଜୀବନତ୍ରାତା ?

ଭୁବନେଶ୍ୱର

# ଜୀବନରେ ଯୋଗ

**ସୁନନ୍ଦା ମହାନ୍ତି**

ଠୁକୁ ଠୁକୁ ଚାଲି ଗୁଲୁ ଗୁଲୁ ବୋଲି
ଚାଲିଶିଖିବାକୁ ତିନି ଚକ ଗଡା
କଥା କହିବାକୁ ମାଆ ଶିଖାଏ ପାଟିକୁ
ତଳ ଉପର କେମିତି ଯୋଡ଼ା
ପାଠ ପଢ଼ିବାକୁ ପୁଣି ଖାଇବାକୁ ଭାତ
ପକାଇବା ଯାଏଁ ପିଡା
ଅଭ୍ୟାସ ନାମେ ଯୋଗ ବାଲ୍ୟବେଳୁ
ଖାଇ ଖାଇ କେତେ କଚଡ଼ା
ପାଠ ଶାଠ ଆଉ ଚାକିରି ବାକିରି
ସାଇକେଲ ଗଡା
ଗାଧେଇବାକୁ ପହଁରା ଶିଖିବାକୁ
ପୋଖରୀ ହୁଡ଼ା
ସବୁଠି ଯୋଗ ସପ୍ତରାଗର ଜୀବନ
ଯୋଗ ଖସଡ଼ା
ହାତକୁ ଦିହାତ ପରେ ଘର ଓ ବାହାର
ଯୋଗର ତୋଡ଼ା
ହାତକୁ ବଢ଼ା, ଗଛ ଲଗାଇ ସବୁଜ ପତା
ଘୁରା ଆଖି ଦୁଇ ଯୋଡ଼ା
ପିଲାଦିନ ଯୌବନ ସାୟାହ୍ନ ବାର୍ଦ୍ଧକ୍ୟ
ବ୍ୟାୟାମ ଲୋଡ଼ା
ସୁସ୍ଥ ନିରାମୟ ଜୀବନ ପାଇଁକି
ଯୋଗ ଔଷଧ ପୁଡା
ନହେଲେ ରୋଗ ଭୋଗ ଜୀବନ ଯାକ
ଯେଝା ବାଟେ ଯିଏ ଖାଇ ଉଖୁଡା
ଏବେଠୁ ଜାଗ ଯୋଗର ଯଜ୍ଞ କରି ଉତ୍ତୁରି
ପୂର୍ଣ୍ଣ କର ଜୀବନ ଘଡ଼ା
ସୁସ୍ଥ ମସ୍ତିଷ୍କ ସୁସ୍ଥ ଶରୀର ଧରିବାକୁ ହେଲେ
ପିନ୍ଧି ଯୋଗର କଡା
ବ୍ୟାୟାମ ପ୍ରାଣାୟାମ ଅଲମ ବିଲମ
ପତଞ୍ଜଳି ପରି ଆପଣେଇ ବ୍ୟାୟାମ
ରୋଗକୁ ଘଉଡ଼ା
ଜୀବନ କାଳରେ ଯୋଗ ହିଁ ସାର
ଯୋଗରେ ଶରୀର ଗଢ଼ା ।

ସାକ୍ଷୀଗୋପାଳ, ପୁରୀ
ମୋ-୯୦୪୦୯୭୭୩୨୭

# ରୋଷ୍ଟ

**ସିଦ୍ଧେଶ୍ୱର ତ୍ରିପାଠୀ**

କି ଯୁଗ ଇଏ ହେଲା
ସାମାଜିକ ଗଣ ମାଧ୍ୟମ ଆସିଲା
ଯେଝା ମନଇଚ୍ଛା ଯେ ଯାହା ଲେଖିଲା
ଗୀତ ଗାଇ ନାଚ କୁଦ କଲା ।

ତାକୁ ଦେଖି କେ ମାରିଲେ ତାଳି
ହେଲେ କିଏ କୋଳା କୋଳି
ଆଉ କେତେ ଜଣ ସହିପାରିଲେନି
ଦେଲେ ପୁଣି କେତେ ଗାଳି ।

ଗାଳିର ପ୍ରତି ଉତ୍ତର
ଯିଏ ଦେଲା ସେ ଭାରି ସୁନ୍ଦର
ଏହି କାର୍ଯ୍ୟକ୍ରମ ଆଗକୁ ବଢ଼ିଲା
ସୃଷ୍ଟି ହୋଇଲେ ରୋଷ୍ଟର ।

ତାଙ୍କର ତ ବଡ଼ ଖାଦି
ମାଡି ବସିଛନ୍ତି ବୋଧେ ଗାଦି
ପରନିନ୍ଦା କରି ମନରେ ଭାବନ୍ତି
ପାଇଗଲେ କୋଟିନିଧି ।

ଭାଇ ଭଉଣୀ ସଜାଗ ହୁଅ
ସଭିଙ୍କୁ ଯେ ଭଲପାଅ
ଏ ଦେଶ ଜାତିର ଉନ୍ନତିକାରୀ
ହେଉ ତୁମ ପରିଚୟ ।

# ଜନ୍ମାଷ୍ଟମୀ



**ନିରଞ୍ଜନ ସାହୁ**

ଭାଦ୍ରବ କୃଷ୍ଣ ଅଷ୍ଟମୀ ହେଲେ
ହରି ଜନମ ପଡ଼େ
କୃଷ୍ଣ ପ୍ରେମରେ ଭକ୍ତି ଭାବରେ
ଏହି ମନଟା ଜଡ଼େ ।

ଭାଗବତର ଦଶମ ସ୍କନ୍ଧ
ଗୋପଲୀଳାର କଥା
ମନେପକାଇ ଦିଏ ସଭିଙ୍କୁ
ହରି ଜନମ ଯଥା
ଶ୍ରୀକୃଷ୍ଣ ଜନ୍ମ ଅଧ୍ୟାୟ ଗୋଟି
ପଠନେ ମନ ଉଡ଼େ ।

କଂସର ଅତ୍ୟାଚାର ସହିବି
ସହି ହେଲାନି ଆଉ
ପୃଥିବୀ ଗାଭୀ ରୂପେ ପ୍ରାର୍ଥନା
ବାଢ଼ିଲା ବେଳ ଥାଉ

ସମସ୍ତ ଦେବଗଣ ଚଳିଲେ
କ୍ଷୀର ସିନ୍ଧୁର କଡ଼େ ।

ଅନନ୍ତଶାୟୀ ନାରାୟଣ ଯେ
ତାଙ୍କୁ ପ୍ରସନ୍ନ ହେଲେ
ଧରାର ଦୁଃଖ ନିବାରଣର
ପ୍ରତିଶ୍ରୁତି ଯେ ଦେଲେ
ଧରଣୀ ମନ ଖୁସି ହୋଇଲା
ଆନନ୍ଦ ଅଶ୍ରୁ ଗଡ଼େ ।

ଶେଷରେ କଂସ ବନ୍ଦୀଶାଳାରେ
ଶ୍ରୀକୃଷ୍ଣ ଆବିର୍ଭାବ
ଦେବକୀଙ୍କର ଅଷ୍ଟମ ଗର୍ଭେ
ହୋଇଲେ ଜନ୍ମଲାଭ
ସେଦିନ ରାତି ଅଶାନ୍ତ ଥିଲା
ମେଘ ବରଷା ଝଡ଼େ ।

ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ- ୭୫୯୦୧୬
ମୋ- ୯୯୩୮୭୪୧୫୮୩

# କିଏ ତୁମେ ?

**ସାରଥି ପଣ୍ଡା**

ସଂସାର ବଗିଚାରୁ ଯେତେକ
ସୁନ୍ଦର ଫୁଲ ସବୁତକ
ତୁମେ ତୋଳିନେବ କି ଏକା ?
ଯେତେ ଯେତେ ସୁଖ
ଆତ୍ମସ୍ଥ କରିନେବ କି
ଗଣ୍ଡିଳି କରି ?
ମାଟି-ପାଣି-ପବନ-ଆକାଶ-ନିଆଁ
ସବୁକୁ ଗର୍ଭସ୍ଥ କରୁ କରୁ
ସଙ୍କୁଚିତ ହେବ ହୃଦୟ-
ଥମି ଯାଇପାରେ ସ୍ପନ୍ଦନ-
ଫାଟି ଯାଇପାରେ ଉଦର
ଆଗକୁ ଟିକିଏ ଆଖି ପକାଅ-
ଭିତରକୁ ପହଁରେଇ ନିଅ ନଜର
କଳିନିଅ ସାମର୍ଥ୍ୟ ତୁମର
ତୁମେ କ'ଣ ସେଇ ଈଶ୍ୱର ଯେ
ପିଇ ଯାଇଥିଲେ ଅକଳନ୍ତା ହଳାହଳ-
ତୁମେ କ'ଣ ସେଇ ସମର୍ଥ ବାସୁଦେବ
ନା ତୁମେ ମହାମାୟା ?

ଓମ୍‌ନଗର, ଆନନ୍ଦବଜାର, ଭଦ୍ରକ
ଫୋନ୍-୭୦୦୮୮୨୩୬୦୬

# ଗୁରୁ

**ବିନୟ ମିଶ୍ର**

ବ୍ରହ୍ମ ସ୍ୱରୂପତା ଦର୍ଶନ
ଗୁରୁ ସାନିଧ ହେଲେ,
ପରମ ସୁଖର ପ୍ରଦାତା
ଜ୍ଞାନ ମୂର୍ତ୍ତି କେବଳେ ॥

ଦ୍ୱନ୍ଦ୍ୱ ନାହିଁ ଗୁରୁ ବାକ୍ୟରେ
ସଦା ଆଶିଷ ଭରା,
ଗଗନ ସଦୃଶ୍ୟ ମସ୍ତକେ
ଆଚ୍ଛାଦିତ ସେ ସାରା ।

ପୁଷ୍ପମାଳା ଗଳେ ଲମ୍ବାଇ
ପୂଜା ସେ ନ ନିଅନ୍ତି,
ଜଗତର ସ୍ରଷ୍ଟା ଚରଣେ
ସଦା ଧ୍ୟାନ ଦିଅନ୍ତି ।

ବ୍ରହ୍ମଙ୍କର ସ୍ଥିତି ସର୍ବତ୍ର
ଶିଷ୍ୟ ଗଣେ ବୁଝାଇ,
ମୋକ୍ଷ ପଥ କେଉଁ ପ୍ରକାରେ
ଦେଇଥାନ୍ତି ବତାଇ ।

ଗୁରୁ ଏକ ନିତ୍ୟ ବିମଳ
ଶ୍ରଦ୍ଧା ଭକ୍ତି ଅଚଳ,
ସମସ୍ତ କର୍ମର ସାକ୍ଷୀ ସେ
ବୁଦ୍ଧି ଯହିଁ ଅଟଳ ।

ଭାବି ହେବ ନାହିଁ ଗୁରୁଙ୍କ
ଜ୍ଞାନର ଗଭୀରତା,
ତ୍ରିଗୁଣ ଯେଉଁଠି ନୀରବ
ସେହି ସଦଗୁରୁ ସତ୍ତା ।

କ୍ଷୁଦ୍ର ବୁଦ୍ଧି ନେଇ ତାହାଙ୍କୁ
ଯଦି ବିଚାର କର,
ନରକେ ବସତି ମିଳଇ
ରୁଦ୍ଧ ମୁକ୍ତିର ଦ୍ୱାର ।

ନିଆଳ, ଖୋର୍ଦ୍ଧା



# କୁସୁମାଞ୍ଜଳି

**ଅବନୀ ଚନ୍ଦ୍ର ଦାସ**

ଅଜ୍ଞାନ ତିମିର ଅନ୍ଧାରେ
ଯେବେ ଥିଲିଟି ମୁହିଁ,
ଜ୍ଞାନର ପ୍ରଦୀପ ଜାଳିଲ
ମୋର ହୃଦୟେ ରହି । (୧)

ତୁମ ବିନା ଏଇ ସଂସାରେ
ମୋର ଅଛି କେ ସାହା,
ସତ ଉପଦେଶ ଦେଇକି
ମୋତେ ଦେଖାଅ ରାହା । (୨)

ଓଠେ ହସଫୁଲ ଫୁଟାଇ
ମୁଖେ ଦେଲ ମୋ ଭାଷା,
ଗୁରୁ ମନ୍ତ୍ର ଦେଲ ମୋ କାନେ
ମେଣ୍ଟେ ଜ୍ଞାନ ପିପାସା । (୩)

ଅବୋଧ ଅଜ୍ଞାନ ଅଧମ
ଅଟେ ବାଳୁତ ମୁହିଁ,
ଭ୍ରମିତ ହୋଇଲେ ଜୀବନେ
ପଥ ଦିଅ ବତାଇ । (୪)

ପିତାମାତା ଗୁରୁ ତୁମେ ହେ
ଅଟ ସଖା ସୋଦର,
ବିପଦେ ଆପଦେ ମୋହର
ସାହା ହୁଅ ସତ୍ୱର । (୫)

ଅଧୁରା ଜୀବନ ଅପୂର୍ଣ୍ଣ
ତୁମ ଆଶିଷ ବିନା
କର ଯୋଡ଼ି ତୁମ କରୁଣା
ପାଇଁ କରେ ପ୍ରାର୍ଥନା । (୬)

ପ୍ରଣତି ମୋହର ଘେନ ହେ
ପଦେ ଏତିକି ଅଳି,
ଅଜାଡ଼ି ଦେଉଛି ଭକ୍ତିରେ
ଏହି କୁସୁମାଞ୍ଜଳି । (୭)

'ସାଇ ସଦନ' ୧୩୭, ପ୍ରଶାନ୍ତି ବିହାର, ଭୁବନେଶ୍ୱର -୨୪

# ସତ୍ୟରୁ ମାନବ ପୀଡ଼ା

**ମନୋଜ କୁମାର ବେହେରା**



ସତ୍ୟ ସର୍ବଦା ସରଳ ହୋଇ ନଥାଏ
କେବେ ପାଲଟିଯାଏ ହତିଆର,
ଦର୍ପଣ ଯେତେବେଳେ ସତ ଦେଖେଇ ଥାଏ
ଫୋଡି ହୋଇଥାଏ ନିଜର ଚେହେରା ବାରମ୍ବାର ।
ମିଛ କେବେ ଶାନ୍ତି ଦେଇ ନଥାଏ
ସତ୍ୟତାକୁ ବ୍ୟାକୁଳ କରିଦେଇଥାଏ,
ମନ ଯେଉଁ ସତ୍ୟରୁ ପଳେଇ ଥାଏ
ତାହା ଭିତରରୁ ଡାକିଥାଏ ।
ସତ୍ୟ କହିବା ସହଜ ନୁହେଁ
ସତ୍ୟ ଶୁଣିବା ତା'ହାଠୁ ମଧ୍ୟ କଠିନ,
କାହିଁକି ସତ୍ୟ ଭାଙ୍ଗି ଦେଇଥାଏ
ଭ୍ରମରରେ ବନା ଯାଇଥିବା ପ୍ରତ୍ୟେକ ଦର୍ପଣକୁ ।
କେବେ ସମ୍ବନ୍ଧ ସତ୍ୟରୁ ଭାଙ୍ଗିଥାଏ
କେବେ ଅହଂକାରରୁ ଭାଙ୍ଗିଥାଏ,
କେତେ ବର୍ଷରୁ ସଜେଇ ଥିବା ବିଶ୍ୱାସ
ଗୋଟିଏ କ୍ଷଣରେ ବଦଳି ଯାଇଥାଏ ।
ତଥାପି ସତ୍ୟରୁ ପଳେଇ କରି
ମନ କେଉଁ ପର୍ଯ୍ୟନ୍ତ ସୁଖ ପାଇବ ?
ମିଛର ଛବିରେ ବସିଥିବା ମନୁଷ୍ୟ
ଶେଷରେ କେତେ ପର୍ଯ୍ୟନ୍ତ ନିଜକୁ ଲୁଚେଇବ ?
ସତ୍ୟ ତ ପୀଡା ଦେଇଥାଏ
କିନ୍ତୁ ଭିତରକୁ ମୁକ୍ତ ମଧ୍ୟ କରିଥାଏ,
ଯିଏ ସ୍ୱୀକାର କରିନିଏ ସତ୍ୟକୁ,
ସେ ହିଁ ଜୀବନକୁ ବୁଝିବାର ଆରମ୍ଭ କରିଥାଏ ।
ପୀଡା ସତ୍ୟର ମୂଲ୍ୟ ଅଟେ
ଆଉ ସ୍ୱୀକାର ଏହାର ଉପଚାର,
ମିଛ ତେଣିକି ଯେତେ ଫୁଲ ବିଛାଉ
ସତ୍ୟ ହିଁ ଦେଖିଥାଏ ଜୀବନର ବାସ୍ତବିକ ସଂସାର ।
ସେଥିପାଇଁ ସତ୍ୟକୁ ଡର ନାହିଁ
ତେଣିକି କିଛି କ୍ଷଣ ଲୁହ ଆସୁ ଆଖିରେ,
ବେଳେବେଳେ ଭାଙ୍ଗିବା ଜରୁରୀ ଅଟେ
ଆଉ ଆମେ ସ୍ୱୟଂକୁ ପୁଣି ଥରେ ଯେମିତି ପାଇବା ॥

ପ୍ଲଟ୍ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍, ୟୁନିଟ୍-୯(ଫ୍ଲାଟ୍), ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧



**ବିଷ୍ଣୁ ପ୍ରସାଦ ଦାସ**



# ସୀମାରେଖା

କଲିକତା ସହରର ନାମୀ କଲେଜ୍ ଭିତରୁ ସିଟି କଲେଜ୍ ଅନ୍ୟତମ । ଡ଼ ରୀନା ରାୟ ଆଜି ଇତିହାସ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର୍ ଭାବେ ଦାୟିତ୍ୱ ଗ୍ରହଣ କଲେ । ରୀନା ରାୟ ଜଣେ ଗୁଣୀ ଜ୍ଞାନୀ ମହିଳା ଭାବରେ ପରିଚିତ । ପ୍ରାୟ ପଇଁଚାଳିଶ ବର୍ଷୀୟ ଅବିବାହିତା ମହିଳା ଜଣକ ଶୃଙ୍ଖଳା ପ୍ରିୟ, ମିଷ୍ଟଭାଷୀ ତଥା ପୋଷାକ ପରିପାଟୀରେ ଖୁବ୍ ଶିଷ୍ଟତା ବଜାୟ ରଖନ୍ତି । ସୁନ୍ଦର୍ ହସ ହସ ମୁହଁ ଦେଖିଲେ ଯେ କେହି ତାଙ୍କ ବ୍ୟକ୍ତିତ୍ୱ ପ୍ରତି ଆକୃଷ୍ଟ ହୋଇଯିବ । ରୀନାକୁ ସିଟି କଲେଜରେ ପ୍ରଥମ ଦିନ ପ୍ରଥମ କ୍ଲାସ୍ ନେବାକୁ କେମିତି ଟିକେ ଅଡୁଆ ଅଡୁଆ ଲାଗୁଥିଲା । ପୁରା କ୍ଲାସ୍ ଖାଲି କହିଲେ ଚଳିବ, ଦଶ ବାର ଜଣ ଛାତ୍ର ଛାତ୍ରୀଙ୍କ ସମ୍ମୁଖରେ ନିଜକୁ ପରିଚିତ କରାଇଥିଲେ ଡ. ରୀନା ରାୟ । କିଛି ହସ ଖୁସୀ ସହିତ ପରସ୍ପର ଚିହ୍ନା ପରିଚୟର ପର୍ବ ପାଳନ ହୋଇଗଲା । ସେଦିନ ପାଠ ପଢ଼ିବା ପାଇଁ ଛାତ୍ର ଛାତ୍ରୀଙ୍କ ମଧ୍ୟରେ କୌଣସି ଉତ୍ସାହ ଦେଖିବାକୁ ମିଳିନଥିଲା । ପ୍ରଥମ ଦିନର ସକାରାତ୍ମକ ଅନୁଭୂତିକୁ ନେଇ ରୀନା ରାୟ ଘରକୁ ଫେରି ଆସିଥିଲେ ।

କଲିକତା ବିଶ୍ୱବିଦ୍ୟାଳୟରୁ ଉଚ୍ଚତର ଡିଗ୍ରୀ ତଥା ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ପି:ଏଚ୍:ଡି ସହିତ ଅନେକ ବର୍ଷର ଅଭିଜ୍ଞତା ରୀନାକୁ ଜଣେ ସଫଳ ଶିକ୍ଷାବିତ୍‌ର ମାନ୍ୟତା ପ୍ରଦାନ କରିଛି । ରୀନାର ପରିବାର କହିଲେ କେବଳ ତା'ର ଅସୁସ୍ଥ ମା' ଛଡ଼ା ଅନ୍ୟ କେହି ନାହାଁନ୍ତି । ଜୀବନ ଯାତ୍ରାରେ ଅନେକ କିଛି ହରାଇଛି ରୀନା, ତଥାପି ସେ ହାରିନାହିଁ ବା କେବେ ପଛକୁ ଫେରି ଚାହିଁ ନାହଁ । ଅତ୍ୟଧିକ ସୁନ୍ଦରୀ ନହେଲେ ମଧ୍ୟ ରୀନା ମ୍ୟାଡ଼ାମ୍‌ଙ୍କ ଇସ୍ତ୍ରୀ କରା ଲାଇଟ୍ କଲର୍ ଶାଢ଼ୀ, ହାତ କଟା ବ୍ଲାଉଜ୍, ଧଳା ମୋତି ହାର, ଦୁଇପଟ ମ୍ୟାଚିଙ୍ଗ୍ ଚୁଡ଼ି, ବାମ ହାତରେ ଦାମିକା ଘଣ୍ଟା ସହିତ ଆକର୍ଷିତ ଚେହେରା ସମସ୍ତଙ୍କ ଆଖି ସାମ୍ନାକୁ ଆସିଯାଏ ।

ପ୍ରତିଦିନ ରୀନା ଘରକୁ କାମ କରିବାକୁ ଆସୁଥିବା କମଳାକୁ ଘରକାମ ସବୁ ବୁଝାଇ ଦେଇ ରୀନା କଲେଜ୍ ଚାଲିଯାଏ । ଏହିପରି କିଛିଦିନ କଟିଗଲା, ଚିରାଚରିତ ଭାବରେ ଶ୍ରେଣୀରେ ପାଠ ପଢ଼ାଇ ଖୁସି ଥିଲା ରୀନା । ଛାତ୍ର ଛାତ୍ରୀଙ୍କ ମଧ୍ୟରେ ରୀନା ମ୍ୟାଡ଼ାମ୍‌ଙ୍କୁ ନେଇ ଅନେକ ଆଲୋଚନା ସମାଲୋଚନା ହୁଏ । ରୀନା ମ୍ୟାଡ଼ାମ୍ କାହିଁକି ବିବାହ କରିନାହାଁନ୍ତି ? ପ୍ରେମ କରୁଥିଲେ ନା କ'ଣ ? କେହି ତାଙ୍କୁ ପ୍ରେମରେ ପ୍ରତାରଣା କରିଛି କି ନାହିଁ ? ଇତ୍ୟାଦି ଅନେକ ପ୍ରଶ୍ନ ଉଙ୍କିମାରେ ପିଲାଙ୍କ ମନ ଭିତରେ । ରୀନା ସେଥିପ୍ରତି ଧ୍ୟାନ ଦେବାକୁ ଉଚିତ୍ ମଣି ନଥିଲା, କଲେଜ୍ ପିଲା କିଛିତ କହିବେ, କୁହନ୍ତୁ । ସରୋଜ୍ ନାମକ ଜଣେ ଛାତ୍ରର କାର୍ଯ୍ୟକଳାପ ଧିରେ ଧୀରେ ରୀନାର ଦୃଷ୍ଟି ଆକର୍ଷଣ କରିଥିଲା । ସରୋଜ ଇତିହାସ ବିଭାଗର ଶେଷ ବର୍ଷର ଛାତ୍ର, ମନେ ହୁଏ ସେ ଖୁବ୍ ଧନୀ ପରିବାରରୁ ଆସିଛି । ପାଠ ପଢ଼ା ସମୟରେ ତା'ର ଅପଲକ ଚାହାଣୀ ସତେ ଯେପରି ରୀନା ଶରୀରର ପ୍ରତ୍ୟେକଟି ଅଙ୍ଗ ପ୍ରତ୍ୟଙ୍ଗକୁ ନିରେଖି ଦେଖିବାର ସୁଯୋଗ ଖୋଜୁଥିଲା । ରୀନା ଏସବୁ ଅନେକ ସମୟରେ ଅବଗତ ଥିଲେ ମଧ୍ୟ କ୍ଲାସ୍ ରୁମ୍‌ରେ କିଛି ଗୁରୁତ୍ୱ ଦେଉନଥିଲା । ଏହା ଏକ ସାଧାରଣ ଘଟଣା, ନାରୀ ପୁରୁଷ ମଧ୍ୟରେ ଆକର୍ଷଣ ତ' ନିଶ୍ଚିତ ରହିବ, ଏହା ଭଗବାନଙ୍କ ପ୍ରଦତ୍ତ ଏକ ବିଚିତ୍ର ରହସ୍ୟ । ଛାତ୍ର ଛାତ୍ରୀଙ୍କ ସହିତ ମନୋବୈଜ୍ଞାନିକ ସ୍ତରରେ ସମନ୍ୱୟ ରକ୍ଷା କରି ଖୁବ୍ ସମ୍ବେଦନଶୀଳ ନହେଲେ ହୁଏତ କିଛି ଅଘଟଣ ଘଟିପାରେ ଏକଥା ରୀନା ଭଲ ଭାବରେ ଜାଣିଥିଲା । ରୀନା ଅନେକ ମାର୍ଜିତ ତଥା ସମ୍ବେଦନଶୀଳ ହୋଇ ନିଜର ଦାୟିତ୍ୱ ତୁଲାଇବାକୁ ଆପ୍ରାଣ ଚେଷ୍ଟା କରିଛି ଏବଂ ସଫଳତା ମଧ୍ୟ ହାସଲ କରିଛି ।

ସରୋଜ ଦିନକୁ ଦିନ ରୀନା ମ୍ୟାଡ଼ାମ୍‌ଙ୍କ ପ୍ରତି ଆକୃଷ୍ଟ ହେବା ଏବଂ ରୀନା ସରୋଜ ଠାରୁ ଦୂରେଇ ରହିବାର ଏକ ଗୁପ୍ତ ପ୍ରକ୍ରିୟା ଜାରି ରହିଛି । ମାନସିକ ସ୍ତରରେ ସରୋଜ ରୀନା ମ୍ୟାଡ଼ାମ୍‌ଙ୍କୁ ଭଲ ପାଇ ବସିଛି । ଯଦିଓ ରୀନା ଏସବୁ ଠାରୁ ଯଥା ସମ୍ଭବ ନିଜକୁ ଦୂରେଇ ରହିବାକୁ ଉଚିତ୍ ମନେ କରୁଛି । ରୀନା ଜାଣି ପାରୁ ନାହିଁ କାହିଁକି ତା' ଜୀବନ ଭିତରକୁ ସରୋଜ ପ୍ରବେଶ କରିବାକୁ ଚାହୁଁଛି ? ବିଚିତ୍ର କଥା... ସରୋଜ ମାତ୍ର ବାଇଶି ବର୍ଷର ଯୁବକ, ସୁନ୍ଦର ଆକର୍ଷଣୀୟ ବଳିଷ୍ଠ ଚେହେରା, ଚକ୍ଷୁ ଦୁଇଟି ବେଶ୍ ଉଜ୍ଜ୍ୱଳ, ପାଠ ପଢ଼ାରେ ଖୁବ୍ ଆଗୁଆ । ତେବେ କଲେଜରେ ଏତେ ସୁନ୍ଦରୀ ଛାତ୍ରୀ ଥାଉ ଥାଉ କାହିଁକି ତା'ପ୍ରତି ଆକର୍ଷିତ ହେଉଛି ? କ'ଣ ଅଧିକ ସେ ତା'ଠାରେ ଆବିଷ୍କାର କରିଛି ? ସର୍ବୋପରି ତା' ବୟସର ଦୁଇଗୁଣ ଠାରୁ ଅଧିକ ବୟସ୍କା ଶିକ୍ଷୟିତ୍ରୀ ତାକୁ ତା' ଜୀବନରେ କି ସୁଖ ଦେଇପାରିବ ? ହୁଏତ ଏହା ସରୋଜର ଏକ ଯୁବକ ସୁଲଭ ଚପଳାମୀ ବା ପ୍ରାକ୍ ଯୌବନର ଯୌନ ଲାଳସା ହୋଇପାରେ ।

କିଛି ଦିନ ହେବ ରୀନା କଲେଜ୍ ଆସିବା ପୂର୍ବରୁ ସରୋଜ କାର୍ ପାର୍କିଂ ଠାରେ ରୀନା ଅପେକ୍ଷାରେ ଥାଏ । ଦୂରରୁ ରୀନାର ନାଲି ସ୍ୱିଫ୍ଟ କାର୍‌ଟିକୁ ଦେଖି ସେ ଚଞ୍ଚଳ ହୋଇଯାଏ । ରୀନା ଗାଡ଼ି ପାର୍କ କରି ଆସିବା ବେଳକୁ ଗୁଡ୍ ମର୍ଣ୍ଣିଙ୍ଗ୍ ମ୍ୟାଡ଼ାମ୍ କହି ଗୋଟିଏ ସଦ୍ୟ ତୋଳା ଯାଇଥିବା ଗୋଲାପ ଫୁଲ ଉପହାର ଦେଇଥାଏ । ଇଚ୍ଛା ନଥିଲେ ମଧ୍ୟ ରୀନା ସ୍ମିତ ହାସ୍ୟ ସହିତ ଧନ୍ୟବାଦ୍ ଦେଇ ଫୁଲଟି ଗ୍ରହଣ କରେ । ସମୟ ସହିତ ତାଳ ଦେଇ ଏହି ପ୍ରକ୍ରିୟା ଧିରେ ଧୀରେ ଆଗେଇ ଚାଲିଲା । ଦୁଇ ଜଣ ଦୁଇ ଜଣଙ୍କ ପାଇଁ ଏବେ ଏକ ଆକର୍ଷଣ ହୋଇଗଲେଣି । ଯେଉଁ ଦିନ ଜଣେ କଲେଜରେ ଅନୁପସ୍ଥିତ ରହୁଥିଲେ ସେଦିନ ଅନ୍ୟ ଜଣେ ଖୁବ୍ ଭାବୁକ ହୋଇଯାଉଥିଲେ । ମନେହୁଏ ଏହା ଦୁହିଁଙ୍କ ପ୍ରେମର ଶୁଭାରମ୍ଭ ବା ମିଳନ ପ୍ରକ୍ରିୟାର ଅଙ୍କୁରୋଦ୍ଗମ ହେଉଥିଲା ।

ସରୋଜ ରୀନା ଏବେ କେବଳ ଛାତ୍ର ଶିକ୍ଷୟିତ୍ରୀ ନୁହନ୍ତି, ଭଲ ବନ୍ଧୁ ମଧ୍ୟ ହୋଇଯାଇଛନ୍ତି । ଛୋଟ ବଡ଼ କାର୍ଯ୍ୟରେ ଦିହେଁ ଦିହିଁଙ୍କୁ ଖୋଜନ୍ତି । ଧିରେ ଧୀରେ ବନ୍ଧୁତା କଲେଜ୍ କ୍ୟାମ୍ପସ ଡେଇଁ ବାହାରକୁ ବାହାରି ଯାଇଛି । ଅନେକ ହୋଟେଲ୍, ପାର୍କ, ମେଳା ମହୋତ୍ସବ ତଥା ସେମିନାରରେ ଦୁହିଁଙ୍କୁ ଦେଖିବାକୁ ମିଳୁଛି । ବନ୍ଧୁତା ବୟସ ମାନେନା, ପ୍ରେମ ବୟସକୁ କେବଳ ଏକ ଗାଣିତିକ ସଂଖ୍ୟା/ ନମ୍ବର୍ ବୋଲି ବିବେଚନା କରେ । ଦୁହେଁ ଦୁହିଁଙ୍କ ସୀମା ରେଖା ମଧ୍ୟରେ ରହି କିଛି ଥଟ୍ଟା ମଜା କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଆନନ୍ଦ ମଧ୍ୟ ଉପଭୋଗ କରିବାର ସୁଯୋଗକୁ ହାତ ଛଡା କରିନଥିଲେ । ତେବେ ରୀନା ମ୍ୟାଡ଼ାମ୍ ବିବାହ ପୂର୍ବରୁ ଦୈହିକ ସମ୍ପର୍କକୁ ଘୋର ବିରୋଧ କରୁଥିଲେ । ଦୃଢ଼ ମନୋବଳ ତଥା ସଂଯମ ଶକ୍ତି ଦ୍ୱାରା ରୀନା ମ୍ୟାଡ଼ାମ୍ ନିଜକୁ ଗଙ୍ଗା ଜଳ ପରି ପବିତ୍ର ରଖିପାରିଥିଲେ । ସରୋଜ ସହିତ ଏକ ଅନନ୍ୟ ପ୍ରେମରେ ଜଡ଼ିତ ହୋଇ ମଧ୍ୟ ତାଙ୍କର କୌଣସ ଚାରିତ୍ରିକ ସ୍ଖଳନ ହେବାର ପ୍ରଶ୍ନ ଉଠି ନଥିଲା । ନାରୀର ସର୍ବ ମୂଲ୍ୟବାନ ସତୀତ୍ୱକୁ ବଜାୟ ରଖିବାର ସାମର୍ଥ୍ୟ ରୀନା ନିକଟରେ ଥିଲା, ତେର ବର୍ଷ ବୟସରେ ରୀନାକୁ ଯୌବନ ଛୁଇଁ ଯାଇଥିଲା । ପ୍ରସ୍ଫୁଟିତ ଫୁଲର ମହକରେ ଅନେକ ଭ୍ରମର, ମହୁମାଛି ଆସି ତା'ପାଖରେ ଗୁଣୁ ଗୁଣୁ ହୋଇ ଗୀତ ଗାଇ ଉଡ଼ି ଚାଲିଥିଲେ । କିନ୍ତୁ କୌଣସି ଭ୍ରମର ମହୁମାଛିକୁ ରୀନା ମଧୁ ସମର୍ପି ଦେଇନଥିଲା । କୋଇଲିର କୁହୁ କୁହୁ ତାନ, ଅନେକ ବସନ୍ତର ଆଗମନ ତା'ର କୋମଳ ଶରୀର, ମନକୁ ଆନ୍ଦୋଳିତ କରିଥିଲା କିନ୍ତୁ ସେ ନିର୍ବିକାର ଥିଲା । ମା'ଙ୍କ ଅସୁସ୍ଥତା, ବାପାଙ୍କ ଦେହାନ୍ତ, ପାରିବାରିକ ସମସ୍ୟା ରୀନାର ସୁନେଲି ସ୍ୱପ୍ନକୁ ଧୂଳିସାତ୍ କରିଦେଇଛି । ସମୟ କାହାକୁ ଅପେକ୍ଷା କରେନାହିଁ, କାର୍ଯ୍ୟ ବ୍ୟସ୍ତତା ଭିତରେ କେତେବେଳେ ଯୌବନ ଯାଇ ରୀନା ପଇଁଚାଳିଶ ବର୍ଷରେ ପଦାର୍ପଣ କରିଛି ସେ ନିଜେ ହିଁ ଭୁଲିଯାଇଛି ।

ରୀନା ଯୋଗ୍ୟତା ତଥା ଅଭିଜ୍ଞତା ଦୃଷ୍ଟିରୁ ପ୍ରମୋଶନ୍ ପାଇ କଲେଜର ଅଧକ୍ଷା ଭାବରେ ନିଯୁକ୍ତି ପାଇ ସାରିଛି । ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟ ଭିତରେ ଏବେ ଆଉ କ୍ଲାସ୍ ନେବାକୁ ରୀନା ପାଖରେ ସମୟ ନାହିଁ । ସରୋଜ ପାଇଁ ରୀନା ନିଜ କର୍ତ୍ତବ୍ୟରେ କେବେ ବି ଅବହେଳା କରିନାହିଁ, ପ୍ରଥମେ କର୍ତ୍ତବ୍ୟ ତା'ପରେ ଅନ୍ୟ କଥା । ଏବେ ରୀନା ବଦଳରେ ସାଗରିକା ମ୍ୟାଡ଼ାମ୍ କ୍ଲାସ୍ ନିଅନ୍ତି । ରୀନା ମ୍ୟାଡ଼ାମ୍‌ଙ୍କ ବିନା ଇତିହାସ କ୍ଲାସ୍‌ଟା ଯେପରି ଶ୍ରୀହୀନ ହୋଇପଡ଼ିଛି । ସରୋଜ ପ୍ରାୟ କ୍ଲାସ୍‌ରେ ଅନୁପସ୍ଥିତି ରୁହେ, ତା'ର ଚକ୍ଷୁ ଦୁଇଟି କେବଳ ରୀନା ମ୍ୟାଡ଼ାମ୍‌ଙ୍କୁ ଖୋଜୁଥାଏ । ରୀନାର କାର୍ଯ୍ୟ ଚାପ ଅନେକ ବଢ଼ିଯାଇଛି, ସମୟର ପ୍ରଚୁର ଅଭାବ, ତେଣୁ ହୁଏତ ସେ ସରୋଜ ପ୍ରତି କିଛିଟା ଅବହେଳା କରୁଛି । ସରୋଜ ଏକ ଅନ୍ଧ ଗଳିର ପଥିକ ତା'ପାଇଁ କେବଳ ରୀନା ମ୍ୟାଡ଼ାମ୍ ଏକ ଆଲୋକର ଉତ୍ସ, ଅଥଳ ସାଗରେ ଦିଗହରା ନାବିକର ଧ୍ରୁବ ତାରା ସଦୃଶ । ସରୋଜ ଜୀବନର ବାଇଶଟା ବର୍ଷ ଭିତରୁ ହେତୁ ପାଇବା ପରେ ରୀନା ମ୍ୟାଡ଼ାମ୍ ତା'ର ହୃଦୟର ସ୍ପନ୍ଦନ ପାଲଟି ଯାଇଛନ୍ତି । ସରୋଜ ଯେ କୌଣସି ଉପାୟରେ ରୀନା ମ୍ୟାଡ଼ାମ୍‌ଙ୍କୁ ଚିରଦିନ ପାଇଁ ନିଜର କରିବାକୁ ଚାହେଁ । ସରୋଜ ଏବେ ରୀନା ମ୍ୟାଡ଼ାମ୍‌ଙ୍କ ଘରକୁ ଯିବା ଆସିବା ଆରମ୍ଭ କରିଦେଇଛି । ମ୍ୟାଡ଼ାମ୍‌ଙ୍କ ମା'ଙ୍କର ନିକଟତର ହୋଇଛି । ରୀନାର ମାଆ ସରୋଜକୁ ନିଜ ପରିବାର ସଦସ୍ୟ ପରି ଆଚରଣ କରନ୍ତି । ପିଲାଦିନୁ ସରୋଜ ନିଜ ମାଆଙ୍କୁ ହରାଇ ଏବେ ରୀନା ମା'ଙ୍କ ଠାରୁ ମାତୃ ସ୍ନେହ ମମତା ପାଇପାରୁଛି । କେଜାଣି କାହିଁକି ରୀନା ଏସବୁ ଜାଣି ମଧ୍ୟ ଅଜଣା ରହିଛି । ସରୋଜକୁ ବିରୋଧ କରିବାର ସାହସ ସେ ଜୁଟାଇ ପାରୁନାହିଁ କାହିଁକି ? ରୀନା କ'ଣ ସରୋଜକୁ ଭୟ କରୁଛି ? ନା ଏକ ସ୍ୱର୍ଗୀୟ ପ୍ରେମ ବନ୍ଧନରେ ସରୋଜ ସହିତ ବାନ୍ଧି ହୋଇଯାଇଛି ? ସରୋଜ ନିର୍ଲଜ୍ଜ ଭାବେ ଏହା ମଧ୍ୟରେ ରୀନା ମ୍ୟାଡ଼ାମ୍‌ଙ୍କୁ ବିବାହ ପ୍ରସ୍ତାବ ଦେଇସାରିଛି ।

ଥରେ ରୀନା ସରୋଜକୁ ଘରକୁ ଡାକି ନିଜ ମା'ଙ୍କ ସାମ୍ନାରେ ବସାଇ ସବୁ କଥା କହିଲା । ତା'ର ଯୁବକ ସୁଲଭ ପିଲାଳିଆମି ଭୁଲି ଯିବାକୁ ତଥା ସାରା ଜୀବନ ବନ୍ଧୁ ହୋଇ ରହିବାର ପ୍ରସ୍ତାବ ମଧ୍ୟ ଦେଇଥିଲା । ବୟସର ତାରତମ୍ୟ ବିଷୟ, ସମାଜର ନାଲି ଆଖି, ପରିବାରର ଅଶାନ୍ତି, ସାମାଜିକ ସ୍ୱୀକୃତି ବିଷୟରେ ଅନେକ ଆଲୋଚନା ସମାଲୋଚନା ପରେ ମଧ୍ୟ ସରୋଜର ବକ୍ତବ୍ୟ ଥିଲା... ମ୍ୟାଡ଼ାମ, ଆପଣ ଇତିହାସ ବିଭାଗର ପ୍ରଫେସର, ଆପଣ ନିଶ୍ଚିତ ଭାବେ ଆମ ପରି ଅନେକ ଚରିତ୍ରକୁ ଜାଣିଥିବେ । ବୟସର ତାରତମ୍ୟ ସତ୍ତ୍ୱେ ମଧ୍ୟ ସେମାନେ ବିବାହ କରି ସମାଜରେ ସୁଖୀ ଦାମ୍ପତ୍ୟ ଜୀବନ ନିର୍ବାହ କରିଛନ୍ତି । ରୀନା ଏକ ଧର୍ମ ସଙ୍କଟ ଦେଇ ଗତି କରୁଥିଲା, ସରୋଜର ପ୍ରସ୍ତାବ ଗ୍ରହଣ କରିବ କି ନାହିଁ ସେକଥା ଗୁରୁତ୍ତ୍ୱର ସହିତ ଭାବି ଚାଲିଥିଲା । ରୀନା ଜାଣିପାରୁନାହିଁ ସେ କେଉଁ ପଥର ପଥିକ ହେବାକୁ ଯାଉଛି ? ଆମ ସମାଜ, ଆମ ସଂସ୍କୃତି ସର୍ବୋପରି ତା'ର ମା'ଙ୍କ ଅସୁସ୍ଥତା ଏବଂ ଚାକିରୀ ବିଷୟରେ ଅନେକ କିଛି ଭାବି ଚାଲିଛି । ଏପରି ଅନେକ ଅସମାହିତ ପ୍ରଶ୍ନ ତାର ମସ୍ତିଷ୍କକୁ ଭାରାକ୍ରାନ୍ତ କରି ରଖିଥିଲା । ସରୋଜର ବିବାହ ପ୍ରସ୍ତାବକୁ କ'ଣ ଏଡାଇଯାଇ ହେବ ? ରୀନାର ମାଆ ସବୁ ଶୁଣିଲା ପରେ ଶେଷରେ ରୀନାକୁ ସରୋଜର ପ୍ରସ୍ତାବକୁ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ । ରୀନା ମା'ଙ୍କ କଥାକୁ ସମ୍ମାନ ଜଣାଇ ସରୋଜର ପ୍ରସ୍ତାବକୁ ଗ୍ରହଣ କରିନେଇଥିଲା ।

ସରୋଜର ଘର ସେହି ସହରରେ ଥିଲା, ତା'ର ବାପା ଜଣେ ସଫଳ ବ୍ୟବସାୟୀ । ସରୋଜ ତାଙ୍କର ଏକମାତ୍ର ପୁତ୍ର, ଅନେକ ଦିନ ପୂର୍ବରୁ ତାଙ୍କ ଧର୍ମ ପତ୍ନୀ ଆରପାରିକୁ ଚାଲି ଯାଇଛନ୍ତି । ସରୋଜ ଦିନେ ବାପାଙ୍କୁ ନିଜ ମନ କଥା ଖୋଲି କହିଥିଲା । ସରୋଜର ପିତା ଏକଥା ଶୁଣି ଖୁବ୍ ଚିନ୍ତାରେ ପଡିଗଲେ । ପୁଅର ଏକା ଜିଦ୍ ବାହା ହେବ ତ' ରୀନା ମ୍ୟାଡ଼ାମ୍‌ଙ୍କୁ ବାହା ହେବ, ନହେଲେ ଆଦୌ ବିବାହ କରିବନାହିଁ ବୋଲି ସିଧା ସିଧା ଶୁଣାଇ ଦେଲା । ଅନେକ ବାଦ ବିବାଦ ପରେ ଅଗତ୍ୟା ସରୋଜର ବାପା ବିବାହ ପ୍ରସ୍ତାବରେ ରାଜି ହେଲେ । ପ୍ରଥମେ ମ୍ୟାରେଜ୍ ରେଜିଷ୍ଟ୍ରେସନ୍ ଅଫିସ୍ ଯାଇ ସରକାରୀ ନିୟମ ଅନୁଯାୟୀ ରୀନା ଏବଂ ସରୋଜର ବିବାହ ସମ୍ପନ୍ନ ହୋଇଥିଲା । ପୁନଃଶ୍ଚ ଗୋଟିଏ ଶୁଭ ଦିନ ଦେଖି ବିବାହ ରିସେପ୍ସନ୍ ହୋଇଗଲା । ନବ ଦମ୍ପତି ହନି ମୁନ୍ କରିବାକୁ ୟୁରୋପ ଚାଲିଗଲେ ।

ବୟସର ସୀମାରେଖା ସରୋଜ ଏବଂ ରୀନା ମ୍ୟାଡ଼ାମ୍ ପାଇଁ ବାଧକ ସାଜିନଥିଲା । ସେମାନଙ୍କର ନିର୍ମଳ ହୃଦୟର ପ୍ରେମ ସେମାନଙ୍କୁ ଏକ ସୁଖୀ ଦାମ୍ପତ୍ୟ ଜୀବନ ଗଢି ତୋଳିବାର ମାର୍ଗ ପ୍ରଦର୍ଶନ କରିଥିଲା । ରୀନା ମ୍ୟାଡ଼ାମ୍ ପୂର୍ବବତ୍ ସିଟି କଲେଜରେ ଅଧକ୍ଷା ଭାବରେ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ସରୋଜ ନିଜ ପିତାଙ୍କ ସହିତ ବ୍ୟବସାୟରେ ଜଡ଼ିତ । କାମନା ବାସନା ବିହୀନ ପ୍ରେମ ସଦା ସର୍ବଦା ସଫଳତାର ଶୀର୍ଷରେ ଥାଏ ବୋଲି ପ୍ରମାଣିତ ହୋଇଛି । ଏହାଠାରୁ ଆଉ ଅଧିକ କ'ଣ ଆଶା କରାଯାଇପାରେ ?

ସ୍ନେହ କୁଟୀର, ଝାଞ୍ଜିରୀମଙ୍ଗଳା,
କଟକ- ୭୫୩୦୦୯
ମୋ- ୯୯୩୭୧୭୪୦୯୭

# ମୁଠାଏ ମୂର୍ଚ୍ଛନା

**ଦେବାଶିଷ ଚକ୍ରବର୍ତ୍ତୀ**

**ଅବତାର**
ରାମ, କୃଷ୍ଣ, ବୁଦ୍ଧ ମାନେ କି କେବଳ
ସଂସାରରେ ଅଟନ୍ତି ଅବତାର
ଅବତାର ତାକୁ କହିବା ନାହିଁ କି
ସାଧୁଛି ଯେ ଜଗତର ମଙ୍ଗଳ ?

**ଉପହାର**
ଉପହାର ଆମେ ପାଇଲେ କାହାଠୁ
ମନ ସିନା ଯାଏ ଖୁସିରେ ଭରି
ଲାଭ କଣ ଯଦି ଆତ୍ମାପକ୍ଷୀ ଆମ
ବସିଥିବ ମୁହଁ ଶୁଖେଇ କରି ?

**ଆଭା**
ସୁରୁଜ ଉଇଁଲେ ଆକାଶ ଛାତିରେ
ଅରୁଣିମା ସିନା ଯାଅଇ ଖେଳି
ଲାଭ କଣ ଯଦି ହୃଦ ଆକାଶରେ
ବିବେକ ସୁରୁଜ ପଡ଼େ ଝାଉଁଳି ?

**ତପସ୍ୟା**
ତପସ୍ୟା କି ଦୈବୀ କୃପା ଲାଭ ପାଇଁ
ଶରୀରକୁ ଦେବା ଅଶେଷ କ୍ଲେଶ
ତପସ୍ୟା ନୁହେଁକି ନିଆଶୀ ଓଠରେ
ଫୁଟାଇ ପାରିବା ସୋରାଏ ହସ ?

**ଭ୍ରାନ୍ତି**
ମଣିଷପଣକୁ ପାସୋରିକି ଯଦି
ନିଜକୁ ମଣୁଛ ମଣିଷ ବୋଲି
ସାରା ଜଗତରେ ଅଛି କି ସତରେ
ଆତ୍ମ ପ୍ରତାରଣା ଏହାଠୁ ବଳି ?

ମଣ୍ଡୁଆ, କେନ୍ଦୁଝର ଗଡ
ମୋ-୯୪୩୭୭୫୨୩୯୫

# ପୁସ୍ତକ ପରିକ୍ରମା



## ଅବସର ପରେ

ପ୍ରକାଶ ପାଇଛି ସୁଲେଖିକା କବିତା ମହାନ୍ତିଙ୍କ କବିତା ସଂକଳନ 'ଅବସର ପରେ' ଏହା ତାଙ୍କର ୧୨ ତମ ପୁସ୍ତକ ତଥା ୪ର୍ଥ କବିତା ସଂକଳନ । ଏହି ସଂକଳନରେ ପ୍ରାୟ ୬୫ଟି କବିତା ସ୍ଥାନ ପାଇଛି । ଶ୍ରୀମତୀ ମହାନ୍ତି ଜଣେ ବରିଷ୍ଠ ବ୍ୟାଙ୍କ ଅଧିକାରୀ ଭାବେ ବ୍ୟାଙ୍କରୁ ଅବସର ନେଲା ପରେ ଆହୁରି ଅନେକ ଅନୁଷ୍ଠାନରେ ବ୍ୟାଙ୍କ ବିଷୟକ ଶିକ୍ଷାଦାନ କରିଛନ୍ତି । ବ୍ୟାଙ୍କ ଚାକିରି ତାଙ୍କର ପେଶା ମାତ୍ର ସାହିତ୍ୟ ତାଙ୍କର ନିଶା । ଏହି ନିଶା ଯୋଗୁଁ ସେ ଏଯାବତ୍ ୧୨ଟି ଇଂରାଜୀ ଓ ଓଡ଼ିଆ ପୁସ୍ତକ ରଚନା କରିସାରିଲେଣି । ସମୟର ସଦୁପଯୋଗ କରିବା ପାଇଁ ସେ ଲେଖିବା ଛଡା ଅନ୍ୟାନ୍ୟ କାମରେ ମଧ ନିଜକୁ ନିୟୋଜନ କରିଛନ୍ତି ଯେମିତି ବଗିଚା କାମ, ବସ୍ତି ପିଲାଙ୍କୁ ପାଠ ପଢାଇବା ଇତ୍ୟାଦି । ବିଭିନ୍ନ ଲୋକଙ୍କ ସହ ମିଶିବା ଦ୍ୱାରା ତାଙ୍କ ଦୃଷ୍ଟି ଓ ଦିଗନ୍ତ ମଧ ବିସ୍ତାରିତ ହୋଇଛି । ମାନସ ଚକ୍ଷୁରେ ସେ ପଢିପାରିଛନ୍ତି ଚରିତ୍ରମାନଙ୍କ ମନକଥା । ନାରୀଟିଏର ଅସହାୟତା ଏବଂ ତାକୁ ନେଇ ସମାଜର କୁତ୍ସିତ ଦୃଷ୍ଟିଭଙ୍ଗୀକୁ ସେ କବିତା ମାଧ୍ୟମରେ ତୀବ୍ର ବିରୋଧ କରିଛନ୍ତି । ତାଙ୍କ ଭାଷାରେ ''ଏମିତି କୁନ୍ଦୁଲି, ଛବି ରାଣୀ/ସୌମ୍ୟା ପରି ଅନେକ ଝିଅ/ ଲମ୍ବା ତାଲିକା ତାର/ ଯାହାର ହିସାବ ନାହିଁ/ ଅତୀତ ହୋଇ ଯାଇଛନ୍ତି/ ଫାଇଲ୍ କାହିଁ କେଉଁଠି ଦବି ଯାଉଛି...ସତରେ କ'ଣ ଏଇ ଘଟଣାର ଶେଷ ଅଛି ?/ ଆଉ କେବେ ? (କବିତା-ଶେଷ କେବେ ?)ଏମିତି ଖୁବ୍ ସୁନ୍ଦର ଭାବେ ସେ ଜୀବନର ସୁଖ, ଦୁଖ ଅନୁଭୂତିକୁ କବିତା ମାଧ୍ୟମରେ ପ୍ରକାଶ କରି ପାଠକଙ୍କ ନିକଟତର ହୋଇପାରିଛନ୍ତି । ତାଙ୍କ ଭାଷା ଅତ୍ୟନ୍ତ ସରଳ, ସୁନ୍ଦର ଏବଂ ବୋଧଗମ୍ୟ ହୋଇଥିବାରୁ ତାଙ୍କ କବିତା ଗୁଡିକୁ ଯେ କେହି ପାଠକ ପଢି ବୁଝିପାରିବାର କ୍ଷମତା ରଖିବ । ପୁସ୍ତକରେ ସ୍ଥାନ ପାଇଥିବା ପ୍ରତିଟି କବିତା ତାଙ୍କ ସମାଜ ପ୍ରତି ସମ୍ବେଦନଶୀଳତାର ପରିଚୟ ଦିଏ । ତାଙ୍କର ଆଉ ଏକ କବିତା-ଯୁଗ ସହ ତାଳଦେଇ ଚାଲିବାକୁ ସେ ଯେଉଁ ପରିମାଣରେ ପସନ୍ଦ କରିଛନ୍ତି ଅତୀତରେ ଛାଡିଆସିଥିବା ସ୍ମୃତିକୁ ବି ସେଇ ଅନୁସାରେ ଝୁରି ହୋଇଛନ୍ତି । ଏହି ସଂକଳନରେ ସ୍ଥାନ ପାଇଥିବା ପ୍ରେମର କବିତା ମଧ ଖୁବ୍ ସୁନ୍ଦର ଲେଖିଛନ୍ତି ଶ୍ରୀମତୀ ମହାନ୍ତି । ଏଇ ଯେମିତି-ପ୍ରୀତି, ପ୍ରେମ, ପ୍ରଣୟ ଓ ପ୍ରିୟା କବିତାରେ-ପ୍ରୀତି ଏକ ଛନ୍ଦମୟ/ ଜୀବନର ଗତି/ପ୍ରେମ ଶାଶ୍ୱତ/ପ୍ରେମ ଈଶ୍ୱର/ପ୍ରେମ ଚିରନ୍ତନ/ଏକ ମଧୁମୟ ସମ୍ମୋହନ... । ଆଶା କରାଯାଉଛି ସଂକଳନଟି ପାଠକଙ୍କର ପସନ୍ଦ ହେବ ।

ବିଶ୍ୱମୁକ୍ତି ପବ୍ଲିକେସନ ଦ୍ୱାରା ପ୍ରକାଶିତ ୧୩୬ ପୃଷ୍ଠାର ଏହି ସଂକଳନର ମୂଲ୍ୟ ରହିଛି ୧୫୦ ଟଙ୍କା ମାତ୍ର ।

# ଏକସଙ୍ଗେ ୬୨ ଜଣ କ୍ରିକେଟରଙ୍କୁ ବ୍ୟାନ୍ କଲା ବିସିସିଆଇ




**ନୂଆଦିଲ୍ଲୀ**

ବିସିସିଆଇ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବୟସ ଜାଲିଆତି ମାମଲାରେ ଏକସଙ୍ଗେ ୬୨ ଜଣ ଖେଳାଳିଙ୍କୁ ବ୍ୟାନ୍ କରିବାକୁ ନିଷ୍ପତ୍ତି ଶୁଣାଇଛି। କ୍ରିକେଟ୍ ଆସୋସିଏସନ୍ ଅଫ୍ ବେଙ୍ଗଲ ଅର୍ଥାତ୍ ସିଏବି ନିଜ ଖେଳାଳିମାନଙ୍କ ପାଇଁ ପ୍ରି-ସିଜନ୍ ଡକ୍ୟୁମେଣ୍ଟେସନ୍ ଡ୍ରାଇଭ୍ ଚଲାଇବା ସମୟରେ ଏହି ଗଡ଼ବଡ଼ି ସାମ୍ନାକୁ ଆସିଥିଲା। ଏଥିରେ ୨୦୨୨ ମସିହାରେ ଭାରତୀୟ ଅଣ୍ଡର-୧୯ ବିଶ୍ୱକପ୍ ବିଜେତା ଦଳର ସଦସ୍ୟ ଥିବା ରବି କୁମାରଙ୍କ ନାମ ମଧ୍ୟ ସାମିଲ ରହିଛି। ଅନ୍ୟପଟେ ନିକଟରେ ଅଷ୍ଟ୍ରେଲିଆ ଅଣ୍ଡର-୧୯ ବିପକ୍ଷ ଆଗାମୀ ସିରିଜ୍ ପାଇଁ ଭାରତୀୟ ଅଣ୍ଡର-୧୯ ଦଳରେ ଚୟନ ହୋଇଥିବା ଲେଗ୍-ସ୍ପିନର ରୋହିତ ଯାଦବଙ୍କ ନାମ ମଧ୍ୟ ଏଥିରେ ସାମିଲ ଅଛି। ଯାହାଙ୍କ ଉପରେ ବିସିସିଆଇ ଦୁଇ ବର୍ଷର ବ୍ୟାନ୍ ଲଗାଇଛି।

ବୟସ ଜାଲିଆତିର ବଢୁଥିବା ମାମଲାର ମୁକାବିଲା କରିବା ପାଇଁ ବିସିସିଆଇ କ୍ରମାଗତ ଭାବେ ବିଭିନ୍ନ ପଦ୍ଧତି ଆପଣାଇ ଆସୁଛି। ଏହି କ୍ରମରେ ସିଏବି ନିକଟରେ ନିଜ ଖେଳାଳିମାନଙ୍କୁ ନେଇ ଏକ ପ୍ରି-ସିଜନ୍ ଡକ୍ୟୁମେଣ୍ଟେସନ୍ ଡ୍ରାଇଭ୍ ଚଲାଇଥିବା ବେଳେ ସେଥିରେ ଲେଗ୍-ସ୍ପିନର ରୋହିତ ଯାଦବଙ୍କ ନାମ ସାମ୍ନାକୁ ଆସିଥିଲା। ଏହାପରେ ରୋହିତଙ୍କୁ ଭାରତୀୟ ଅଣ୍ଡର-୧୯ ଦଳରୁ ହଟାଇ ଦିଆଯାଇଛି। କହି ରଖୁଛୁ ଯେ ଏହି ଖେଳାଳିଙ୍କୁ ଅଷ୍ଟ୍ରେଲିଆ ଅଣ୍ଡର-୧୯ ଦଳ ବିପକ୍ଷରେ ପାଞ୍ଚଟି ଦିନିକିଆ ଏବଂ ଦୁଇଟି ମଲ୍ଟି-ଡେ ମ୍ୟାଚ୍ ଖେଳିବା ପାଇଁ ଭାରତୀୟ ଅଣ୍ଡର-୧୯ ସ୍କ୍ୱାଡ୍‌ରେ ଚୟନ କରାଯାଇଥିଲା।

ବୟସଭିତ୍ତିକ ସର୍କିଟ୍‌ରେ ବେଙ୍ଗଲର ପ୍ରତିନିଧିତ୍ୱ କରିଥିବା ରୋହିତଙ୍କ ବୟସରେ ୨୭ ମାସର ଗଡ଼ବଡ଼ି ମିଳିଛି। ଯାହା ସିଏବିର ରିପୋର୍ଟରୁ ସାମ୍ନାକୁ ଆସିଛି। ବିସିସିଆଇ ସହ ଜଡ଼ିତ ସମସ୍ତ ରାଜ୍ୟ କ୍ରିକେଟ୍ ଆସୋସିଏସନଗୁଡ଼ିକୁ ଏହି ବ୍ୟାନ୍ ବିଷୟରେ ଜଣାଇ ଦିଆଯାଇଛି ଏବଂ ଏହା ତତ୍କାଳ ଭାବେ ଲାଗୁ କରାଯାଇଛି।

ପିଟିଆଇ ଅନୁଯାୟୀ, ବୟସ ଜାଲିଆତି ମାମଲାରେ ବାସନ୍ଦ ହୋଇଥିବା ଖେଳାଳିମାନଙ୍କ ମଧ୍ୟରେ ଭାରତୀୟ ଅଣ୍ଡର-୧୯ ବିଶ୍ୱକପ୍ ବିଜେତା ଦଳର ପୂର୍ବତନ ସଦସ୍ୟ ରବି କୁମାରଙ୍କ ବ୍ୟତୀତ ବାମହାତୀ ସ୍ପିନ୍ ଅଲରାଉଣ୍ଡର ବିଶାଳ ଭଟ୍ଟି ମଧ୍ୟ ସାମିଲ ଅଛନ୍ତି। ରବି ୨୦୨୨ ମସିହାରେ ଭାରତୀୟ ଅଣ୍ଡର-୧୯ ବିଶ୍ୱକପ୍ ବିଜେତା ଦଳର ଏକ ପ୍ରମୁଖ ସଦସ୍ୟ ଥିଲେ। ସିଏବିର ରେକର୍ଡ ଅନୁସାରେ ରବି କୁମାରଙ୍କ ବୟସରେ ୪୫ ମାସର ପାର୍ଥକ୍ୟ ମିଳିଛି।

ଆସୋସିଏସନ୍ ଅନ୍ୟ କେତେକ ବୟସଭିତ୍ତିକ ବର୍ଗର ଖେଳାଳିଙ୍କ ରେକର୍ଡରେ ମଧ୍ୟ ଅନେକ ବର୍ଷର ଗଡ଼ବଡ଼ି ପାଇଛି। ଏହି କାର୍ଯ୍ୟାନୁଷ୍ଠାନ ଖେଳାଳିଙ୍କ ଡକ୍ୟୁମେଣ୍ଟ ଏବଂ ଜନ୍ମ ତାରିଖ ରେକର୍ଡର ବ୍ୟାପକ ଯାଞ୍ଚର ଏକ ଅଂଶ। ଯାହାର ତାଲିକା ସିଏବି ନିଜ ୱେବସାଇଟରେ ମଧ୍ୟ ଜାରି କରିଛି। ଅଣ୍ଡର-୧୯ ସ୍ତରରେ ବୟସ ଯାଞ୍ଚ ପ୍ରକ୍ରିୟା ଅଧୀନରେ ଖେଳାଳିମାନଙ୍କୁ ସେମାନଙ୍କର ଜନ୍ମ ପ୍ରମାଣ ପତ୍ର ସହିତ ସ୍କୁଲ-କଲେଜର ଶିକ୍ଷାଗତ ଯୋଗ୍ୟତା ରେକର୍ଡ ସମ୍ବନ୍ଧୀୟ କାଗଜପତ୍ର ଦାଖଲ କରିବାକୁ ପଡ଼ିଥାଏ।

# ମାତ୍ର ୨ଟି ମ୍ୟାଚ୍ ଖେଳି ଏସିଆ କପ୍ ସେମିଫାଇନାଲରେ ଟିମ୍ ଇଣ୍ଡିଆ




**ନୂଆଦିଲ୍ଲୀ**

ମହିଳା ଏସିଆ କପ୍ ୨୦୨୬ରେ ଭାରତୀୟ ମହିଳା କ୍ରିକେଟ୍ ଦଳର ଚମତ୍କାର ପ୍ରଦର୍ଶନ ଜାରି ରହିଛି। ହରମନପ୍ରୀତ କୌରଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ ହଂକଂକୁ ୧୩୭ ରନ୍‌ର ଏକ ବିଶାଳ ବ୍ୟବଧାନରେ ପରାସ୍ତ କରିଛି। ଏହା ଭାରତ ସର୍ବପ୍ରଥମେ ସେମିଫାଇନାଲ୍ ଟିକେଟ୍ ପକ୍କା କରିନେଇଛି। ସାତଥରର ଚାମ୍ପିଅନ୍ ଭାରତ ଗ୍ରୁପ୍-ଏ'ରେ କ୍ରମାଗତ ଦୁଇଟି ବିଜୟ ଏବଂ +୫.୭୭୫ର ଚମତ୍କାର ନେଟ୍ ରନ୍ ରେଟ୍ ସହ ଶୀର୍ଷ ସ୍ଥାନରେ ନିଜର ସ୍ଥିତି ମଜଭୁତ କରିଛି।

ବର୍ତ୍ତମାନ ଭାରତୀୟ ଦଳ ୫ ସେପ୍ଟେମ୍ବରରେ ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନର ସାମ୍ନା କରିବାକୁ ଓହ୍ଲାଇବ। ପାକିସ୍ତାନ ମହିଳା ଦଳ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ସେମିଫାଇନାଲରେ ପ୍ରବେଶ କରିବା ପାଇଁ ଏହି ଦଳକୁ ଭାରତ କିମ୍ବା ହଂକଂ ମଧ୍ୟରୁ ଯେକୌଣସି ଗୋଟିଏ ଦଳ ବିରୁଦ୍ଧରେ ବିଜୟ ହାସଲ କରିବାକୁ ହେବ।

ଭାରତୀୟ ଦଳର ଏହି ଦମ୍‌ଦାର ବିଜୟର ଷ୍ଟାର୍ ଓପନର୍ ସ୍ମୃତି ମନ୍ଧାନା ଥିଲେ। ମନ୍ଧାନା ହଂକଂର ବୋଲରମାନଙ୍କୁ ନାକେଦମ୍ କରି ମାତ୍ର ୬୪ ବଲ୍‌ରେ ୧୪ଟି ଚୌକା ଏବଂ ୭ଟି ଗଗନଚୁମ୍ବୀ ଛକା ସହାୟତାରେ ୧୨୪ ରନ୍‌ର ଏକ ବିସ୍ଫୋରକ ଇନିଂସ ଖେଳିଥିଲେ। ସେ ମାତ୍ର ୫୭ ବଲ୍‌ରେ ନିଜର ଶତକ ପୂରଣ କରିଥିଲେ।

ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଏହା ମନ୍ଧାନାଙ୍କର ୧୮ତମ ଶତକ ଥିଲା। ଏହା ସହିତ ସେ ମହିଳା ଅନ୍ତର୍ଜାତୀୟ କ୍ରିକେଟ୍‌ରେ ସର୍ବାଧିକ ଶତକ ହାସଲ କରିବା ମାମଲାରେ ଅଷ୍ଟ୍ରେଲିଆର ମେଗ୍ ଲାନିଙ୍ଗ୍ ଏବଂ ଦକ୍ଷିଣ ଆଫ୍ରିକାର ଲୌରା ଭୋଲଭାର୍ଡଙ୍କୁ ପଛରେ ପକାଇ ଇତିହାସ ରଚିଛନ୍ତି। ମନ୍ଧାନା ବର୍ତ୍ତମାନ ମହିଳା କ୍ରିକେଟ୍ ଇତିହାସରେ ବିଶ୍ୱର ସର୍ବାଧିକ ଅନ୍ତର୍ଜାତୀୟ ଶତକ ହାସଲକାରୀ ନମ୍ବର-୧ ବ୍ୟାଟ୍ସମ୍ୟାନ୍ ବନିଯାଇଛନ୍ତି।

ଦୁବାଇରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୧୯୩ ରନ୍‌ର ଏକ ବିଶାଳ ସ୍କୋର ଛିଡ଼ା କରିଥିଲା। ମନ୍ଧାନାଙ୍କ ୧୨୪ ରନ୍ ବ୍ୟତୀତ ଶେଫାଳି ବର୍ମା ୧୭ ବଲ୍‌ରେ ୨୮ ରନ୍‌ର ଏକ ଆକ୍ରମଣାତ୍ମକ ଇନିଂସ ଖେଳିଥିଲେ। ତେବେ ସ୍ମୃତିଙ୍କ ବ୍ୟତୀତ ଭାରତୀୟ ମିଡିଲ୍ ଅର୍ଡରର ବ୍ୟାଟ୍ସମ୍ୟାନ୍‌ମାନଙ୍କୁ ରନ୍ ଗତି ବଢ଼ାଇବାରେ ସଂଘର୍ଷ କରିବାକୁ ପଡ଼ିଥିଲା। ପ୍ରତିକା ରାବଲ୍ ୧୨ ବଲ୍‌ରେ ୧୦ ରନ୍ କରିଥିଲେ। ଅଧିନାୟିକା ହରମନପ୍ରୀତ କୌର ୯ ବଲ୍‌ରେ ୧୦ ରନ୍ କରି ଆଉଟ୍ ହୋଇଥିବା ବେଳେ ରିଚା ଘୋଷ ୧୩ ବଲ୍‌ରେ ୧୧ ରନ୍ କରିଥିଲେ।

ଭାରତର ଜବାବରେ ୧୯୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଓହ୍ଲାଇଥିବା ହଂକଂ ଦଳ ଭାରତୀୟ ବୋଲରମାନଙ୍କ ସାମ୍ନାରେ ସମ୍ପୂର୍ଣ୍ଣ ଅସହାୟ ନଜର ଆସିଥିଲା ଏବଂ ୧୬.୨ ଓଭରରେ ମାତ୍ର ୫୬ ରନ୍ କରି ପୂରା ଟିମ୍ ଅଲ୍-ଆଉଟ୍ ହୋଇଯାଇଥିଲା। ଭାରତ ପାଇଁ ଦୀପ୍ତି ଶର୍ମା ମାରାତ୍ମକ ବୋଲିଂ କରି ମାତ୍ର ୯ ରନ୍ ଦେଇ ୩ଟି ୱିକେଟ୍ ହାସଲ କରିଥିବା ବେଳେ, ନନ୍ଦିନୀ ଶର୍ମା, ପ୍ରେମା ରାବତ ଓ ଶ୍ରୀ ଚରଣୀ ୨ଟି ଲେଖାଏଁ ୱିକେଟ୍ ହାସଲ କରିଥିଲେ।

ଏସିଆ କପ୍ ୨୦୨୬ରେ କ୍ରମାଗତ ୨ଟି ବିଜୟ ପଞ୍ଜିକୃତ କରିବା ପରେ ଟିମ୍ ଇଣ୍ଡିଆ ୫ ସେପ୍ଟେମ୍ବରରେ ପାକିସ୍ତାନର ସାମ୍ନା କରିବ। ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ।

# ଚାଇନା ମାଷ୍ଟର୍ସ କ୍ୱାର୍ଟର ଫାଇନାଲରେ ହାରିଲେ କିଦାମ୍ବୀ ଶ୍ରୀକାନ୍ତ



**ସେନଝେନ**

ଶୁକ୍ରବାର ଦିନ ଚାଇନା ମାଷ୍ଟର୍ସରେ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି କିଦାମ୍ବୀ ଶ୍ରୀକାନ୍ତଙ୍କ ଯାତ୍ରା ଶେଷ ହୋଇଛି। ଶେନଜେନଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ସୁପର ୭୫୦ ଇଭେଣ୍ଟରେ ଏହି ଭାରତୀୟ ଖେଳାଳି ହଂକଂର ଲି ଚିୟୁକ୍ ଇୟୁଙ୍କଠାରୁ ସିଧାସଳଖ ଗେମ୍‌ରେ ପରାସ୍ତ ହୋଇଛନ୍ତି। ପୂର୍ବତନ ବିଶ୍ୱ ନମ୍ବର ୱାନ୍ ଶ୍ରୀକାନ୍ତଙ୍କୁ ଲି ୧୬-୨୧, ୧୬-୨୧ ସେଟ୍‌ରେ ପରାସ୍ତ କରିଛନ୍ତି। ଶ୍ରୀକାନ୍ତ ଏହି ମ୍ୟାଚ୍‌ରେ ଏକ ସକାରାତ୍ମକ ଆରମ୍ଭ କରି ଦ୍ରୁତ ଗତିରେ ଦୁଇଟି ପଏଣ୍ଟ ହାସଲ କରିଥିଲେ। କିନ୍ତୁ ଲି ଖୁବ୍ ଶୀଘ୍ର ବରାବର କରି ସ୍ଥିତିକୁ ନିଜ ନିୟନ୍ତ୍ରଣକୁ ନେଇଥିଲେ। ହଂକଂର ସଟଲର ଜଣକ ପ୍ରଥମ ଗେମ୍ ସମୟରେ ନିଜର ଅଗ୍ରଣୀ ବଜାୟ ରଖିଥିଲେ ଏବଂ ପାଞ୍ଚ ପଏଣ୍ଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଶ୍ରୀକାନ୍ତ ପ୍ରତ୍ୟାବର୍ତ୍ତନ କରିବାକୁ ନିଶ୍ଚିତ ଭାବେ ଚେଷ୍ଟା କରିଥିଲେ, କିନ୍ତୁ ସେ ଅଗ୍ରଣୀର ବ୍ୟବଧାନକୁ କମାଇ ପାରିନଥିଲେ। ଶ୍ରୀକାନ୍ତ ଦ୍ୱିତୀୟ ଗେମ୍‌ରେ ମଜଭୁତ ଆରମ୍ଭ କରି ୪-୦ରେ ଅଗ୍ରଣୀ ହାସଲ କରିଥିଲେ, କିନ୍ତୁ ପରେ କ୍ରମାଗତ ଚାରୋଟି ଭୁଲ୍ କରି ନିଜର ଅଗ୍ରଣୀ ହରାଇଥିଲେ। ଏହିପରି ଭାବେ ଲି'ଙ୍କୁ ପ୍ରତ୍ୟାବର୍ତ୍ତନ କରିବାର ସୁଯୋଗ ମିଳିଯାଇଥିଲା। ଶ୍ରୀକାନ୍ତ ଦ୍ୱିତୀୟ ଗେମ୍‌ରେ କଡ଼ା ଟକ୍କର ଦେଇଥିଲେ ଏବଂ ଏକ ସମୟରେ ୧୫-୧୪ ରେ ଆଗୁଆ ମଧ୍ୟ ହୋଇଯାଇଥିଲେ। ମାତ୍ର ଲି ଭାରତୀୟ ସଟଲରଙ୍କ ଦୁର୍ବଳତାର ସୁଯୋଗ ନେଇ ମ୍ୟାଚ୍‌କୁ ନିଜ ନାମରେ କରିନେଇଥିଲେ। ଲି'ଙ୍କ ବିପକ୍ଷରେ ଶ୍ରୀକାନ୍ତଙ୍କର ଏହା କ୍ରମାଗତ ଚତୁର୍ଥ ପରାଜୟ ଥିଲା। ଭାରତୀୟ ଖେଳାଳି ଜଣକ ୨୦୧୮ ଇଣ୍ଡିଆ ଓପନର ପ୍ରଥମ ରାଉଣ୍ଡରେ ଲି'ଙ୍କ ବିପକ୍ଷରେ ଏକମାତ୍ର ବିଜୟ ହାସଲ କରିପାରିଥିଲେ। ପ୍ରି-କ୍ୱାର୍ଟରରେ ଶ୍ରୀକାନ୍ତ କାନାଡାର ୱାର୍ଲ୍ଡ ନମ୍ବର ୯ ତଥା ନିକଟରେ ବିଶ୍ୱ ଚାମ୍ପିଅନସିପ୍‌ର କାଂସ୍ୟ ପଦକ ବିଜେତା ବିକ୍ଟର ଲାଇଙ୍କୁ ୨୧-୧୮, ୨୧-୧୯ ରେ ହରାଇ ସମସ୍ତଙ୍କୁ ଚକିତ କରିଦେଇଥିଲେ। ସେ ପ୍ରଥମ ରାଉଣ୍ଡରେ ଚାଇନିଜ୍ ତାଇପେଇର ୱାର୍ଲ୍ଡ ନମ୍ବର ୨୧ ଚି ୟୁ-ଜେନଙ୍କୁ ମାତ୍ର ୩୫ ମିନିଟରେ ୨୧-୧୬, ୨୧-୧୫ ରେ ପରାସ୍ତ କରିଥିଲେ।

ବିଗତ ତିନି ବର୍ଷ ମଧ୍ୟରେ କିଦାମ୍ବୀ ଶ୍ରୀକାନ୍ତଙ୍କର ଏହା ସର୍ବଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଶ୍ରୀକାନ୍ତ ଚାଇନା ମାଷ୍ଟର୍ସରେ ନିଜର ଅଭିଯାନ ଚାଇନିଜ୍ ତାଇପେଇର ଚି ୟୁ-ଜେନଙ୍କୁ ମାତ୍ର ୩୫ ମିନିଟରେ ପରାସ୍ତ କରି ଆରମ୍ଭ କରିଥିଲେ। ଶ୍ରୀକାନ୍ତ ୱାର୍ଲ୍ଡ ନମ୍ବର-୨୧ ଖେଳାଳିଙ୍କୁ ୨୧-୧୬, ୨୧-୧୫ ସେଟ୍‌ରେ ପରାସ୍ତ କରିଥିଲେ। ଏହାପରେ ଶ୍ରୀକାନ୍ତ ୱାର୍ଲ୍ଡ ନମ୍ବର-୯ ବିକ୍ଟର ଲାଇଙ୍କୁ ପରାସ୍ତ କରି ଏକ ବଡ଼ ଓଲଟଫେର କରିଥିଲେ। ଏହି ଭାରତୀୟ ସଟଲର ପ୍ରି-କ୍ୱାର୍ଟର ଫାଇନାଲରେ ଲାଇଙ୍କୁ ୨୧-୧୮, ୨୧-୧୯ରେ ପରାସ୍ତ କରିଥିଲେ।

# ସିପିଏଲରେ ଦ୍ରୁତତମ ଶତକ ଲଗାଇଲେ ଦସୁନ ଶନକା, ଭାଙ୍ଗିଲେ ଆନ୍ଦ୍ରେ ରସେଲଙ୍କ ରେକର୍ଡ




**କଲମ୍ବୋ**

ଦସୁନ ଶନକା କାରିବିଆନ୍ ପ୍ରିମିୟର ଲିଗ୍‌ର ଇତିହାସ ବଦଳାଇ ଦେଇଛନ୍ତି। ସେ ସିପିଏଲ୍ ଇତିହାସର ସବୁଠାରୁ ଦ୍ରୁତ ଶତକ ହାସଲ କରିଛନ୍ତି। ଶନକା ସେଣ୍ଟ କିଟ୍ସ ଆଣ୍ଡ ନେଭିସ ପାଟ୍ରିଅଟ୍ସ (ଏସଏନପି) ତରଫରୁ ଖେଳି ଏହି କାରନାମା କରି ଦେଖାଇଛନ୍ତି। ସେ ମାତ୍ର ୩୯ ବଲ୍‌ରେ ଶତକ ପୂରଣ କରିଥିଲେ ଏବଂ ୧୨୧ ରନ୍ କରି ଅପରାଜିତ ଫେରିଥିଲେ। ଏହି ଐତିହାସିକ ଇନିଂସରେ ତାଙ୍କ ବ୍ୟାଟ୍‌ରୁ ୧୨ଟି ଛକା ବାହାରିଥିଲା।

ଶନକାଙ୍କର ଏହି ଶତକ ଏଥିପାଇଁ ମଧ୍ୟ ଆଶ୍ଚର୍ଯ୍ୟଜନକ, କାରଣ ସେ ୧୦ମ ଓଭରରେ ବ୍ୟାଟିଂ କରିବାକୁ ଆସିଥିଲେ। ଶନକା ଯେତେବେଳେ ବ୍ୟାଟିଂ କରିବାକୁ ଆସିଲେ, ସେତେବେଳେ ପାଟ୍ରିଅଟ୍ସର ଇନିଂସରେ ୬୪ଟି ବଲ୍ ବାକି ଥିଲା। ଏହି ସମୟ ମଧ୍ୟରେ ସେ ୩୯ଟି ବଲ୍‌ରେ ଧୂଆଁଧାର ଅନ୍ଦାଜରେ ଶତକ ପୂରଣ କରିଥିଲେ। ଶନକା ଏଭଳି ପ୍ରଥମ ବ୍ୟାଟ୍ସମ୍ୟାନ୍ ଯିଏକି ସିପିଏଲ୍ ଇତିହାସରେ ୪୦ରୁ କମ୍ ବଲ୍‌ରେ ଶତକ ହାସଲ କରିଛନ୍ତି।

ସେଣ୍ଟ ଲୁସିଆ କିଙ୍ଗସ ବିପକ୍ଷରେ ଦସୁନ ଶନକା ମାତ୍ର ୩୯ ବଲ୍‌ରେ ନିଜର ଶତକ ପୂରଣ କରିଥିଲେ। ଏହି ମ୍ୟାଚ୍‌ରେ ସେ ୪୩ ବଲ୍‌ରେ ୧୨୧ ରନ୍ କରି ଅପରାଜିତ ଫେରିଥିଲେ। ସେ ନିଜର ଏହି ଇନିଂସରେ ୮ଟି ଚୌକା ଓ ୧୨ଟି ଛକା ମାରିଥିଲେ ଏବଂ ତାଙ୍କର ଷ୍ଟ୍ରାଇକ୍ ରେଟ୍ ୨୮୧.୪୦ ଥିଲା। ଏହା କାରିବିଆନ୍ ପ୍ରିମିୟର ଲିଗ୍ ଇତିହାସରେ ସବୁଠାରୁ ଦ୍ରୁତ ଶତକ ଅଟେ। ତାଙ୍କ ପୂର୍ବରୁ ଏହି ରେକର୍ଡ ସଂଯୁକ୍ତ ଭାବେ ଆନ୍ଦ୍ରେ ରସେଲ, ଟିମ୍ ସାଇଫର୍ଟ ଏବଂ ଶିମରନ ହେଟମାୟରଙ୍କ ନାମରେ ଥିଲା। ଯେଉଁମାନେ ୪୦ ବଲ୍‌ରେ ଶତକ ହାସଲ କରିଥିଲେ।

ସିପିଏଲରେ ସବୁଠାରୁ ଦ୍ରୁତ ଶତକ ଲଗାଇଥିବା ଖେଳାଳି : ୩୯ ବଲ୍ - ଦସୁନ ଶନକା, ୪୦ ବଲ୍ - ଆନ୍ଦ୍ରେ ରସେଲ, ୪୦ ବଲ୍ - ଟିମ୍ ସାଇଫର୍ଟ, ୪୦ ବଲ୍ - ଶିମରନ ହେଟମାୟର, ୪୧ ବଲ୍ - ଶାଇ ହୋପ୍।

ପାଟ୍ରିଅଟ୍ସ ଦଳ ଏକ ସମୟରେ ୧୫ ଓଭରରେ ୧୪୨ ରନ୍ କରି ଖେଳୁଥିଲା। ଏହି ସମୟରେ ଶନକା ମଧ୍ୟ ୧୮ ବଲ୍‌ରେ ୪୦ ରନ୍ କରି ଖେଳୁଥିଲେ। ଏହାପରେ ଦସୁନ ଶନକା ଏଭଳି ଧୂଆଁଧାର ବ୍ୟାଟିଂ କରିଥିଲେ ଯେ, ଯେଉଁଥିରେ ସେଣ୍ଟ ଲୁସିଆ କିଙ୍ଗସର ବୋଲରମାନେ ଅସହାୟ ନଜର ଆସିଥିଲେ। ଶେଷ ୫ ଓଭରରେ ପାଟ୍ରିଅଟ୍ସ ଦଳ ୯୩ ରନ୍ ସଂଗ୍ରହ କରିଥିଲା। ଯେଉଁଥିରେ ୧୦ଟି ଛକା ସାମିଲ ଥିଲା। ଶେଷ ଓଭରରେ ଏକାକୀ ଦସୁନ ଶନକା ୨୮ ରନ୍ ସଂଗ୍ରହ କରି ନେଇଥିଲେ। କିଓନ ଗାଷ୍ଟନଙ୍କ ଏହି ଓଭରରେ ୪ଟି ଛକା ଏବଂ ଗୋଟିଏ ଚୌକା ଆସିଥିଲା।

ସେଣ୍ଟ କିଟ୍ସ ଆଣ୍ଡ ନେଭିସ ପାଟ୍ରିଅଟ୍ସ ପ୍ରଥମେ ବ୍ୟାଟିଂ କରି ୨୩୫ ରନ୍ କରିଥିଲା। ଯେତେବେଳେ କି ଜେସନ ହୋଲ୍ଡରଙ୍କ ଅଧିନାୟକତ୍ୱରେ ସେଣ୍ଟ ଲୁସିଆ କିଙ୍ଗସ ଦଳ ଲକ୍ଷ୍ୟର ପିଛା କରିବାକୁ ଓହ୍ଲାଇଥିଲା, ସେତେବେଳେ ସମ୍ପୂର୍ଣ୍ଣ ଦଳ ମାତ୍ର ୯୮ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ପାଟ୍ରିଅଟ୍ସ ଏହି ମ୍ୟାଚ୍‌କୁ ୧୩୭ ରନ୍‌ର ଏକ ବିଶାଳ ବ୍ୟବଧାନରେ ଜିତି ନେଇଛି। ସବୁଠାରୁ ଅଧିକ ବିପର୍ଯ୍ୟୟ ଜେରେମିଆ ଲୁଇସ୍ ସୃଷ୍ଟି କରିଥିଲେ, ଯିଏକି ମାତ୍ର ୨.୫ ଓଭର ବୋଲିଂ କରି ୫ଟି ୱିକେଟ୍ ଚଟକାଇଥିଲେ। ତାଙ୍କ ବ୍ୟତୀତ ୱାନିନ୍ଦୁ ହସରଙ୍ଗା ଓ ଏଶ୍ମିଡ୍ ନେଡ୍ ଦୁଇଟି ଲେଖାଏଁ ୱିକେଟ୍ ନେଇଥିବା ବେଳେ ନସିମ ଶାହଙ୍କୁ ମଧ୍ୟ ଗୋଟିଏ ସଫଳତା ମିଳିଥିଲା।

# ମେସି ପରେ ଫୁଟବଲରୁ ଅବସର ନେବେ ଏଡିନ ଜେକୋ



**ସରାଜେଭୋ**

ମେସି ପରେ ବୋସନିଆ ଓ ହର୍ଜଗୋଭିନା ଫୁଟବଲ କିମ୍ବଦନ୍ତୀ ଏଡିନ ଜେକୋ ଆସନ୍ତା ମାସରେ ଅନ୍ତର୍ଜାତୀୟ ଫୁଟବଲରୁ ଅବସର ନେବାକୁ ଯାଉଛନ୍ତି। ଏ ନେଇ ଗୁରୁବାର ସେ ସୂଚନା ଦେଇଛନ୍ତି।

ଆସନ୍ତା ଅକ୍ଟୋବର ୨ ତାରିଖରେ ସ୍ୱିଡେନ ବିପକ୍ଷରେ ହେବାକୁ ଥିବା ମ୍ୟାଚ୍‌ରେ ସେ ଅନ୍ତିମ ଥର ପାଇଁ ଜାତୀୟ ଦଳ ପକ୍ଷରୁ ଖେଳିବେ। ଦୀର୍ଘ ୨ ଦଶନ୍ଧି ଧରି ସକ୍ରିୟ ଜେକୋଙ୍କ ନାମରେ ଦେଶ ପାଇଁ ସର୍ବାଧିକ ସଂଖ୍ୟାକ ମ୍ୟାଚ୍ ଖେଳିବା ଓ ସର୍ବାଧିକ ଗୋଲ କରିବାର ରେକର୍ଡ ରହିଛି। 'ମୋ କ୍ୟାରିୟରରେ ସେଭଳି କିଛି ନାହିଁ, ଯାହା ପ୍ରତ୍ୟେକ ଥର ଜାତୀୟ ଦଳର ଜର୍ସି ପିନ୍ଧିଲା ବେଳେ ଅନୁଭବ ହେଉଥିବା ଗର୍ବ ସହ ତୁଳନୀୟ ହୋଇପାରିବ। ତୁର୍କୀ ବିପକ୍ଷ ପଦାର୍ପଣ ମ୍ୟାଚ୍‌କୁ ୨୦ ବର୍ଷ ବିତିଗଲାଣି। ସେବେଠାରୁ ଅନେକ କିଛି ବଦଳି ସାରିଛି। ମୁଁ ମଧ୍ୟ ବଦଳିଛି। କିନ୍ତୁ ଏହି ଜର୍ସି ପ୍ରତି ମୋ ଭଲ ପାଇବା କଦାପି ବଦଳି ନାହିଁ। ଏବେ ଉଚିତ ସମୟ ଆସି ଯାଇଥିବା ଅନୁଭବ ହେଉଛି' ବୋଲି ଜେକୋ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି।

୨୦୦୭ରେ ପଦାର୍ପଣ କରିଥିବା ଜେକୋ ୧୫୧ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୭୩ ଗୋଲ କରିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ବୋସନିଆ ଓ ହର୍ଜଗୋଭିନା ୨୦୧୪ରେ ପ୍ରଥମ ଥର ପାଇଁ ବିଶ୍ୱକପ୍ ଖେଳିଥିଲା। ୨୦୨୬ ବିଶ୍ୱକପ୍‌ରେ ରାଉଣ୍ଡ ଅଫ୍-୩୨ରୁ ବିଦାୟ ନେଇଥିବା ଦଳର ସେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ଏହି ୪୦ ବର୍ଷୀୟ ଫରୱାର୍ଡ ମାଞ୍ଚେଷ୍ଟର ସିଟି, ଏଏସ୍ ରୋମା ଓ ଇଣ୍ଟର ମିଲାନ ଭଳି କ୍ଲବ ପାଇଁ ଖେଳିସାରିଛନ୍ତି।

# ପ୍ରଥମ ଥର ପାଇଁ ଜାପାନ ବିପକ୍ଷରେ ଟି-୨୦ ମ୍ୟାଚ୍ ଖେଳିବ ଭାରତ




**ନୂଆଦିଲ୍ଲୀ**

ଭାରତ ଏବଂ ଜାପାନ ମଧ୍ୟରେ କୂଟନୈତିକ ସମ୍ପର୍କର ୭୫ତମ ବାର୍ଷିକୀ ଏଥର କ୍ରିକେଟ୍ ପଡ଼ିଆରେ ଏକ ସ୍ୱତନ୍ତ୍ର ଶୈଳୀରେ ପାଳନ କରାଯିବ। ଭାରତୀୟ ପୁରୁଷ କ୍ରିକେଟ୍ ଦଳ ଜାପାନ ବିପକ୍ଷରେ ଏକ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବ। ଦୁଇ ଦେଶର ଦଳ ପ୍ରଥମ ଥର ପାଇଁ ଏଭଳି ଏକ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ମୁହାଁମୁହିଁ ହେବାକୁ ଯାଉଛନ୍ତି। ଯାହା ଏହି ମ୍ୟାଚ୍‌କୁ ଐତିହାସିକ କରିଦେଇଛି।

ସୁଜୁକି କପ୍ ନାମରେ ହେବାକୁ ଥିବା ଏହି ମ୍ୟାଚ୍ ୨୨ ସେପ୍ଟେମ୍ବର ୨୦୨୬ ରେ ତୋଚିଗି ପ୍ରାନ୍ତର ସାନୋ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯିବ। ଏହି ମ୍ୟାଚ୍ ଭାରତୀୟ ସମୟ ସକାଳ ୯.୩୦ଟାରେ ଆରମ୍ଭ ହେବ। ଜାପାନ କ୍ରିକେଟ୍ ଆସୋସିଏସନ ଏବଂ ଭାରତୀୟ କ୍ରିକେଟ୍ ବୋର୍ଡ ଏହି ସ୍ୱତନ୍ତ୍ର ମ୍ୟାଚ୍ ବିଷୟରେ ଆଧିକାରିକ ଭାବେ ଘୋଷଣା କରିଛନ୍ତି।

କହି ରଖୁଛୁ ଯେ ଭାରତୀୟ ପୁରୁଷ କ୍ରିକେଟ୍ ଦଳ ଚଳିତ ମାସରେ ଏସିଆନ୍ ଗେମ୍ସ ପାଇଁ ଜାପାନ ଯାତ୍ରା କରିବ। କିନ୍ତୁ ତାହା ପୂର୍ବରୁ ଏହି ମ୍ୟାଚ୍ ଅତ୍ୟନ୍ତ ସ୍ୱତନ୍ତ୍ର ହେବ। ଟିମ୍ ଇଣ୍ଡିଆ ପ୍ରଥମ ଥର ପାଇଁ ଜାପାନ ବିପକ୍ଷରେ କୌଣସି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବ। ବିଶ୍ୱର ସବୁଠାରୁ ଶକ୍ତିଶାଳୀ କ୍ରିକେଟ ଦଳଗୁଡ଼ିକ ମଧ୍ୟରେ ସାମିଲ ଥିବା ଭାରତର ଉପସ୍ଥିତି ଜାପାନରେ କ୍ରିକେଟକୁ ଏକ ନୂଆ ପରିଚୟ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ। ଜାପାନ କ୍ରିକେଟ୍ ଆସୋସିଏସନ ଦୀର୍ଘ ସମୟ ଧରି ଦେଶରେ କ୍ରିକେଟର ବିକାଶ ଏବଂ ଲୋକପ୍ରିୟତା ବଢ଼ାଇବା ଦିଗରେ କାର୍ଯ୍ୟ କରୁଛି। ଏଭଳି ପରିସ୍ଥିତିରେ ଭାରତୀୟ ଦଳ ବିପକ୍ଷରେ ଏହି ମ୍ୟାଚ୍ ସ୍ଥାନୀୟ ଖେଳାଳି ଏବଂ କ୍ରିକେଟ ପ୍ରେମୀଙ୍କ ପାଇଁ ଏକ ବଡ଼ ଆକର୍ଷଣ ହେବ।

ଭାରତ ଏବଂ ଜାପାନ ମଧ୍ୟରେ ହେବାକୁ ଥିବା ଏହି ମ୍ୟାଚ୍ 'ସ୍ପୋର୍ଟ୍ସ ୭୫' ଅଭିଯାନର ପ୍ରଥମ କାର୍ଯ୍ୟକ୍ରମ ହେବ। ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ଖେଳ ମାଧ୍ୟମରେ ଦୁଇ ଦେଶର ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ ଏବଂ ସହଯୋଗକୁ ପ୍ରୋତ୍ସାହନ ଦେବା। ଏହି ଅଭିଯାନ ଭାରତ ଏବଂ ଜାପାନର ଶୀର୍ଷ ନେତୃତ୍ୱଙ୍କ ମଧ୍ୟରେ ହୋଇଥିବା ସହମତିର ଏକ ଅଂଶ ଅଟେ। ଏଥିରେ ଖେଳ କ୍ଷେତ୍ରରେ ପାରସ୍ପରିକ ସହଯୋଗ ବୃଦ୍ଧି କରିବା ସହିତ ଭାରତର ୨୦୩୬ ଅଲିମ୍ପିକ୍ସ ଏବଂ ପାରାଲିମ୍ପିକ୍ସ ଖେଳର ଆୟୋଜନ କରିବାର ମହତ୍ତ୍ୱାକାଂକ୍ଷାକୁ ମଧ୍ୟ ଧ୍ୟାନରେ ରଖାଯାଇଛି। ବିସିସିଆଇ ସମ୍ପାଦକ ଦେବଜୀତ ସାଇକିଆ ଏହି ମ୍ୟାଚ୍‌କୁ ଭାରତୀୟ କ୍ରିକେଟ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ବୋଲି ଅଭିହିତ କରିଛନ୍ତି। ସେ କହିଛନ୍ତି ଯେ ଜାପାନରେ ଭାରତୀୟ ଦଳ ଖେଳିବା କ୍ରିକେଟକୁ ନୂଆ ଦର୍ଶକଙ୍କ ପାଖରେ ପହଞ୍ଚାଇବାର ଏକ ସୁଯୋଗ ଅଟେ। ସାଇକିଆ ଭାରତ ଏବଂ ଜାପାନ ମଧ୍ୟରେ ଦୀର୍ଘ ଦିନରୁ ରହିଆସିଥିବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବିଷୟରେ ଉଲ୍ଲେଖ କରି କହିଛନ୍ତି ଯେ ଦୁଇ ଦେଶର କୂଟନୈତିକ ସମ୍ପର୍କର ୭୫ତମ ବାର୍ଷିକୀ ଉତ୍ସବରେ କ୍ରିକେଟର ଅଂଶଗ୍ରହଣ ବିଶେଷ ଗୁରୁତ୍ୱ ବହନ କରେ। ସେ ଏହା ମଧ୍ୟ କହିଛନ୍ତି ଯେ ବିସିସିଆଇ କ୍ରିକେଟକୁ ତାର ପାରମ୍ପରିକ ପରିସର ବାହାରକୁ ନେଇଯିବାର ଦାୟିତ୍ୱକୁ ବୁଝେ ଏବଂ ଜାପାନ କ୍ରିକେଟ ଆସୋସିଏସନ ସହ ମିଶି ସେଠାରେ ଏହି ଖେଳକୁ ମଜବୁତ କରିବା ପାଇଁ କାର୍ଯ୍ୟ କରିବ।

# ଶିକ୍ଷକ : ଆଗାମୀ ଭାରତର ରୂପକାର



**ଶ୍ରୀମତୀ ଦ୍ରୌପଦୀ ମୁର୍ମୁ**
ଭାରତର ରାଷ୍ଟ୍ରପତି,
ନୂଆଦିଲ୍ଲୀ

ଶିକ୍ଷକ ଭାଗ୍ୟ ଓ ଭବିଷ୍ୟର ରୂପକାର ଅଟନ୍ତି। ଦେଶର କୋଟି କୋଟି ଛାତ୍ରଛାତ୍ରୀଙ୍କ ଭିତରେ ବିଦ୍ୟା, ଦକ୍ଷତା, ନୈତିକତା ଏବଂ ପ୍ରେରଣା ସଞ୍ଚାର କରୁଥିବା ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଦେଶବାସୀଙ୍କ ତରଫରୁ ଗୁରୁ ଦିବସ ଅବସରରେ ମୁଁ କୃତଜ୍ଞତା ଜ୍ଞାପନ କରୁଛି।

ଏହା ସର୍ବଜନବିଦିତ ଯେ ଆମ ଦେଶର ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଇଚ୍ଛା ଥିଲା - ତାଙ୍କ ଜନ୍ମଦିନ 'ଗୁରୁ ଦିବସ' ଭାବେ ପାଳିତ ହେଉ। ସେ ଏକାଧାରେ ଥିଲେ ଜଣେ ପୃଥିବୀ ପ୍ରସିଦ୍ଧ ବିଦ୍ୱାନ, ଲେଖକ ଓ ରାଷ୍ଟ୍ରପୁରୁଷ। ତେବେ ଶିକ୍ଷକଙ୍କ ଭୂମିକା ତାଙ୍କ ପାଇଁ ଥିଲା ସବୁଠୁ ବେଶି ଗୁରୁତ୍ୱପୂର୍ଣ୍ଣ। ଜନପ୍ରିୟ ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ. ଅବଦୁଲ କଲାମଙ୍କୁ ଏକଦା ପଚରାଯାଇଥିଲା ଯେ ଲୋକେ ତାଙ୍କୁ ଜଣେ ବୈଜ୍ଞାନିକ ଭାବରେ ନା ରାଷ୍ଟ୍ରପତି ଭାବରେ ମନେରଖନ୍ତୁ ବୋଲି ସେ ଚାହାଁନ୍ତି। କଲାମଙ୍କ ଉତ୍ତର ଥିଲା, ସେ ଜଣେ ଶିକ୍ଷକ ରୂପେ ଲୋକସ୍ମୃତିରେ ରହିବାକୁ ଇଚ୍ଛା କରନ୍ତି।

ଶିକ୍ଷକ ଶ୍ରଦ୍ଧେୟ ହୁଅନ୍ତୁ ଏବଂ ଶିକ୍ଷାର୍ଥୀ ଶ୍ରଦ୍ଧାବାନ ହୁଅନ୍ତୁ, ଏହା ଆମର ଆଦର୍ଶ ହୋଇ ରହିଆସିଛି। ଆମ ପୁରାତନ ଗ୍ରନ୍ଥାବଳୀରେ ଉଲ୍ଲେଖ ରହିଛି ଯେ ଶିକ୍ଷକମାନେ ବିଦ୍ୟାର୍ଥୀମାନଙ୍କୁ ନିଜର ସନ୍ତାନତୁଲ୍ୟ ଭଲ ପାଆନ୍ତୁ, ଭେଦଭାବ ନ ରଖି ସେମାନଙ୍କୁ ସମଦୃଷ୍ଟିରେ ଦେଖନ୍ତୁ, ସେମାନଙ୍କ ଉପରେ କ୍ରୋଧ ମନୋଭାବ ନ ରଖନ୍ତୁ, ଧୈର୍ଯ୍ୟବାନ ହୁଅନ୍ତୁ, ବିଦ୍ୟାର୍ଥୀଙ୍କ ମଙ୍ଗଳ ପ୍ରତି ଦୃଷ୍ଟି ନିବଦ୍ଧ କରନ୍ତୁ ଏବଂ ସେମାନଙ୍କ ଆହରଣ ଶକ୍ତି ଅନୁଯାୟୀ ଶିକ୍ଷାଦାନ କରନ୍ତୁ। ଏପରି ଶିକ୍ଷକମାନଙ୍କୁ ସମ୍ମାନ ଜଣାଇ ପ୍ରାୟ ତିନି ହଜାର ବର୍ଷ ତଳେ ତୈତ୍ତିରୀୟ ଉପନିଷଦର 'ଶିକ୍ଷାବଲ୍ଲୀ'ରେ 'ଆଚାର୍ଯ୍ୟଦେବୋ ଭବ'ର ବାର୍ତ୍ତା ପ୍ରଦାନ କରାଯାଇଛି।

ସୌଭାଗ୍ୟବଶତଃ, ମୋ ବିଦ୍ୟାର୍ଥୀ ଜୀବନରେ ମୋତେ ଖୁବ୍ ସ୍ନେହୀ ଓ ଉତ୍ତମ ଶିକ୍ଷକମାନଙ୍କ ମାର୍ଗଦର୍ଶନ ମିଳିଥିଲା। ଆମ ଶିକ୍ଷକମାନେ ସ୍କୁଲ୍ ଛୁଟି ପରେ ବେଳେବେଳେ ନିଜ ଘରେ ଆମମାନଙ୍କୁ ପଢ଼ାଉଥିଲେ ଏବଂ ଆମର ଯତ୍ନ ମଧ୍ୟ ନେଉଥିଲେ। ସପ୍ତମ ଶ୍ରେଣୀ ପରେ ନିଜ ଗାଁ ବାହାରକୁ ଯାଇ ପାଠ ପଢ଼ିବାରେ ମୁଁ ଥିଲି ପ୍ରଥମ ଛାତ୍ରୀ। ପାଠପଢ଼ାର ପରବର୍ତ୍ତୀ ପର୍ଯ୍ୟାୟରେ ଭୁବନେଶ୍ୱରରେ ମଧ୍ୟ ମୋତେ ଶିକ୍ଷକମାନଙ୍କଠାରୁ ବିପୁଳ ସ୍ନେହ ଓ ମାର୍ଗଦର୍ଶନ ମିଳିଥିଲା ଓ ମୁଁ ଏଠାରେ ବିନମ୍ର ସହକାରେ ମୋ ଶିକ୍ଷକମାନଙ୍କ କଥା ଏଥିପାଇଁ ଉଲ୍ଲେଖ କରୁଛି କି ସ୍ନେହୀ ଓ ଉତ୍ସର୍ଗୀକୃତ ଶିକ୍ଷକମାନେ ବିଦ୍ୟାର୍ଥୀଙ୍କ ମଧ୍ୟରେ ସବୁବେଳେ ଅସରନ୍ତି ସାମର୍ଥ୍ୟ ଓ ପ୍ରେରଣା ସଞ୍ଚାର କରିଥା'ନ୍ତି। ଏଥିରୁ ଶକ୍ତି ଆହରଣ କରି ବିଦ୍ୟାର୍ଥୀମାନଙ୍କ ଭିତରେ ଯେ କୌଣସି ଆହ୍ୱାନର ସମ୍ମୁଖୀନ ହେବା ଏବଂ ବଡ଼ ବଡ଼ ଲକ୍ଷ୍ୟ ହାସଲ କରିବା ନିମନ୍ତେ ଉତ୍ସାହ ଅବ୍ୟାହତ ରହିଥାଏ। ମୋ ମତରେ, ଶିକ୍ଷକମାନେ ପାଠ୍ୟକ୍ରମ ଅନୁସାରେ ତ ପଢ଼ାନ୍ତି, ତତ୍ ସଙ୍ଗେସଙ୍ଗେ ବିଦ୍ୟାର୍ଥୀମାନଙ୍କୁ ନିଜର ଆଚାରବିଚାର ମାଧ୍ୟମରେ ବଞ୍ଚିବାର କଳା ବି ଶିଖାଇଥା'ନ୍ତି। ଏଣୁ ଶିକ୍ଷକ ବିଦ୍ୟାର୍ଥୀମାନଙ୍କର କେବଳ ମାର୍ଗଦର୍ଶକ ନୁହଁନ୍ତି, ସେମାନଙ୍କର ଶୁଭଚିନ୍ତକ, ମିତ୍ର ଓ ସହଯାତ୍ରୀ ମଧ୍ୟ ଅଟନ୍ତି।

ଜଣେ ଶ୍ରେଷ୍ଠ ଶିକ୍ଷକଙ୍କ ବିଶେଷତ୍ୱ ସମ୍ପର୍କରେ ଆମ ସଂସ୍କୃତି ଓ ପରମ୍ପରାରେ ପ୍ରାଚୀନ କାଳରୁ ପ୍ରଚଳିତ ବିଚାର ଆଜି ବି ସମ୍ପୂର୍ଣ୍ଣ ପ୍ରାସଙ୍ଗିକ ମନେହୁଏ। କେତେ ଶତାବ୍ଦୀ ପୂର୍ବେ ମହାକବି କାଳିଦାସ ସ୍ୱୀୟ ନାଟକ 'ମାଳବିକାଗ୍ନିମିତ୍ରମ୍'ରେ କହିଛନ୍ତି, ଯେଉଁ ଅଧ୍ୟାପକ ବିପୁଳ ଜ୍ଞାନର ଅଧିକାରୀ ଏବଂ ନିଜର ଜ୍ଞାନକୁ ବୋଧଗମ୍ୟ କରିବାକୁ ସମର୍ଥ, ସେ ହିଁ ଉତ୍ତମ ଶିକ୍ଷକ ପଦବାଚ୍ୟ।

ସଂସ୍କୃତର ଏକ ଲୋକପ୍ରିୟ ପ୍ରବାଦ ଅନୁସାରେ : 'ସର୍ବତ୍ର ବିଜୟମ୍ ଇଚ୍ଛେତ୍ ଶିଷ୍ୟାତ୍ ଇଚ୍ଛେତ୍ ପରାଜୟମ୍'। ଏହାର ମର୍ମାର୍ଥ ହେଉଛି, ସମସ୍ତଙ୍କ ଠାରୁ ବିଜୟ କାମନା କରିବା ଉଚିତ କିନ୍ତୁ ଶିଷ୍ୟ ଠାରୁ ପରାଜୟ ଲାଭର ଇଚ୍ଛା ରଖିବା ଉଚିତ। ବିଦ୍ୟାର୍ଥୀଙ୍କ ମଧ୍ୟରେ ସ୍ୱାଧୀନ ଚିନ୍ତାକୁ ପ୍ରୋତ୍ସାହନ ଦେବା, ଜିଜ୍ଞାସା ଉଦ୍ରେକ କରିବା, ପ୍ରଶ୍ନ ପଚାରିବାର ପ୍ରବୃତ୍ତିକୁ ପ୍ରୋତ୍ସାହନ ଦେବା, ତର୍କ-ଶକ୍ତିର ବିକାଶ ଘଟାଇବା ଏବଂ ସେମାନଙ୍କ ବ୍ୟକ୍ତିତ୍ୱ ଗଠନରେ ସହାୟକ ହେବା - ଏସବୁ ହେଉଛି ଶିକ୍ଷାଦାନର ଗୋଟେ ଗୋଟେ ପ୍ରେରଣାଦାୟୀ ଓ ପ୍ରଭାବଶାଳୀ ଦିଗ। ଏତାଦୃଶ ପ୍ରେରଣାପ୍ରଦ ଶିକ୍ଷାରୁ ସଫଳ ଉଦ୍‌ଯୋଗୀ, ପ୍ରତିଭାବାନ ବୈଜ୍ଞାନିକ, ସୃଜନଶୀଳ କଳାକାର ଏବଂ ସମାଧାନ ଅନ୍ୱେଷୀ ନାଗରିକ ପିଢ଼ିର ନିର୍ମାଣ ସମ୍ଭବ।

ଶିକ୍ଷାଦାନ କେବଳ ଏକ ବୃତ୍ତି ନୁହେଁ, ଏହା ମଧ୍ୟ ଏକ ବ୍ରତ। ଏହା କେବଳ ବେଉସା ବା ଚାକିରି ନୁହେଁ, ଏହା ହେଉଛି ମାନବିକତା ନିର୍ମାଣ ଦିଗରେ ଏକ ମହତ କାର୍ଯ୍ୟ। ଏହା ଉତ୍ତର ପିଢ଼ି ନିମନ୍ତେ ମାର୍ଗ ପ୍ରଶସ୍ତ କରିବା ଦିଗରେ ଏକ ସତ୍କାର୍ଯ୍ୟ ମଧ୍ୟ।

ଶିକ୍ଷାଦାନ ସହିତ ଜଡ଼ିତ ସ୍ମୃତିସବୁରୁ ମୁଁ ଅଶେଷ ଶାନ୍ତିଲାଭ କରେ। ମୁଁ ରାଇରଙ୍ଗପୁର ଠାରେ ଥିବା ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ୍ ସ୍କୁଲରେ ପିଲାଙ୍କୁ ପାଠ ପଢ଼ାଇଛି। ପାଠ ପଢ଼ାଇବା ବ୍ୟତୀତ ମୁଁ ପିଲାମାନଙ୍କ ସଙ୍ଗେ ମିଶି ଗୀତ – ସଙ୍ଗୀତ, ଖେଳକୁଦ ଓ ନାଟକ ପ୍ରସ୍ତୁତିରେ ସେମାନଙ୍କୁ ପୂର୍ଣ୍ଣ ପ୍ରାଣରେ ସାହାଯ୍ୟ କରିଛି। ସ୍ୱାଧୀନତା ଦିବସ ଓ ଜନରାଜ୍ୟ ଦିବସର ପ୍ରସ୍ତୁତି ଓ ପାଳନ ଅବସରରେ ପିଲାମାନଙ୍କର ଉତ୍ସାହକୁ ମନେ ପକାଇ ମୁଁ ଆଜି ମଧ୍ୟ ରୋମାଞ୍ଚିତ ହୁଏ। ବିଦ୍ୟାର୍ଥୀମାନଙ୍କୁ ରମଣୀୟ ପ୍ରାକୃତିକ ସ୍ଥଳୀଗୁଡ଼ିକରେ ବଣଭୋଜି ପାଇଁ ନେଇଯିବା ଏବଂ ଖେଳ ମାଧ୍ୟମରେ ସେମାନଙ୍କୁ ନାନା ଜୀବଜନ୍ତୁ ଓ ବୃକ୍ଷଲତା ବିଷୟରେ ଅବଗତ କରିବା ଆଦି ମୋତେ ସାର୍ଥକ ଲାଗିଥିଲା।

ସ୍କୁଲ୍ ପଢ଼ା ସରିବାର ଏତେ ବର୍ଷ ପରେ ମଧ୍ୟ ମୋ ଛାତ୍ରଛାତ୍ରୀମାନେ ମୋତେ ସେମାନଙ୍କ ପାରିବାରିକ ଉତ୍ସବ ଆଦିକୁ ନିମନ୍ତ୍ରଣ କରିଆସୁଛନ୍ତି। ଅନେକ ଛାତ୍ରଛାତ୍ରୀଙ୍କ ଭଲ ନାଁ ଯେ କେବଳ ମୋର ମନେ ଅଛି ତା' ନୁହେଁ, ସେମାନଙ୍କ ଡାକ ନାଁ ମଧ୍ୟ ମୋର ମନେ ଅଛି। ମୁଁ ଯେଉଁ ପିଲାମାନଙ୍କୁ ପଢ଼ାଇଛି, ସେମାନଙ୍କ ଠାରୁ ଅନେକ କିଛି ଶିଖିଛି ମଧ୍ୟ। ମୋ ବିଚାରରେ, ପିଲାମାନଙ୍କ ସରଳତା ଓ ଜିଜ୍ଞାସା ଶିକ୍ଷକମାନଙ୍କୁ ଅନେକ କିଛି ଶିଖାଇଥାଏ।

ରାଷ୍ଟ୍ରପତି ଭାବେ ମୋ କାର୍ଯ୍ୟକାଳକୁ ଦୁଇ ବର୍ଷ ପୂରିବା ଅବସରରେ ମୁଁ ରାଷ୍ଟ୍ରପତି ଭବନସ୍ଥ ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କୁ ପରିବେଶ ସଂରକ୍ଷଣ ବିଷୟ ପଢ଼ାଇଥିଲି ଏବଂ ସେମାନଙ୍କ ସହ କଥାବାର୍ତ୍ତା ବି ହୋଇଥିଲି। ବିଦ୍ୟାର୍ଥୀମାନଙ୍କ ସହ ମିଶିବା ଓ ସେମାନଙ୍କ ଚିନ୍ତାଧାରାକୁ ବୁଝିବା ପାଇଁ ମୁଁ ସବୁବେଳେ ଚେଷ୍ଟା କରିଆସିଛି। ସେମାନଙ୍କ କଥାକୁ ମୁଁ ସର୍ବଦା ମୋ ମନରେ ରଖିଆସିଛି।

ପ୍ରାୟ ଏଗାର ବର୍ଷ ତଳେ ମୁଁ ମୋ ଗାଁର ନିଜ ଜାଗାରେ ଏକ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲି। ସେହି ବିଦ୍ୟାଳୟରେ ଅନାଥ ଓ ବଞ୍ଚିତ ପରିବାରର ପିଲାମାନେ ଶିକ୍ଷାଲାଭ କରନ୍ତି। ସେହି ପିଲାମାନଙ୍କୁ ଭେଟିବା ପାଇଁ ମୁଁ ସେଠାକୁ ଯିବାଆସିବା କରୁଛି। ଏ ବର୍ଷ ଜୁନ୍ ୨୦ ତାରିଖରେ ମୋ ଜନ୍ମଦିନରେ ସେହି ପିଲାମାନଙ୍କୁ ଭେଟି ମୁଁ ବେଶ୍ ଆନନ୍ଦ ଲାଭ କଲି। ସେ ଦିନ ମୋ ସହିତ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ସେହି ବିଦ୍ୟାଳୟକୁ ଯାଇ ପିଲାମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ। ତାଙ୍କ ସହ ମିଶିବାର ସ୍ୱତନ୍ତ୍ର ଅନୁଭୂତି ପିଲାମାନଙ୍କ ପାଇଁ ପ୍ରେରଣାର ଅସରନ୍ତି ଉତ୍ସ ହୋଇ ରହିବ ଓ ସେହି ପିଲାମାନଙ୍କ ଉନ୍ନତି ଦେଖିଲେ ମୋତେ ବିଶେଷ ସାର୍ଥକତା ବୋଧ ହୁଏ।

ଶିକ୍ଷାଦାନ କାର୍ଯ୍ୟ କେବଳ ଶିକ୍ଷକମାନଙ୍କ ଠାରେ ସୀମାବଦ୍ଧ ନୁହେଁ। ବରଂ ନିଜର ଆଚରଣ ଓ ଉପଲବ୍ଧି ମାଧ୍ୟମରେ ପିଲାଙ୍କ ପାଇଁ 'ରୋଲ୍ ମଡେଲ୍' ସାଜୁଥିବା ପ୍ରତ୍ୟେକ ବ୍ୟକ୍ତିବିଶେଷ ଶିକ୍ଷା ଓ ପ୍ରେରଣାର ଅମୂଲ୍ୟ ଉତ୍ସ ଅଟନ୍ତି।

ପିତାମାତା ଓ ଅଭିଭାବକ କେତେ ଆଶା ଭରସା ସହିତ ନିଜ ପିଲାଙ୍କୁ ଶିକ୍ଷକଙ୍କ ପାଖରେ ଛାଡ଼ିଥା'ନ୍ତି। ସେମାନଙ୍କର ବିଶ୍ୱାସ ଥାଏ ଯେ ଶିକ୍ଷକ ସେମାନଙ୍କ ପିଲାଙ୍କୁ ନିଜର ମଣି ତାଙ୍କ ସୁରକ୍ଷା ଓ ପ୍ରଗତି ପ୍ରତି ଯତ୍ନବାନ ହେବେ। ଏହି ପବିତ୍ର ଆସ୍ଥା ପ୍ରତି ସମ୍ମାନ ଜଣାଇବା ପ୍ରତ୍ୟେକ ଶିକ୍ଷକଙ୍କର ଧର୍ମ। ଶିକ୍ଷକମାନଙ୍କର ମନୋବୃତ୍ତି, ଆଚରଣ ଓ ବ୍ୟବହାର ଏପରି ହେବା ଉଚିତ ଯଦ୍ୱାରା ପିଲାମାନଙ୍କ ମନରେ ଭୟ ବା ଆଶଙ୍କା ନ ଉପୁଜିବ, ସେମାନଙ୍କ ମନୋବଳ ନ ଭାଙ୍ଗିବ ଏବଂ ସେମାନଙ୍କ ମଧ୍ୟରେ ହୀନମନ୍ୟତା ଦେଖା ନଦେବ। ବିଦ୍ୟାର୍ଥୀମାନେ ଯେପରି ବ୍ୟକ୍ତିତ୍ୱ ବିକାଶର ଶିଖର ଛୁଇଁବେ, ଏହା ସୁନିଶ୍ଚିତ କରିବାର ଗୁରୁଦାୟିତ୍ୱ ଉତ୍ତମ ଶିକ୍ଷକମାନଙ୍କ ଠାରେ ନ୍ୟସ୍ତ ରହିଛି।

ବିଦ୍ୟାର୍ଥୀଙ୍କୁ ଭଲ ମଣିଷ କରି ଗଢ଼ିବା ପ୍ରତ୍ୟେକ ଶିକ୍ଷକଙ୍କ ପାଇଁ ଏକ ପୁଣ୍ୟ କର୍ମ। ନୈତିକତାର ପଥରେ ପରିଚାଳିତ ହୋଇ ସମୃଦ୍ଧି ଓ ଯଶ ଲାଭ କରୁଥିବା ବିଦ୍ୟାର୍ଥୀମାନେ ହିଁ ଶିକ୍ଷକଙ୍କ ସଫଳତାର ମୂର୍ତ୍ତିମନ୍ତ ପ୍ରତୀକ ଅଟନ୍ତି।

ଆମ ଦେଶ ସାମାଜିକ ଅନ୍ତର୍ଭୁକ୍ତୀକରଣ ସହିତ ବିକଶିତ ରାଷ୍ଟ୍ର ନିର୍ମାଣର ଲକ୍ଷ୍ୟ ପ୍ରାପ୍ତି ଦିଗରେ ଅଗ୍ରସର ହେଉଛି। ମୁଁ ଚାହେଁ, ବିକାଶର ଏହି ଯାତ୍ରାରେ ଆମ ଶିକ୍ଷକଗଣ ଏପରି ପିଢ଼ିର ନିର୍ମାଣ କରନ୍ତୁ, ଯିଏ ଆମ ସଂସ୍କୃତିର ଗୌରବମୟ ପରମ୍ପରାର ଗୁରୁତ୍ୱ ଉପଲବ୍ଧି କରିବେ, ବୈଜ୍ଞାନିକ ଦୃଷ୍ଟିକୋଣ ସହିତ ମାନବଜାତିର ହିତ ପାଇଁ କାର୍ଯ୍ୟ କରିବେ, ଅନ୍ତୋଦୟର ଆଦର୍ଶକୁ ଆତ୍ମସ୍ଥ କରିବେ, ପରିବେଶ ଓ ପଶୁପକ୍ଷୀଙ୍କ ସଂରକ୍ଷଣରେ ସକ୍ରିୟ ରହିବେ, ବ୍ୟକ୍ତିଗତ ଓ ସାମୂହିକ ଗତିବିଧିରେ ଉତ୍କର୍ଷ ଲାଭ କରିବେ ତଥା 'ରାଷ୍ଟ୍ର ସର୍ବୋପରି' ମନୋଭାବ ଘେନି ଆଗକୁ ବଢ଼ିବେ। ଦେଶବାସୀଙ୍କୁ ମୋର ଅନୁରୋଧ, ସେମାନେ ନିଷ୍ଠାବାନ ଶିକ୍ଷକମାନଙ୍କୁ ସର୍ବଦା ସମ୍ମାନାସ୍ପଦ ମଣନ୍ତୁ। ସମର୍ପିତ ଶିକ୍ଷକମାନଙ୍କ ଯୋଗଦାନ ବଳରେ ଭାରତ ପଢ଼ିଚାଲୁ ଓ ବେଶ୍ ଆଗକୁ ବଢ଼ିଚାଲୁ, ଏହା ମୋର ଆନ୍ତରିକ କାମନା।

ଉତ୍କଳ ଦୀପିକା

ଭୁବନେଶ୍ୱର, ୦୫ ସେପ୍ଟେମ୍ବର, ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ପୁଣି ଶ୍ରୀମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍

**ପୁରୀ,୪।୯ :ନ୍ୟୁଜ୍‌ବ୍ୟୁରୋ**

କୋଟିକୋଟି ଶ୍ରଦ୍ଧାଳୁଙ୍କ ମଉଡ଼ମଣି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଉପରେ ପୁଣି ଥରେ ଡ୍ରେନ୍ ଉଡ଼ିଛି। ଶ୍ରୀମନ୍ଦିର ଅଞ୍ଚଳକୁ ନୋ ଫ୍ଲାଇଂ ଜୋନ୍ ଘୋଷଣା କରାଯାଇଥିବା ବେଳେ କିଛି ଲୋକ ନିଜର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଠାରେ ଡ୍ରୋନ୍ ଉଡ଼ାଉଛନ୍ତି, ଯାହାକି ଭକ୍ତଙ୍କ ମନରେ ଅସନ୍ତୋଷ ସୃଷ୍ଟି ହେଉଛି।

ପୁଣି ଶ୍ରୀମନ୍ଦିର ସୁରକ୍ଷା ଉପରେ ଉଠିଲା ବଡ଼ ପ୍ରଶ୍ନବାଚୀ। ନୋ ଫ୍ଲାଇଂ ଜୋନ୍ ଭିତରେ ପୁଣି ଉଡ଼ିଲା ଡ୍ରୋନ୍। ଶ୍ରୀମନ୍ଦିରର ସିଂହଦ୍ୱାରଠୁ ନୀଳଚକ୍ର ଯାଏଁ ଡ୍ରୋନ୍ ଉଡୁଥିବା ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ଓ ଏହାର ଆଖପାଖ ସମ୍ପୂର୍ଣ୍ଣ ନୋ ଫ୍ଲାଇଂ ଜୋନ୍‌ରେ ଡ୍ରୋନ୍ ଉଡ଼ାଇବା ସମ୍ପୂର୍ଣ୍ଣ ନିଷେଧ। ହେଲେ ନିୟମକୁ ଖୋଲାଖୋଲି ଉଲ୍ଲଂଘନ



କରାଯାଉଛି। ଗତ କିଛି ମାସ ମଧ୍ୟରେ ଏଭଳି ଘଟଣା ବାରମ୍ବାର ଘଟୁଛି।

ଶ୍ରୀମନ୍ଦିର ଉପରେ ବାରମ୍ବାର ଏଭଳି ଡ୍ରୋନ୍ ଉଡୁଥିବାବେଳେ ପୁଲିସ ନିରବ ଦ୍ରଷ୍ଟା ସାଜିବା ଓ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ଘଟଣାକୁ ଶ୍ରଦ୍ଧାଳୁ ଓ ସେବାୟତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଶ୍ରୀମନ୍ଦିର ସୁରକ୍ଷାରେ ଅବହେଳା ହେଉଥିବାବେଳେ ପୁଲିସ ପ୍ରଶାସନ ଓ ସରକାର ଚୁପ୍ ବସିବା ଘଟଣା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। କିଏ ଏବଂ କାହିଁକି ଡ୍ରୋନ୍ ଉଡ଼ାଇଲା ତା'କୁ ନେଇ ଉଠିଛି ପ୍ରଶ୍ନ? ପୂର୍ବରୁ ମଧ୍ୟ ଶ୍ରୀମନ୍ଦିର ଉପରେ ବାରମ୍ବାର ଉଡିଛି ଡ୍ରୋନ୍। ହେଲେ ଡ୍ରୋନ୍ ଉଡ଼ାଣ ଉପରେ ରୋକ୍ ଲଗାଇବାରେ କୌଣସି ସ୍ୱତନ୍ତ୍ର ପଦକ୍ଷେପ ପୋଲିସ ପକ୍ଷରୁ ନିଆଯାଉନାହିଁ। ତୁରନ୍ତ ଶ୍ରୀମନ୍ଦିର ସୁରକ୍ଷା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଦାବି କରିଛନ୍ତି ଶ୍ରଦ୍ଧାଳୁ।

ସୂଚନା ଅନୁସାରେ ଶୁକ୍ରବାର ଶ୍ରୀମନ୍ଦିରର ସିଂହଦ୍ୱାର ଠାରୁ ନୀଳଚକ୍ର ଯାଏଁ ଡ୍ରୋନ୍ ଉଡ଼ିଥିବା ଭକ୍ତମାନେ ଦେଖିଛନ୍ତି। ଡ୍ରୋନ୍ ଉଡ଼ିବା ସମୟରେ ଭକ୍ତମାନେ ଏହା ଦେଖିବା ପରେ ସିଂହଦ୍ୱାର ଥାନା ପୁଲିସକୁ ସୂଚନା ଦିଆଯାଇ ଥିଲା। ପୁଲିସ ଘଟଣାର ତଦନ୍ତ କରୁଛି।

## ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ଓ ଆଲୋଚନା ଚକ୍ର

# ଶ୍ରୀକୃଷ୍ଣଙ୍କ ଦର୍ଶନ ସାମ୍ପ୍ରତିକ ସମୟରେ ବହୁ ପ୍ରାସଙ୍ଗିକତା ବହନ କରେ

**ଭୁବନେଶ୍ୱର,୪।୯**
**ନ୍ୟୁଜ୍‌ବ୍ୟୁରୋ**

ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଶହୀଦ ନଗର ଠାରେ ଭଗବାନ ଶ୍ରୀକୃଷ୍ଣଙ୍କ ପବିତ୍ର ଜନ୍ମାଷ୍ଟମୀ ଓ ଆଲୋଚନା ଚକ୍ର ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ବିଶିଷ୍ଟ ଗବେଷକ, ଐତିହାସିକ ଡଃ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କ ପୌରୋହିତ୍ୟ ଓ ବରିଷ୍ଠ ସାମ୍ବାଦିକ, ପୁଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଗୀତାମଞ୍ଜରୀ ବେହେରାଙ୍କ ଦ୍ୱାରା ଭକ୍ତି ସଂଗୀତ ଓ ଗୀତଗୋବିନ୍ଦ ଗାୟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଓଡ଼ିଶାର ସଂସ୍କୃତି ପୁରୁଷ ଡଃ ଆର୍ଯ୍ୟ କୁମାର



ଜ୍ଞାନେନ୍ଦ୍ର, ଅଧ୍ୟାପକ ପ୍ରଫେସର ଡଃ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ପ୍ରାକ୍ତନ ଜିଲ୍ଲାପାଳ ଦିଗମ୍ବର ମହାନ୍ତି, ଦୈନିକ ସମାଜର ମହାପ୍ରବନ୍ଧକ, ସାରସ୍ୱତ ପ୍ରାଣ ଗୋପୀନାଥ ବାରିକ ଉପସ୍ଥିତ ରହିବା ସହ ଭଗବାନ ଶ୍ରୀକୃଷ୍ଣଙ୍କ ଗୀତାରେ ଥିବା ଦର୍ଶନ, ଚିନ୍ତନ, ମୂଲ୍ୟ ବୋଧ ଯୋଗ ତଥା ସମଗ୍ର ବିଶ୍ୱକୁ ଆଦର୍ଶ ଦେଖାଇଥିଲେ ତାହା ଅବିସ୍ମରଣୀୟ ବୋଲି ଅତିଥି ସମୂହ ମତବ୍ୟକ୍ତ କରିଥିଲେ। ମାନବୀୟ ମୂଲ୍ୟବୋଧ ସହିତ ସମଗ୍ର ବିଶ୍ୱବାସୀଙ୍କୁ ନୂତନ ଦିଗଦର୍ଶନ ଦେବା ସହିତ ଆଜିର କଳୁଷିତ ସମାଜ ତାଙ୍କର ବାଣୀ, କଥାକୁ ନିଜ ଜୀବନରେ ଗ୍ରହଣ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଆଜିର ଯୁବ ପିଢ଼ି ମା', ମାଟି, ମାତୃଭାଷା ପ୍ରତି ଅନୁରକ୍ତ ହେବା ସହିତ ଅଧିକରୁ ଅଧିକ ଗବେଷଣା, ନୂତନ ତଥ୍ୟ ତଥା ଆମ ମହାନ ସଂସ୍କୃତି ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି କାର୍ଯ୍ୟ କରିବାକୁ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ପତ୍ରକାର ଅରବିନ୍ଦ ତ୍ରିପାଠୀ, ସୌମ୍ୟ ରଞ୍ଜନ ନାୟକ, ନାରାୟଣ ଜେନା ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ପଦ୍ମନାଭ ତ୍ରିପାଠୀ।



ଭୁବନେଶ୍ୱର : ପବିତ୍ର ଜନ୍ମତିଥି ଅବସରରେ ବିଭିନ୍ନ ମନ୍ଦିରରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ପ୍ରତିମାଙ୍କୁ ଭକ୍ତମାନେ ଦୋଳିରେ ଝୁଲାଇବା ସହ କୃଷ୍ଣ ବେଶ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୁନିକୁନି ପିଲାମାନେ। (ଫଟୋ : ସମ୍ବାଦ କଳିକା)

# ବେଆଇନ ବାଲି ଉତ୍ତୋଳନ ନେଇ ହାଇକୋର୍ଟରେ ଅଭିଯୋଗ

**କଟକ,୪।୯ :ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଅନ୍ତର୍ଗତ ବୁଢ଼ାବଳଙ୍ଗ ନଦୀରୁ ବେଆଇନ ଭାବେ ବାଲି ଚୋରାଚାଲାଣ ଏବଂ ଏଥିରେ ସମ୍ପୃକ୍ତ ମାଫିଆଙ୍କ ବିରୋଧରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଅଭିଯୋଗରେ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ଅଭିଯୋଗକାରୀ ଦୁଲାରାମ ମୁର୍ମୁ। ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଇବା ସହ ନିରପେକ୍ଷ ତଦନ୍ତ କରାନଯିବା ନେଇ ସେ ହାଇକୋର୍ଟରେ ଏକ ଫୌଜଦାରୀ ମାମଲା (ସିଆରଏଲଏମପି) ଦାୟର କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ଜୁଲାଇ ୧୩ ତାରିଖରେ ବଡ଼ସାହି ଥାନା ଅଧୀନ ପାଇକପଡ଼ା ବାଲିଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥିବା ନେଇ ଦୁଲାରାମ ମୁର୍ମୁ ଜିଲ୍ଲା ଖଣି ଅଧିକାରୀଙ୍କୁ ଜଣାଇଥିଲେ। ଏନେଇ ବଡ଼ସାହି ଥାନାରେ ଏତଲା ଦିଆଯିବା ପରେ ପୁଲିସ ମାମଲା (କେସ୍ ନଂ ୩୧୨/୨୦୨୬) ରୁଜୁ କରିଥିଲା। କିନ୍ତୁ ଅଭିଯୋଗ ହୋଇଛି ଯେ, ପୁଲିସ ସଙ୍ଗଠିତ ଅପରାଧ ଏବଂ ଖଣି ଓ ଖଣିଜ ଦ୍ରବ୍ୟ ଆଇନ (ଏମଏମଡିଆର ଦଫା) ଅନୁଯାୟୀ କଡ଼ା ଦଫା ନ ଲଗାଇ ମାମଲାକୁ ହାଲୁକା କରିବାକୁ ଚେଷ୍ଟା କରିଛି। ଅଭିଯୁକ୍ତମାନେ ରାଜନୈତିକ ଓ ଆର୍ଥିକ ଭାବେ ପ୍ରଭାବଶାଳୀ ହୋଇଥିବାରୁ ସେମାନେ ଖୋଲାଆକାଶ ତଳେ ବୁଲୁଛନ୍ତି ଏବଂ ଅଭିଯୋଗକାରୀଙ୍କ ପରିବାରକୁ କେସ୍ ପ୍ରତ୍ୟାହାର କରିବା ପାଇଁ ଲଗାତାର ଧମକ ଦେଉଛନ୍ତି। ଏ ନେଇ ମୟୂରଭଞ୍ଜ ଏସପି ଓ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନାହିଁ । ଅଭିଯୁକ୍ତଙ୍କ ଅଗ୍ରୀମ ଜାମିନ ଆବେଦନ ଖାରଜ ହୋଇଥିଲେ ମଧ୍ୟ ପୁଲିସ ସେମାନଙ୍କୁ ଗିରଫ କରୁନାହିଁ।

# ପୁଲିସର ଏନକାଉଣ୍ଟର : ଦୁର୍ଦ୍ଦାନ୍ତ ଅପରାଧୀ ଆହତ

**ବାଲେଶ୍ୱର,୪।୯ : ନ୍ୟୁଜ୍‌ବ୍ୟୁରୋ**

ଦୀର୍ଘ ଦିନ ବ୍ୟବଧାନରେ ପୁଣି ଗର୍ଜିଛି ବାଲେଶ୍ୱରଜିଲ୍ଲା ପୁଲିସ ବନ୍ଧୁକ। ଏକ ଡକାୟତି ଯୋଜନା ପଣ୍ଡ କରିବାକୁ ଯାଇଥିବା ବେଳେ ପୁଲିସ ଉପରକୁ ଦୁର୍ଦ୍ଦାନ୍ତ ଅପରାଧୀ ଲୋକେଶ୍ ସିଂହ ଗୁଳି ଚଳାଇବାରୁ ପୁଲିସ ପାଲଟା ଗୁଳି ଚାଳନା କରିଥିଲା। ଏଥିରେ ଲୋକେଶ ଆହାତ ହୋଇ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛି। ସିମୁଳିଆ ପୋଲିସ ଗୁଳିରେ ଏହି ଦୁର୍ଦ୍ଦାନ୍ତ ଅପରାଧୀ ଆହତ ହୋଇଛି। ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ସୂଚନା ମୁତାବକ, ଗୁରୁବାର ରାତି ପ୍ରାୟ ୧୨ଟା ୧୫ ମିନିଟ ସମୟରେ ସିମୁଳିଆ ଥାନା ଆଇଆଇସି ଓ ତାଙ୍କ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଆଡା ଗାଁ ନିକଟରେ କିଛି ଦୁର୍ଦ୍ଦାନ୍ତ ଅପରାଧୀ ଏକତ୍ରିତ ହୋଇ ଡକାୟତି ଯୋଜନା କରୁଥିବା ନେଇ ସୂଚନା ପାଇଥିଲେ। ସୂଚନା ପାଇବା ପରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ସେଠାରେ ଦୁଇଟି ମୋଟରସାଇକେଲ ସହ ୫ ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖି ପୁଲିସ ପଚରାଉଚରା କରିବାକୁ ଉଦ୍ୟମ କରିଥିଲା। ପୁଲିସକୁ ଦେଖି ସେମାନେ ମୋଟରସାଇକେଲରେ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ପୁଲିସ ସେମାନଙ୍କ ପିଛା କରୁଥିବା ବେଳେ ଗୋଟିଏ ମୋଟରସାଇକେଲରେ ଥିବା ଲୋକେଶ ଓ ଅନ୍ୟ ଜଣେ ତଳେ ପଡ଼ିଯାଇଥିଲେ। ଅନ୍ୟମାନେ ଫେରାର ହୋଇଯାଇଥିବା ବେଳେ ଲୋକେଶ ଗିରଫରୁ ବର୍ତ୍ତିବା ପାଇଁ ପୋଲିସ ଉପରକୁ ପିସ୍ତଲ ଉଠାଇଥିଲା। ପୁଲିସ ପକ୍ଷରୁ ପାଲଟା ଗୁଳି ଚାଳନା କରାଯାଇଥିଲା। ଏଥିରେ ଲୋକେଶର ବାମ ଗୋଡ଼ରେ ଗୁଳି ବାଜିଥିଲା। ପରେ ପୁଲିସ ତାକୁ କାବୁ କରି ଚିକିତ୍ସା ପାଇଁ ଭଦ୍ରକ ଡିଏଚ୍‌ଏଚ୍‌କୁ ପଠାଇଛି। ତା' ନିକଟରୁ ଏକ ପିସ୍ତଲ, ଗୋଟିଏ ଗୁଳି ଏବଂ ଘଟଣାରେ ବ୍ୟବହୃତ ମୋଟରସାଇକେଲ ଜବତ କରାଯାଇଛି।

# ରାଜ୍ୟ ସରକାର ତୁରନ୍ତ ତ୍ରୁଟିଶୂନ୍ୟ ପୁସ୍ତକ ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରନ୍ତୁ : ବିଜେଡି

**ଭୁବନେଶ୍ୱର,୪।୯**
**ନ୍ୟୁଜ୍‌ବ୍ୟୁରୋ**

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ଗତ ଜୁନ୍ ମାସରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହେବା ପରେ ରାଜ୍ୟବ୍ୟାପୀ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ଘଟଣାକୁ ୩ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ତ୍ରୁଟିଶୂନ୍ୟ ବହି ପାଇପାରି ନାହାନ୍ତି, ଯାହାକୁ ନେଇ ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ପ୍ରଥମ ସମେଟିଭ ପରୀକ୍ଷା ନିକଟତର ହୋଇଥିବା ବେଳେ ଛାତ୍ରଛାତ୍ରୀ ମାନେ ତ୍ରୁଟିଶୂନ୍ୟ ପୁସ୍ତକ ପାଇପାରି ନାହାନ୍ତି, ଯାହା ଅଭିଭାବକ ମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି ବୋଲି ବିଜେଡି କହିଛି।

ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ମିହିର ରାୟ କହିଛନ୍ତି, ରାଜ୍ୟର ସରକାରୀ ସ୍କୁଲରେ ପ୍ରଚଳିତ ହେଉଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହେବା ପରେ ଦେଶବ୍ୟାପୀ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା, ଯେଉଁଥିପାଇଁ ଓଡ଼ିଶା ସର୍ବଭାରତୀୟ ସ୍ତରରେ ନିନ୍ଦିତ ହୋଇଥିଲା। ତୁରନ୍ତ ଏହି ତ୍ରୁଟିଗୁଡ଼ିକୁ ସୁଧାରି ନୂତନ ପୁସ୍ତକ ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରିବା ପାଇଁ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁସ୍ତକରେ ଥିବା ବ୍ୟାପକ ତ୍ରୁଟିକୁ ଏକ ଷଡ଼ଯନ୍ତ୍ର ବୋଲି ଅଭିହିତ କରିବା ସହିତ ନୂତନ ତ୍ରୁଟିଶୂନ୍ୟ ପୁସ୍ତକ ବିତରଣ କରାଯିବ ବୋଲି କହିଥିଲେ। କିନ୍ତୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନୂତନ ପୁସ୍ତକ ପ୍ରଦାନ କରାଯିବ ନାହିଁ ଓ ଶିକ୍ଷକମାନେ ବହିରେ ଥିବା ତ୍ରୁଟିକୁ ସୁଧାରି ପିଲାମାନଙ୍କୁ ପଢ଼ାଇବେ ବୋଲି କହିଥିଲେ, ଯାହାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା।

ଶ୍ରୀ ରାୟ କହିଛନ୍ତି, ଗତ ଅଗଷ୍ଟ ମାସରେ ବହିରେ ଥିବା ତ୍ରୁଟିକୁ ସଂଶୋଧନ କରି ରାଜ୍ୟ ସରକାର ଏକ ପିଡିଏଫ ପ୍ରକାଶ କରି ଜନସାଧାରଣ ଏହାକୁ ତର୍ଜମା କରିବା ପାଇଁ ଆହ୍ୱାନ କରିଥିଲେ। ଏହି ପିଡିଏଫରେ ମଧ୍ୟ ଅନେକ ତ୍ରୁଟି ପରିଲକ୍ଷିତ ହୋଇଛି, ଯାହା ରାଜ୍ୟ ସରକାରଙ୍କର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ପାଖରେ ତ୍ରୁଟିଶୂନ୍ୟ ବହି ହସ୍ତଗତ ହୋଇନଥିବା ବେଳେ ସେମାନଙ୍କ ପ୍ରଥମ ସମେଟିଭ ପରୀକ୍ଷାକୁ ଆଉ ମାସଟିଏ ବି ନାହିଁ।

ଶ୍ରୀ ରାୟ ଆହୁରି କହିଛନ୍ତି, ଦୁଃଖ ଓ ପରିତାପର ବିଷୟ ଯେ, ରାଜ୍ୟ ସରକାର ଛାତ୍ରଛାତ୍ରୀମାନଙ୍କୁ ନା ତ୍ରୁଟିଶୂନ୍ୟ ପୁସ୍ତକ ଯୋଗାଇଦେବାରେ ସକ୍ଷମ ହେଉଛନ୍ତି ନା ଏହି ପ୍ରସଙ୍ଗରେ ସ୍ପଷ୍ଟତା ଆଣୁଛନ୍ତି। ପୁସ୍ତକଗୁଡ଼ିକରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହେବାର ୩ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ସମସ୍ୟା ଯେଉଁଠାରେ ଥିଲା ସେହିଠାରେ ରହିଛି। ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ମନ୍ତବ୍ୟରେ କିଛି ତାଳମେଳ ରହୁନାହିଁ। ରାଜ୍ୟର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ସରକାର ଲୁଚକାଳି ଖେଳ ଖେଳୁଛନ୍ତି। ତ୍ରୁଟିଶୂନ୍ୟ ପୁସ୍ତକ ପ୍ରଦାନରେ ବିଫଳ ହୋଇଥିବାରୁ ଏହି ବିଫଳତାର ନୈତିକ ଦାୟିତ୍ୱ ନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦିଅନ୍ତୁ ଓ ରାଜ୍ୟ ସରକାର ତୁରନ୍ତ ତ୍ରୁଟିଶୂନ୍ୟ ପୁସ୍ତକ ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରନ୍ତୁ।

# ଅଳ୍ପକେ ବର୍ତ୍ତିଲା ଇଣ୍ଡିଗୋ ବିମାନ

**ମୁମ୍ବାଇ,୪।୯**

ନଭି ମୁମ୍ବାଇରୁ ଶ୍ରୀନଗର ଯାଉଥିବା ଇଣ୍ଡିଗୋ ବିମାନ ୬ ଇ-୨୨୫ ଏକ ବଡ଼ଧରଣର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛି। ଶୁକ୍ରବାର ବିମାନଟି ଶ୍ରୀନଗର ବିମାନ ବନ୍ଦରରେ ଅବତରଣ କରୁଥିବା ବେଳେ ପାର୍କିଂ ସମୟରେ ଏକ ପୋଲ୍ ଦେହରେ ପିଟି ହୋଇଯାଇଥିଲା। ତେବେ ଏଥିରେ ବିମାନର କୌଣସି ଅଂଶ କ୍ଷତିଗ୍ରସ୍ତ ହୋଇନାହିଁ। ସବୁ ଯାତ୍ରୀ ସୁରକ୍ଷିତ ଥିବା ଶ୍ରୀନଗର ବିମାନ ବନ୍ଦର କର୍ତ୍ତୃପକ୍ଷ ଜଣାଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୪/୦୯/୨୦୨୬
୪,୬୯,୩୩୧/- ଟଙ୍କା
ସୁନା:- ୧୨ ଗ୍ରାମ୍ ୪୦୦ମିଲିଗ୍ରାମ
ରୂପା:-୯୮ ଗ୍ରାମ୍ ୦୦୦ମିଲିଗ୍ରାମ

# ଛାତ୍ରଛାତ୍ରୀଙ୍କୁ ମିଳିବ ୨ ଲକ୍ଷ ଟଙ୍କାର ଦୁର୍ଘଟଣା ସହାୟତା

**ଭୁବନେଶ୍ୱର,୪।୯**
**ନ୍ୟୁଜ୍‌ବ୍ୟୁରୋ**

ଛାତ୍ରଛାତ୍ରୀଙ୍କ ଦୁର୍ଘଟଣା ସହାୟତା ରାଶିକୁ ନେଇ ନୂଆ ନିର୍ଦ୍ଦେଶାବଳୀ ଜାରି ହୋଇଛି। ଶିଶୁ ବାଟିକାରୁ ଦ୍ୱାଦଶ ପଢୁଥିବା ଛାତ୍ରଙ୍କ ପାଇଁ ଲାଗୁ ହେବ ବ୍ୟବସ୍ଥା। ମୃତ୍ୟୁ କିମ୍ବା ଅକ୍ଷମତା କ୍ଷେତ୍ରରେ ସହାୟତା ରାଶି ମିଳିବ ୨ ଲକ୍ଷ ଟଙ୍କା। ଉଚ୍ଚତର ଚିକିତ୍ସା ଲାଗି ସ୍ଥାନାନ୍ତର ପାଇଁ ମିଳିବ ୩୦ ହଜାର ଟଙ୍କା। ଯାତାୟାତ ଖର୍ଚ୍ଚ ବାବଦକୁ ମିଳିବ ୧୦ ହଜାର ଟଙ୍କା। ସରକାରୀ ମେଡିକାଲରେ ନିଃଶୁଳ୍କ ଚିକିତ୍ସା ପ୍ରଦାନ କରାଯିବ। ଅନୁକମ୍ପା ସହାୟତା ରାଶି ମା' କିମ୍ବା ବାପାଙ୍କୁ ପ୍ରଦାନ କରାଯିବ। ଉଭୟ ନଥିଲେ ଜିଲ୍ଲାପାଳଙ୍କ ଦ୍ୱାରା ଚିହ୍ନଟ ଅଭିଭାବକଙ୍କୁ ମିଳିବ ସହାୟତା। ସହାୟତା ରାଶି ପାଇଁ ପ୍ରଧାନଶିକ୍ଷକ, ଜିଲ୍ଲାପାଳ, ଡିଇଓ, ବିଇଓଙ୍କ ଅନୁମୋଦନ ଜରୁରୀ। ଅନୁମୋଦନର ୨୪ ଘଣ୍ଟା ମଧ୍ୟରେ ଅଭିଭାବକଙ୍କୁ ମିଳିବ ସହାୟତା ରାଶି।

# ବିଧାନସଭା ଷ୍ଟାଣ୍ଡିଂ କମିଟିର ଉତ୍ତର ପ୍ରଦେଶ ଗସ୍ତ

**ଭୁବନେଶ୍ୱର,୪।୯ :ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ବିଧାନସଭାର ବିଭାଗୀୟ ସ୍ଥାୟୀ କମିଟି-୩ର ଅଧ୍ୟକ୍ଷ ବାବୁ ସିଂଙ୍କ ଅଧ୍ୟକ୍ଷତାରେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶ ଗସ୍ତରେ ଯାଇଛନ୍ତି। ଉକ୍ତ ଗସ୍ତରେ ଷ୍ଟାଣ୍ଡିଂ କମିଟିର ସଦସ୍ୟ (ଡ.) ବ୍ୟୋମକେଶ ରାୟ, ସୁନିଲ କୁମାର ମହାନ୍ତି, ମାନସ କୁମାର ଦତ୍ତ ଓ ନୀଳମାଧବ ହିକ୍‌କା ପ୍ରମୁଖ ବିଧାୟକମାନେ କମିଟିଙ୍କ ଗସ୍ତରେ ସାମିଲ ଅଛନ୍ତି ଏବଂ ଉକ୍ତ ଗସ୍ତରେ ବିଧାନସଭା ତରଫରୁ କମିଟି ଅଧିକାରୀ ଈଶ୍ୱର ଚନ୍ଦ୍ର ନାୟକ ଓ ନିରଞ୍ଜନ କର, ଓଏସ୍‌ଡ଼ି ତଥା ଯୁଗ୍ମ ସଚିବ (ରିପୋର୍ଟିଂ) ମଧ୍ୟ କମିଟିଙ୍କ ଗସ୍ତରେ ସାମିଲ ହୋଇ ପୂର୍ଣ୍ଣ ସହାୟତା କରୁଛନ୍ତି।

ଷ୍ଟାଣ୍ଡିଂ କମିଟି ଉତ୍ତର ପ୍ରଦେଶ ରାଜ୍ୟ ବିଧାନସଭା ପରିଦର୍ଶନ କରିବା ସହିତ ବିଧାନସଭାର ବାଚସ୍ପତି ସତିଶ ମାହାନା ଓ ବିଧାନସଭା ସଚିବ ପ୍ରଦିପ କୁମାର ଦୁବେ ତଥା ଅନ୍ୟାନ୍ୟ ଅଧିକାରୀଙ୍କ ସହିତ ବିଧାନସଭା ପରିଚାଳନା, ସ୍ଥାୟୀ କମିଟି ଗଠନ ଓ ଅନ୍ୟାନ୍ୟ କମିଟିଙ୍କ କାର୍ଯ୍ୟ ପରିଚାଳନା ଏବଂ ଏହାର କ୍ଷମତା, ବିଧାନସଭାରେ କାର୍ଯ୍ୟକାରୀ ହେଉଥିବା ଇ-ବିଧାନ ସିଷ୍ଟମ୍‌ର ଉପଯୋଗ, ବିଧାନସଭାରେ ବଜେଟ୍ ଉପସ୍ଥାପନ କରିବା ଓ ପାରିତ କରିବା ପଦ୍ଧତି ଏବଂ ଏଠାରେ ବିଧାୟକମାନଙ୍କୁ ଦିଆଯାଉଥିବା ସୁବିଧାସୁଯୋଗ ସହିତ ନିର୍ମାଣ ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ, ଡ୍ରେନେଜ୍ ସିଷ୍ଟମ୍ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

ଏତଦ୍ ବ୍ୟତୀତ କମିଟି ବିଧାନସଭା ଗ୍ୟାଲେରୀ ପରିଦର୍ଶନ କରିବା ସହିତ ବିଧାନସଭା କାର୍ଯ୍ୟ ପରିଚାଳନା ସମ୍ପର୍କିତ ସମସ୍ତ ସୂଚନା କିପରି ବିଧାୟକ ଓ ସାଧାରଣରେ ଉପଲବ୍ଧ କରାଯାଇପାରୁଛି, ସେ ସମ୍ପର୍କରେ ବିଶେଷ ସୂଚନା ପ୍ରାପ୍ତ କରିଥିଲେ ଏବଂ ବିଧାନସଭା ଚାଲିଥିବାବେଳେ କିପରି ୟୁଟ୍ୟୁବ୍ ଓ ସିଧାପ୍ରସାରଣ କରାଯାଉଛି, ସେ ସମ୍ପର୍କରେ ମଧ୍ୟ ବିଶେଷ ସୂଚନା ପାଇଥିଲେ। ଉତ୍ତରପ୍ରଦେଶ ପରି ଓଡ଼ିଶା ରାଜ୍ୟ ବିଧାନସଭାରେ ମଧ୍ୟ ଅନୁରୂପ ଭାବରେ କିପରି ସଂସ୍କାର ଅଣାଯାଇପାରିବ ସେ ଦିଗରେ ପର୍ଯ୍ୟାଲୋଚନା କରାଯାଇଥିଲା।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

10001/513/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଭେକ୍ଟର ବାହିତ ରୋଗ ପ୍ରତିରୋଧ ସମ୍ପର୍କରେ କେତେକ ଜାଣିବା କଥା

ବର୍ଷା ଋତୁରେ ମଶା ବଂଶ ବୃଦ୍ଧି ପାଇବା ଏବଂ ମ୍ୟାଲେରିଆ, ଡେଙ୍ଗୁ ଓ ଜାପାନୀ ଜ୍ୱର ଭଳି ରୋଗ ବ୍ୟାପିବାର ଆଶଙ୍କା ଅଧିକ ଅଛି। ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ପାଖରେ ଜମୁଥିବା ପାଣିକୁ ସପ୍ତାହରେ ଅନ୍ତତଃ ଥରେ ନିଷ୍କାସନ କରିଦିଅନ୍ତୁ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର ଏବଂ ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଚାମ୍ବର ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଖଡ଼େଇ, କୋତୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ଔଷଧ ଉପଚରିତ ମଶାରି ବ୍ୟବହାର କରନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଶରୀରକୁ ପୁରା ଘୋଡ଼ାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସା କରାନ୍ତୁ

ଉପଯୁକ୍ତ ସଚେତନତା ସହିତ ସମୟୋଚିତ ପଦକ୍ଷେପ ସୁସ୍ଥ ଜୀବନର ମୂଳମନ୍ତ୍ର

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପଲାଇନ୍: ୧୦୪

OIPR-10001/10003/2/26-27/0048

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/